

କୃତୀ ଛାତ୍ରଙ୍କ ସମ୍ବର୍ଦ୍ଧନା ସଭାରେ ବିଷ୍ଣୁଦେବ |୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିବାହ କରିବେ ପ୍ରଭାସ |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୪ Vol. 22 No-134 13 AUGUST 2025 WEDNESDAY, BHUBANESWAR ବୁଧବାର, ୧୩ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆୟକର ବିଲ୍ ରାଜ୍ୟସଭାରେ ପାରିତ, ୧୮ଯାଏ ସଂସଦ ମୁଲତବୀ

ନୂଆଦିଲ୍ଲୀ, ୧୨।୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ନୂଆ ଆୟକର ବିଲ୍ ସୋମବାର ଲୋକସଭାରେ ପାରିତ ହେବା ପରେ ମଙ୍ଗଳବାର ରାଜ୍ୟସଭାରେ ପାରିତ ହୋଇଛି। ଏଥିସହ ଆଉ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟ ରାଜ୍ୟସଭାରେ ପାରିତ ହୋଇଛି। ଏହାପରେ ସଂସଦକୁ ୧୮ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

### ଆଜି ଓଡ଼ିଶା ଆସୁଛନ୍ତି ମୋହନ ଭାଗବତ

ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): ଏକ ୩ ଦିନିଆ ଓଡ଼ିଶା ଗସ୍ତରେ ବୁଧବାରଠାରୁ ଆସୁଛନ୍ତି ଆରଏସଏସ ମୁଖ୍ୟ ମୋହନ ଭାଗବତ। ସେ ଭୁବନେଶ୍ୱର, କଟକର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

### ଓଡ଼ିଶାରେ ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ

ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): ବିଜେପିର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ଏକ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିବା ସୂଚନା ମିଳିଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପସଭାପତି ଓ ସଂଗଠନ ମହାମନ୍ତ୍ରୀ ମଧ୍ୟ ଏହି ବୈଠକରେ ସାମିଲ ହୋଇଥିଲେ।

### ନାବାଳିକାକୁ ଅସଦାଚରଣ ଅଭିଯୋଗ

ଯାଜପୁର, ୧୨।୮ (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରାଯାଇଛି।

ସେନ୍‌ସେକ୍ସ: ୮୦,୨୩୫.୫୯

ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

### ୧୨।୮।୨୦୨୫ ର ମତାମତ

ବାରମ୍ବାର ଘଟୁଥିବା ନାବାଳିକା ଆତ୍ମାହୂତି ଘଟଣାକୁ ରୋକାଯାଇ ପାରିବ କି?




### ଆଜିର ପ୍ରସଙ୍ଗ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

# ଓଡ଼ିଶାକୁ ୨ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ



### ଇନ୍‌ଫୋ ଭ୍ୟାଲିରେ ହେବ ସେମିକଣ୍ଡକ୍ଟର ପ୍ଲାଣ୍ଟ
### ଓଡ଼ିଶାର ଆର୍ଥିକ ବିକାଶରେ ସହାୟକ: ଧର୍ମେନ୍ଦ୍ର
### ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୮: ମଙ୍ଗଳବାର କେନ୍ଦ୍ର କ୍ୟାବିନେଟରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୮,୫୪୧ କୋଟି ଟଙ୍କାର ଯୋଜନାକୁ ମଞ୍ଜୁରି ମିଳିଛି। ଦେଶରେ ୪ଟି ନୂଆ ସେମିକଣ୍ଡକ୍ଟର ପରିଯୋଜନାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ଯୋଜନା ବାବଦରେ ୪୫୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ଓଡ଼ିଶା, ପଞ୍ଜାବ ଓ ଆନ୍ଧ୍ରରେ ସ୍ଥାପନ କରାଯିବ। ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। କ୍ୟାବିନେଟ ବୈଠକ ପରେ ଏ ନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି, କେନ୍ଦ୍ର ମନ୍ତ୍ରିମଣ୍ଡଳ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଆଉ ୪ଟି ସେମିକଣ୍ଡକ୍ଟର ପରିଯୋଜନାକୁ ମଞ୍ଜୁରି ଦେଇଛି। ଅନୁମୋଦିତ ପ୍ରସ୍ତାବ ସିକ୍‌ସେମ୍, କଣ୍ଟିନେଣ୍ଟାଲ ଡିଭାଇଲ ପ୍ରାଇଭେଟ ଲିମିଟେଡ୍, ଥ୍ରୀଡି ସଲ୍ୟୁସନ ଇଙ୍କ୍ ଓ ଆଡଭାନ୍ସ ସିଷ୍ଟମ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜି ସହ ଜଡ଼ିତ। ଓଡ଼ିଶା, ଆନ୍ଧ୍ର, ପଞ୍ଜାବରେ ଏହି ପ୍ଲାଣ୍ଟ ସ୍ଥାପନ ହେବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ। ତେବେ ସିକସେମ୍ ଏବଂ ଥ୍ରୀ ଡି ଗ୍ଲାସ ସଲ୍ୟୁସନ ଇଙ୍କ୍ ଓଡ଼ିଶାରେ ସ୍ଥାପନ କରାଯିବ। ସେହିପରି ସିଡିଆଇଏଲ ପଞ୍ଜାବ ଓ ଏଏସଆଇପି ଆନ୍ଧ୍ରରେ ସ୍ଥାପନ ହେବ। ଏହି ଯୋଜନାରେ ୨୦୩୪ କୁଶଳୀଙ୍କୁ ନିଯୁକ୍ତି ମିଳିବ। ଏହାବାଦ ପରୋକ୍ଷରେ ମଧ୍ୟ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଶରେ ଆଇଏସଏମ୍ ଅଧୀନରେ ବର୍ତ୍ତମାନ ସୁଦ୍ଧା ମୋଟ ୧୦ଟି ପରିଯୋଜନା ରହିଛି। ପୂର୍ବ ପ୍ରକଳ୍ପ ଅଧୀନରେ ୬ଟି ରାଜ୍ୟରେ ପ୍ରାୟ ୧.୬୦ଲକ୍ଷ କୋଟିର ନିବେଶ କରାଯାଇଛି। ସିକସେମ୍ ପ୍ରାଇଭେଟ ଲିମିଟେଡ୍ ଭୁବନେଶ୍ୱର ଇନଫୋଭ୍ୟାଲିରେ ବ୍ରିଟେନସ୍ଥିତ କ୍ଲାସ୍‌ସିକ୍ ୱାଫର ଫାବ୍ ଲିମିଟେଡ୍ ସହିତ ମିଳିତ ଭାବେ ଏକ ସମନ୍ୱିତ ସିଲିକନ୍ କାର୍ବାଇଡ୍ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ କରିବ। ଏହା ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ଫେବ୍ରିକେଶନ ୟୁନିଟ୍ ହେବ। ଏହି ପ୍ରକଳ୍ପରେ ସିଲିକନ କାର୍ବାଇଡ ଉପକରଣ ନିର୍ମାଣ କରିବାର ପ୍ରସ୍ତାବ ରହିଛି। ଏହି କମାଉଣ୍ଡ ସେମିକଣ୍ଡକ୍ଟର ଫାବ୍ ୟୁନିଟ୍‌ର ବାର୍ଷିକ କ୍ଷମତା ୬୦ହଜାର ୱାଫେଡ୍ ଏବଂ ପ୍ୟାକେଜିଂ କ୍ଷମତା ୯୬ ନିୟୁତ ୟୁନିଟ୍ ରହିବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକ କ୍ଷେପଣାସ୍ତ୍ର, ପ୍ରତିରକ୍ଷା ଉପକରଣ, ବୈଦ୍ୟୁତିକ ଯାନ, ରେଳବାଇ, ଫାଷ୍ଟଚାର୍ଜର, ଡାଟାସେଣ୍ଟର ର୍ୟାକ୍ସ, ଖାଉଟି ଉପକରଣ ଏବଂ ସୌରଶକ୍ତି ଇନଭର୍ଟରରେ ବ୍ୟବହୃତ ହେବ। ଏହାଫଳରେ ଓଡ଼ିଶାର ଆର୍ଥିକ ବିକାଶ ହେବ ବୋଲି ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ଏହା ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ଭେଟି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିନେଇ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାୟୋ ଟେକ୍ନୋଲୋଜି ଗବେଷଣା କରିଡର ଲଞ୍ଚ କଲେ ମୁଖ୍ୟମନ୍ତ୍ରୀ

# ନବସୃଜନ ପାଇଁ ଆଶାର କିରଣ



ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ବାୟୋ ଟେକ୍ନୋଲୋଜି ଗବେଷଣା ଏବଂ ନବସୃଜନ କରିଡ଼ର ଲଞ୍ଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗର ଏକ ନୂତନ ପ୍ରୟାସ ଓମ୍ ବ୍ରିକ୍‌ର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପରିବେଶ ସୁରକ୍ଷା, ବିଜ୍ଞାନଭିତ୍ତିକ ପର୍ଯ୍ୟନ୍ତ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ନୂତନ ନିଯୁକ୍ତି ଏବଂ ଜୀବିକା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓସେନ ଟେକ୍ନୋଲୋଜି ମଧ୍ୟରେ ଏକ ଗବେଷଣା ଏବଂ ବିକାଶ ସହଯୋଗ ନେଇ ଏକ ଏମଓୟୁ ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଛି। ଏହାସହିତ ଓଡ଼ିଶାର ୬ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗବେଷଣା ଏବଂ ବିକାଶ ସହାୟତା ପ୍ରଦାନ ପାଇଁ ସରକାରଙ୍କ ସହ ସହଭାଗିତା କରିଛନ୍ତି। ଓମ୍ ବ୍ରିକ୍ ଲଞ୍ଚ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓମ୍ ବ୍ରିକ୍ ନବସୃଜନ ପାଇଁ ଆଶାର କିରଣ ପାଲଟିବ। ରାଜ୍ୟର ନୀଳ ଅର୍ଥନୀତିକୁ ପରିବର୍ତ୍ତନ କରିବ ଏବଂ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେବ। ଏହି ପ୍ରୟାସ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ସାମୁଦ୍ରିକ ବାୟୋଟେକ୍ ଷ୍ଟାର୍ଟଅପ୍ ନିର୍ମାଣ କରିବାରେ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହାଛଡ଼ା ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରିବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟରୁ ଏକ ଉପକୂଳୀୟ ଉଭାବକ ହେବାରେ ଲାଗିଛି, ଯାହା ଅର୍ଥନୈତିକ ଏବଂ ପରିବେଶଗତ ଲାଭ ପାଇଁ ଏହାର ଜୈବ ବିବିଧତାକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରୁଛି। ଏହି ଅବସରରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜୈବ ପ୍ରଯୁକ୍ତି ବିଦ୍ୟାରେ ରାଜ୍ୟର ବିଶାଳ ସମ୍ଭାବନା କଥା ଉଲ୍ଲେଖ କରିବା ସହ ଓମ୍ ବ୍ରିକ୍‌କୁ ଏକ ସମୃଦ୍ଧ ଭବିଷ୍ୟତ ପାଇଁ ଏକ ବ୍ଲୁପ୍ରିଣ୍ଟ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଏହି ନୂତନ ଟେକ୍ନୋଲୋଜି ବିକଶିତ ଓଡ଼ିଶା ପାଇଁ ଏକ ବରଦାନ ପାଲଟିବ। ଏଥିରେ ଜୈବ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ ସମୃଦ୍ଧ ଭବିଷ୍ୟତ ଗଠନ ନିମନ୍ତେ ଯୁବପିଢିଙ୍କୁ ଉତ୍ସାହିତ କରାଯିବ।

### ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଞ୍ଜୁର

# କମିଟି ଗଠନ କଲେ ବାଚସ୍ପତି



ନୂଆଦିଲ୍ଲୀ, ୧୨।୮: ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଞ୍ଜୁରି ଦେଇଛନ୍ତି। ଏହାସହ ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ୩ ସଦସ୍ୟଙ୍କୁ ନେଇ ଏକ କମିଟି ମଧ୍ୟ ଗଠନ କରିଛନ୍ତି। ଏହି କମିଟିରେ ସୁପ୍ରିମକୋର୍ଟ ଓ ହାଇକୋର୍ଟରୁ ଜଣେ ଲେଖାଏଁ ବିଚାରପତି ରହିଥିବାବେଳେ ଜଣେ ଆଇନ ବିଶାରଦ ମଧ୍ୟ ସାମିଲ ହୋଇଛନ୍ତି। ତଦନ୍ତ କମିଟିର ରିପୋର୍ଟ ମିଳିବା ପର୍ଯ୍ୟନ୍ତ ମହାଭିଯୋଗ ପ୍ରସ୍ତାବ ଲୋକସଭାରେ ବିଚାରାଧୀନ ରହିବ । ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ କମିଟିରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମନୀନ୍ଦ୍ରା ମୋହନ ଶ୍ରୀବାସ୍ତବ ଓ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଆଇନ ବିଶାରଦ ବି.ଭି.ଆଚାର୍ଯ୍ୟ ମଧ୍ୟ ସାମିଲ ହୋଇଛନ୍ତି। କମିଟି ଗଠନ ପରେ ଜଷ୍ଟିସ ବର୍ମାଙ୍କ ସମସ୍ୟା ବଢ଼ିଥିବା କୁହାଯାଉଛି। ଏହି ମହାଭିଯୋଗ ପ୍ରସ୍ତାବରେ ମୋଟ ୧୪୬ଜଣ ସଦସ୍ୟ ସ୍ୱାକ୍ଷର କରିଛନ୍ତି। ଯେଉଁଥିରେ ଶାସକଦଳ ଓ ବିରୋଧୀଦଳର ନେତା ସାମିଲ ରହିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ମାର୍ଚ୍ଚ ୧୪ ତାରିଖରେ ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା। ସେ ସେତେବେଳେ ଦିଲ୍ଲୀ ହାଇକୋର୍ଟରେ ଥିଲେ। ସୂଚନା ପାଇବା ପରେ ଦିଲ୍ଲୀ ଅଗ୍ନିଶମବାହିନୀ ତାଙ୍କ ଘରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ଏହାପରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଷ୍ଟିସ ବର୍ମାଙ୍କ ଷ୍ଟୋର ● ପୃଷ୍ଠା ୫ ଦେଖନ୍ତୁ

## ସଚିବସ୍ତରୀୟ ବୈଠକରେ ବଡ଼ ନିଷ୍ପତ୍ତି

# ସରକାରୀ ଅଫିସରେ ଲାଗିବ ଏଆଇ କ୍ୟାମେରା




ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରିଥିଲେ। ଏହି

**୧୦ଟି ପ୍ରସଙ୍ଗ ଉପରେ ମୁଖ୍ୟ ସଚିବଙ୍କ ଫୋକସ୍**

ବୈଠକରେ ୧୦ଟି ମୁଖ୍ୟ ପ୍ରସଙ୍ଗ ଉପରେ ଫୋକସ କରାଯିବା ସହ ଅଧିକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ତୁରନ୍ତ ଅନୁପାଳନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ସମସ୍ତ ବିଭାଗୀୟ ସଚିବ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଏଣିକି ସବୁ ସରକାରୀ ଅଫିସରେ ଲାଗିବ ଏଆଇ କ୍ୟାମେରା। ନିର୍ଦ୍ଧାରିତ ସମୟରେ କର୍ମଚାରୀମାନେ ଅଫିସରେ ଉପସ୍ଥିତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଭଲ ପ୍ରଦର୍ଶନ କରୁନଥିବା ଅଧିକାରୀଙ୍କ ଉପରେ ନଜର ରଖାଯିବ। ସରକାରୀ କାର୍ଯ୍ୟରେ ଅବହେଳା କଲେ ଆଗୁଆ ଅବସର ଦିଆଯିବ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସୁଥିବା ୟୁଆଇ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଖାରବେଳ ଭବନ ଓ ଲୋକସେବା ଭବନରେ ଏଆଇ କ୍ୟାମେରା ଲଗାଯିବାକୁ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ସବୁ ସରକାରୀ କାର୍ଯ୍ୟାଳୟରେ ଏହା ଲଗାଯିବ। ନିର୍ଦ୍ଧାରିତ ସମୟରେ ଅଧିକାରୀମାନେ ଅଫିସ ଆସିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ନୂଆ ମେକାନିଜିମ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜଣେ ପରେ ଜଣେ ଆହୂତି ଦିଅନ୍ତି
ବାଲେଶ୍ୱରଠାରୁ ଷ୍ଟାର୍ଟ,
ଜୀବନକୁ ନେଇ ଖେଳ ଖେଳିବାଟା
ଫଟାଇ ଦେଉଛି ହାର୍ଟ ।
କିଏ ଲେଖୁଛି ଏ ପ୍ଲଟ (!)
ଏକଥା ସର୍କାର ସନ୍ଦେହ କଲେଣି
ସନ୍ଦେହ ବି ଗୋଟେ ଆର୍ଟ !!

# ସର୍ବନିମ୍ନସ୍ତରକୁ ଖସିଲା ଖୁଚୁରା ମୁଦ୍ରାସ୍ଫୀତି



ନୂଆଦିଲ୍ଲୀ, ୧୨।୮: ୮ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସିଲା ଖୁଚୁରା ମୁଦ୍ରାସ୍ଫୀତି। ଗତ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୧.୫୫ ପ୍ରତିଶତକୁ ହ୍ରାସ ପାଇଛି। ୨୦୧୭ ଜୁଲାଇ ପରେ ଏହା ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି। ଏହି ହ୍ରାସ ଜୁନ୍ ମାସର ୨.୧୦ ପ୍ରତିଶତ ତୁଳନାରେ ୫୫ ବେସିସ୍ ପଏଣ୍ଟର ଏକ ବଡ଼ ହ୍ରାସ ବୋଲି କୁହାଯାଉଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତିରେ ଅଧିକ ହ୍ରାସ ଦେଖାଦେଇଛି। ଜୁଲାଇରେ ଏହା ୧.୭୬ ପ୍ରତିଶତକୁ ହ୍ରାସ ପାଇଛି। ଯାହା ଜାନୁଆରୀ ୨୦୧୯ ପରଠାରୁ ସର୍ବନିମ୍ନ ସ୍ତର। ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଖାଦ୍ୟ ମୂଲ୍ୟରେ ହ୍ରାସ ଘଟିଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁସାରେ ଗ୍ରାମୀଣ ଖାଦ୍ୟ ମୁଦ୍ରାସ୍ଫୀତି ୧.୭୪ ପ୍ରତିଶତ ରହିଥିବାବେଳେ ସହରାଞ୍ଚଳରେ ଏହା ୧.୯୦ ପ୍ରତିଶତ ରହିଛି। ସାମଗ୍ରିକ ମୁଦ୍ରାସ୍ଫୀତିରେ ହ୍ରାସ ମୁଖ୍ୟତଃ ଡାଲି, ● ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ

# ୩ ଦିନ ଧରି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବୁଧବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ରାଜ୍ୟରେ ୩ ଦିନ ଧରି ମଧ୍ୟମରୁ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କିମିର ଝଟ୍‌କା ପବନ ମାରିବାର ସମ୍ଭାବନା ରହିଛି। ତେବେ ମାଲକାନଗିରି ଓ କୋରାପୁଟରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏହି ଦୁଇ ଜିଲ୍ଲାପାଇଁ ସ୍ୱତନ୍ତ୍ର ଭାବେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଗଜପତି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀରରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୧୫ ତାରିଖ ଯାଏ ଅତି ପ୍ରବଳ ବର୍ଷା ହେବ। ଏହାପରେ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।



ଏହି ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଚଳିତ ମୌସୁମୀ ଋତୁରେ ଅର୍ଥାତ୍ ଗତ ଜୁନ୍ ୧ ତାରିଖଠାରୁ ଆଜିପର୍ଯ୍ୟନ୍ତ ରାଜ୍ୟରେ ୬୫୫.୯ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ସ୍ୱାଭାବିକଠାରୁ ୬ ପ୍ରତିଶତ କମ୍। ୧୬ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୩ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ୧୧ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ସର୍ବାଧିକ ୭୦.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି।

### ହରିଜନ ଶବ୍ଦ ବ୍ୟବହାର ଉପରେ ରୋକ୍

ଭୁବନେଶ୍ୱର, ୧୨।୮ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଅନୁସୂଚୀତ ଜାତି ଶବ୍ଦକୁ ଗୁରୁତ୍ୱ ଦେଇଛନ୍ତି। ହରିଜନ ଶବ୍ଦ ବଦଳରେ ଅନୁସୂଚୀତ ଜାତି ଶବ୍ଦ ବ୍ୟବହାର ପାଇଁ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିକାଶ ବିଭାଗ ପକ୍ଷରୁ ଚିଠି ଜାରି ହୋଇଛି। ଏହି ଚିଠି ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ହରିଜନ ଶବ୍ଦ ବ୍ୟବହାର କରାଯାଇପାରିବ ନାହିଁ । ଏପରିକି ଜାତି ପ୍ରମାଣପତ୍ରରେ ମଧ୍ୟ ହରିଜନ ଶବ୍ଦ ବଦଳରେ ଅନୁସୂଚୀତ ଜାତି ଶବ୍ଦ ବ୍ୟବହାର କରାଯିବ। ସୂଚନାଯୋଗ୍ୟ ଯେ ହରିଜନ ଶବ୍ଦକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଘଟୁଥିବାରୁ ଏହି ପଦକ୍ଷେପ ନିଆଯାଇଛି।

### ତେଲଙ୍ଗାନାରେ ୩ ଶ୍ରମିକ ମୃତ

ଉମରକୋଟ, ୧୨।୮ (ଭାସ୍କର ନ୍ୟୁଜ): ସେମାନେ ପରିବାର ପ୍ରତିପୋଷଣ ପାଇଁ ଗାଁ ଛାଡ଼ି ସୁଦୂର ତେଲଙ୍ଗାନାକୁ ଯାଇଥିଲେ। ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ଏକ ଦୁର୍ଘଟଣାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା ଉମରକୋଟ ବକଡ଼ାବେଡା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତେବେ ପରିବାର ଲୋକେ ମୃତଦେହ ଆଣିବା ପାଇଁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି।



ବେତନଟୀ(ଭାସ୍କର ନ୍ୟୁଜ୍): ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ବାଣୀପୀଠ' ତରଫରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ମୟୂରଭଞ୍ଜ ବଡ଼ସାହି ବିବେକାନନ୍ଦ ବିହାରରୁ ପ୍ରତିମାସ ପ୍ରକାଶ ପାଉଥିବା ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା କାକଳୀ ଓ ମାସିକ ଓଡ଼ିଆ ଶିଶୁ କିଶୋର ପତ୍ରିକା ଆମ ସୁନାଚାନ୍ଦର ଅଗଷ୍ଟ ସଂଖ୍ୟା ଆଜି ପୂର୍ବାହ୍ନରେ ବାଣୀଭବନ ଠାରେ ଉନ୍ମୋଚିତ ହୋଇ ଥିଲା । ବାଣୀପୀଠର ଅଧ୍ୟକ୍ଷ ତଥା ପତ୍ରିକାର ସଂପାଦକ ଡ଼କ୍ଟର କୁମାର ବାବୁଲି ଅଧ୍ୟକ୍ଷତା କରିଥିଲେ। କବି ତଥା ଶିଶୁ ସାହିତ୍ୟିକ କାର୍ତ୍ତିକ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିଶୁ ପତ୍ରିକା ପିଲାଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇବା ସହିତ ପିଲାଙ୍କୁ ମାର୍ଜିତ ଓ ଲେଖିବାର ସ୍ପୃହାକୁ ପରିସ୍ଫୁଟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବିସ୍ମୟ କୁମାର ମହାନ୍ତ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ପ୍ରିୟଙ୍କା ମହାନ୍ତ, ମଳୟ ମଞ୍ଜରୀ ରଥ, ଶ୍ରୀୟା ରାଣୀ ସିଂ, ସୌମ୍ୟରଞ୍ଜନ ନାୟକ, ବର୍ଷା ମହାନ୍ତ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଂଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଆନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ । ଶିଶୁ ଜିତ୍ ସିଂ, ସୂର୍ଯ୍ୟପ୍ରତାପ ସ୍ୱାଇଁ, ଆକାଶ କୁମାର ବେହେରା, ଶୋଭାଗ ମହାନ୍ତ, ପ୍ରୀତିଲତା ପରିଡା, କ୍ଷିପ୍ତା ଗିରି, ଦମୟନ୍ତୀ ସିଂ, ପ୍ରଭାସିନି ସିଂ, ଗାୟତ୍ରୀ ମହାନ୍ତ, ପପୁ ହେମ୍ବ୍ରମ ଓ ସଂଜିବ୍ ପରିଡା ଆଦି ପତ୍ରିକା ଉନ୍ମୋଚନ କରି ପଦର୍ଶିତ କରିଥିଲେ। ଶେଷରେ ସଂଧାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳରାପତ୍ରିଆ ବାଘ ଆକ୍ରମଣରେ ୧୨ଛେଳି ମୃତ

କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅନ୍ତର୍ଗତ ଯଶିପୁର ବ୍ଲକ ଏକତାଳି ପଞ୍ଚାୟତର କୁମୁଡାବାଡ଼ି ଜଙ୍ଗଲରେ ଶନିବାର କଲରାପତ୍ରିଆ ବାଘ ଆକ୍ରମଣରେ ୧୨ ଛେଳି ମୃତ ହୋଇଥିବା ଜଣାଯାଇଛି । ପ୍ରତ୍ୟେକଦିନ ପରି କୁମୁଡାବାଡ଼ି ଗ୍ରାମର ଲୋକେ ନିକଟସ୍ଥ ଜଙ୍ଗଲକୁ ୫୦ରୁ ୬୦ ଛେଳି ଚରାଇବାକୁ ଯାଉଥିଲେ । ଶନିବାର ସକାଳ ଗ୍ରାମବାସୀ ଛେଳିଗୁଡିକୁ ଚରାଇବାକୁ ଜଙ୍ଗଲ ମଧ୍ୟକୁ ପ୍ରବେଶ କରନ୍ତେ ପୂର୍ବରୁ ଛପି ରହିଥିବା କଲରାପତ୍ରିଆ ବାଘ ଛେଳିମାନଙ୍କ ଉପରେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ୧୨ ଛେଳିଙ୍କ ମୃତ୍ୟୁ ହୋଇଯାଇଥିଲା ।ଖବରପାଇ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ, ଏକତାଳି ବନପାଳ ଯତୀନ୍ଦ୍ର ବେହେରା, ବନରକ୍ଷୀ ସଂଯୁକ୍ତା ନାୟକ ଘଟଣାସ୍ଥଳକୁ ଯାଇ ମୃତ ଛେଳିମାନଙ୍କୁ ଉଦ୍ଧାର ପରେ ଯଶିପୁର ପ୍ରାଣୀଧନ ଅଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇଥିଲେ । ମୃତ ୧୨ ଛେଳି ଏକତାଳି ଗ୍ରାମର ସୀତାରାମ ଟୁଡୁଙ୍କ ବୋଲି ଜଣାଯାଇଛି । ନିୟମ ଅନୁଯାୟୀ ପ୍ରତି ଛେଳି ପିଛା ୫ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ସମାଜସେବୀ ଦୀପକ୍ କୁମାର ସମ୍ବର୍ଦ୍ଧିତ

ଫୁଲନଖରା (ଭାସ୍କର ନ୍ୟୁଜ୍): ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ ଓଡ଼ିଶା ପ୍ରଦେଶ ପକ୍ଷରୁ ବାଲେଶ୍ୱର ଠାରେ ଅନୁଷ୍ଠିତ ସଭାରେ ସମାଜସେବା କ୍ଷେତ୍ରରେ ଅବଦାନ ନେଇ ଦୀପକ୍ କୁମାର ଚୌଧୁରୀଙ୍କୁ ପ୍ରେସିଡେନ୍ସିଆଲ ଆୱାର୍ଡ଼ ପ୍ରଦାନ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଚେନ୍ନାଇର ପୂର୍ବ ଇଣ୍ଟରନେସନାଲ ନିର୍ଦ୍ଦେଶକ ଲାୟନ ଏନ.ଏସ୍ ଶଙ୍କର ଯୋଗ ଦେଇ ଲାୟନ୍ସ ଜିଲ୍ଲା ୩୨୨ ସି୫ ର ସମସ୍ତ କ୍ୟାବିନେଟ୍ ମେମ୍ବର ଓ ସହ ଲୋକ ସମ୍ପର୍କ ଅଧିକାରୀ ଦୀପକ୍ କୁମାର ଚୌଧୁରୀ,ଗିରିଜା ମିଶ୍ର,କୋଷାଧ୍ୟକ୍ଷ ମନିଷା ଦାସ,ସହ କୋଷାଧ୍ୟକ୍ଷ ବାବଲି ଗୁପ୍ତା,ସମ୍ପାଦକ କ୍ରିଷ୍ଣା ଦାସ, ସହ ସମ୍ପାଦକ ଶର୍ମିଷ୍ଠା ଦାସ ଏବଂ ଜିଏଲଟି କୋର୍ଡ଼ିନେଟର ସୌମ୍ୟରଞ୍ଜନ ପ୍ରଧାନ, ଜିଏମଟି କୋର୍ଡ଼ିନେଟର ସଂଗ୍ରାମ ରଞ୍ଜନ ଦାସ,ଜିଏସଟି କୋର୍ଡ଼ିନେଟର ସମରେଶ ଡିଣ୍ଡା,ଜିଇଟି କୋର୍ଡ଼ିନେଟର ସଞ୍ଜୟ ସନ୍ତୁକ ସହିତ ଦ୍ୱିତୀୟ ଭାଇସ୍ ଜିଲ୍ଲା ଗଭର୍ଣ୍ଣର ଅଶୋକ କୁମାର ମହାନ୍ତି,ପ୍ରଭାତ ମହାନ୍ତି,ଶରତ ପ୍ରଧାନ,ପ୍ରଥମ ଜିଲ୍ଲା ଗଭର୍ଣ୍ଣର ବିକାଶ ନାୟକ ଏବଂ ଏ ବର୍ଷ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲା ଗଭର୍ଣ୍ଣର ଭାବରେ ମମତା ଦାସଙ୍କୁ ଏନଏସ ଶଙ୍କର ଶପଥ ପାଠ କରାଇଥିଲେ । ଏହି ସଭା ଏବଂ ଶପଥ ପାଠର ଆୟୋଜନ ଜିଲ୍ଲା ଗଭର୍ଣ୍ଣର ମମତା ଦାସ ଆୟୋଜନ କରିଥିବା ବେଳେ,ପୂର୍ବ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷର ଜିଲ୍ଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନାଙ୍କ ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ଉତ୍ସବରେ ସୁଦୂର କଲିକତାର ମଲ୍ଟିପୁଲ ଏମଡି ୩୨୨ ର ଦୁଇଜଣ ଲିଡର ନିର୍ମଳ ଗିଡ୍ରା ଏବଂ ପ୍ରବୀଣ ଅଗ୍ରୱାଲ ଯୋଗ ଦେଇଥିଲେ । ଏହି ସଭାରେ ୨୦୨୫/୨୬ ବର୍ଷ ପାଇଁ ଡିଷ୍ଟ୍ରିକ୍ଟ ଡାଇରେକ୍ଟୋରି ଲାୟନ୍ସ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଦୀପକ୍ କୁମାର ଚୌଧୁରୀ,ସହ ଲୋକ ସମ୍ପର୍କ ଅଧିକାରୀ ଗିରିଜା ମିଶ୍ର,ପ୍ରଭାତ ମହାନ୍ତି,ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନା,୨୦୨୫/୨୬ ବର୍ଷର ନୂତନ ଗଭର୍ଣ୍ଣର ମମତା ଦାସ, ନିର୍ମଳ ଗିଡ୍ରା,ପ୍ରବୀଣ ଅଗ୍ରୱାଲଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।




# ଭୋଟ ଚୋରି ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି: କଂଗ୍ରେସ

ବାରିପଦା(ଭାସ୍କର ନ୍ୟୁଜ୍): ଭାରତୀୟ ସମ୍ବିଧାନରେ ଭୋଟ ହେଉଛି ନାଗରିକର ଶକ୍ତି। ଭୋଟ ଦାନ ଅଧିକାର ମାଧ୍ୟମରେ ଜନଗଣ ନିଜର ସରକାର ଚୟନ କରିଥାନ୍ତି। ଭୋଟ ପରିଚାଳନା କରିବା ପାଇଁ ଭାରତରେ ନିର୍ବାଚନ କମିଶନ ଏକ ସର୍ବୋଚ୍ଚ ସାମ୍ବିଧାନିକ ଏବଂ ସ୍ୱୟଂ ଶାସିତ ସଂସ୍ଥା। ମାତ୍ର ବିଗତ କିଛି ବର୍ଷ ଧରି ଭାରତରେ ନିର୍ବାଚନ କମିଶନ ଏବଂ ବିଜେପି ସରକାର ମିଳିତ ଭାବରେ ଯେଉଁଳି ଭୋଟ ଚୋରୀ କରିବାର ପ୍ରମାଣ କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଗତ ଅଗଷ୍ଟ ୭ତାରିଖ ଦିନ ପ୍ରେସମିଟ ରେ ଖୁଲାସା କରିଛନ୍ତି ତାହା ଦେଶ ବାସୀଙ୍କ ମୌଳିକ ଅଧିକାରକୁ ବିପର୍ଣ୍ଣ କରିଛି। ବର୍ତ୍ତମାନ ଭୋଟ ଚୋରୀ ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଆଜି ଅପରାହ୍ନରେ ବାରିପଦା ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ନେତା ତଥା ବିଧାୟକ ଅଶୋକ ଦାସ କହିଛନ୍ତି। ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ଓ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିରୋଧୀଦଳ ନେତା ରାହୁଲ ଗାନ୍ଧିଜୀଙ୍କ ଗତ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟ ନିର୍ବାଚନରେ ହୋଇଥିବା ଭୋଟ ଚୋରିର ଯେଉଁ ପର୍ଦ୍ଦାଫାଶ କରିଛନ୍ତି, ତାହାକୁ ନେଇ ମୟୁରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଭଳି ଡୁପ୍ଲିକେଟ ଭୋଟର, ଫେକ ଇନଭେଲିଡ୍ ଠିକଣା, ଇନଭେଲିଡ୍ ଫୋଟ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର, ଫର୍ମ -୬ (ନୂଆ ଭୋଟର ପଞ୍ଜିକରଣ) ଇତ୍ୟାଦି ୫ଟି ଉପାୟରେ କର୍ଣ୍ଣାଟକ ରାଜ୍ୟର ମହାଦେବପୁରା ନିର୍ବାଚନ ମଣ୍ଡଳୀରେ ଭୋଟ ଚୋରୀ କରାଯାଇଛି ତାହା ସ୍କ୍ରିନିଂ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ବରିଷ୍ଠ କଂଗ୍ରେସ ନେତା ଜ୍ୟୋତି ପ୍ରକାଶ ରଥ, ସୁସ୍ମିତା ଘୋଷାଲ, ପ୍ରଦୀପ ମିଶ୍ର, ଶିବାନନ୍ଦ ଦାସ, ମୋତି ପ୍ରକାଶ ଦାସ, ଦୀପକ ଦାସ, ମୀନ କେତନ ବେହେରା, ଅଶୋକ ଅଧିକାରୀ, ଚୈତନ୍ୟ ମାଝୀ, ଅଶୋକ ଗିରି, ସେକ ଇକବାଲ, ଫରିଦା ତବସୁମ, ବିଶ୍ୱ ସିଂ, ଠାକୁରା ସୋରେନ, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ପବିତ୍ର ରୁଦ୍ରାକ୍ଷ ଚାରାରୋପଣ

ବାରିପଦା:(ଭାସ୍କର ନ୍ୟୁଜ୍): ମଧୁବନ ୱାର୍ଡ଼ ନଂ ୯ ସ୍ଥିତ ମା'ଭୈରବୀ ମନ୍ଦିର ସଂଲଗ୍ନ ବାବା ଭୈରବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ, ମନ୍ଦିର କମିଟିର ବହୁ ସଦସ୍ୟ ଓ ମଧୁବନ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି କାମନା କରି ଓ ସାରା ସଂସାରରେ ଶାନ୍ତି ବିରାଜମାନ କରିବାର ଅଭିପ୍ରାୟ ରଖି ବିଧି ବିଧାନ ଅନୁଯାୟୀ ମନ୍ଦିର ପୂଜକ ରାଜେଶ କୁମାର ଦ୍ୱିବେଦୀ (ମଣ୍ଟୁ ନନା) ଙ୍କ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ପ୍ରବଚ୍ଚକ ଡ. ଭାଗବତ ପଣ୍ଡାଙ୍କ ବେଦପାଠ ପୂର୍ବକ ମା'ଭୌରବୀ ଟେମ୍ପଲ ଚ୍ୟେରିଟେବୁଲ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି, ମନ୍ଦିର କମିଟିର ବହୁ ସଦସ୍ୟ, ମଧୁବନ ଅଞ୍ଚଳ ବାସୀ ତଥା ବାରିପଦାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କସହଯୋଗିତାରେ,ବାରିପଦା ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ଓ ଭଞ୍ଜ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ମହାଦେବଙ୍କ ଅତିପ୍ରିୟ ଗୋଟିଏ ଏକ ମୁଖୀ ରୁଦ୍ରାକ୍ଷ ବୃକ୍ଷ ଓ ବରିଷ୍ଠ ନାଗରିକ କମିଟି ସଭାପତି ଡ.ଯୋଗେନ୍ଦ୍ର ନାଥ ପଣ୍ଡା ଓ ବାରୁଣେଶ୍ୱର ଦୁର୍ଗା ପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟିଙ୍କ ଦ୍ୱାରା ଏକ ପଞ୍ଚମୁଖୀ ରୁଦ୍ରାକ୍ଷ ବୃକ୍ଷରୋପଣ କରା ଯାଇଥିଲା । ପ୍ରାରମ୍ଭରେ ମନ୍ଦିର କମିଟିର ସକ୍ରିୟ ସଦସ୍ୟ ଇଂ.ସରୋଜ କୁମାର ଦଣ୍ଡପାଟଙ୍କ ୬୮ତମ ଜନ୍ମ ତିଥି ଅବସରରେ ଉପସ୍ଥିତ କମିଟି ସଦସ୍ୟଙ୍କ ଗହଣରେ ପୌରାଧ୍ୟକ୍ଷ କୃଷ୍ଣାନଦ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ମା'ଭୌରଦୀ ଟେମ୍ପୁଲ ଚାରିଟେବୁଲ ଟ୍ରଷ୍ଟର ସେଟଲର୍ କମ୍ ମେନେଜିଙ୍ଗ ଟ୍ରଷ୍ଟି ବିକ୍ରମ କେଶରୀ ଜେନାଙ୍କ ଦ୍ୱାରା ଆୟୋଜନ କରା ଯାଇଥିଲା।



# ସାମ୍ବାଦିକଙ୍କ ପିତୃ ବିୟୋଗ



ଫୁଲନଖରା(ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱର ମୌଜାର ଧର୍ମପ୍ରାଣ ତଥା କୁରାଙ୍ଗଶାସନ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଯୁଧିଷ୍ଠିର ପାତ୍ରଙ୍କ ବୁଧବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଶିକ୍ଷକତା ପରେ ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିଥିଲେ । ଏଥିପାଇଁ ସେ ୨୦୧୨ ମସିହାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଚିନ୍ତାମଣି ନାୟକ, ଦୁଷ୍ମନ୍ତକୁମାର ସାଇଁ, ବିନୋଦକୁମାର ରାୟ, ସନ୍ତୋଷକୁମାର ପାତ୍ର, ସାଇମୋହନ ବିଶ୍ୱାଳ, ପ୍ରମୋଦକୁମାର ଜେନା, ପଦ୍ମଲୋଚନ ରାଉତ, ପ୍ରଦୀପକେଶରୀ ପାତ୍ର, ମଧୁସୂଦନ ସୁବୁଦ୍ଧି, ପ୍ରଭାତକେଶରୀ ପାତ୍ର, ପ୍ରମୋଦକୁମାର ପାତ୍ର, ରାଧାଶ୍ୟାମ ସୁବୁଦ୍ଧି, ଲଳିତକୁମାର ପାତ୍ର ଓ ରୁନା ବିଶ୍ୱାଳଙ୍କ ସମେତ ତିନି ଝିଅ, ତିନି ବୋହୂ, ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

# ପ୍ରଫୁଲ୍ଲଙ୍କ ପାଇଁ ଆବାସ ଯୋଜନା ସାତ ସପନ

ଧାମନଗର(ଭାସ୍କର ନ୍ୟୁଜ୍): ଆଉ ଦି ଦିନ ପରେ ସ୍ୱାଧୀନତା ଦିବସ। ସାରା ଭାରତ ଖୁସି ହେଉଥିବାବେଳେ ଦି ଭାଇଙ୍କ ପାଇଁ ଏ ସବୁର କିଛି ମାନେ ରଖୁନି। ସକାଳୁ ଘର ଛାଡ଼ି ଯାଇ ପର ଦୁଆରେ ମୂଲ ଲାଗିଲେ ପରିବାର ଚଳିବ। ପିଲାମାନେ ପାଠ ପଢ଼ିବେ। ରୋଗ ପାଇଁ ଔଷଧ କିଣିବେ। ତା ଭିତରେ ବର୍ଷାର କଷଣ ବି କମ୍ ନୁହଁ। ସମସ୍ତେ କହୁଛନ୍ତି ଇନ୍ଦ୍ର ଦେବତା ପୃଥିବୀର କଥା ବୁଝି ପାରନ୍ତି। ଆଉ ଦୁଃଖ ସହିନପାରି ବର୍ଷା କରନ୍ତି। ହେଲେ ପୃଥିବୀ ପୃଷ୍ଠରେ ରହୁଥିବା ଏ ଅଭାଗାଙ୍କ ଘର ଯେ ବର୍ଷା ପାଣିରେ ଉବୁଟୁବୁ ହେଉଛି, ସେ କଥା ବୋଧ ହୁଏ ଇନ୍ଦ୍ର ଦେବତା ଜାଣନ୍ତି ନାହିଁ। ଖରାପ। ଗୁହାଳ ଭଳି ଦିଟି ଝାଟିମାଟି ଘରେ ଦି ଭାଇଙ୍କ ପରିବାର ଆଶ୍ରୟ ନେଇଛି। ବର୍ଷା ଅସରାଏ ହେଲେ ଘର ଭିତରେ ପାଣି ପଶୁଛି। ପଇସା ଅଭାବ ଯୋଗୁଁ ଏଥର ଛପର କରିପାରିଲେନି। ଏଣୁ ପଲିଥିନ ହିଁ ଏକମାତ୍ର ସାହାଭରସା। ମାଙ୍କଡ଼ଙ୍କ ଉପଦ୍ରବରେ ସେଟା ବି ଫୁଟିଗଲାଣି। ସେପଟେ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାକୁ ଦୁଇ ଭାଇ କେତେ ଯେ ଗୁହାରି କରିଛନ୍ତି ତାର ହିସାବ ନାହିଁ। ତାଙ୍କ ଆଖି ଆଗରେ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡ଼ିଆ, ନିର୍ମାଣ ଶ୍ରମିକ ଆବାସ, ପ୍ରଧାନମନ୍ତ୍ରୀ ଆବାସ ଆଉ



ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତ ରଘୁନାଥପୁର ଗାଁର ଦି ଭାଇ ରବୀନ୍ଦ୍ର ନାୟକ ଓ ପ୍ରଫୁଲ୍ଲ ନାୟକ। ଦିହିଁଙ୍କ ବୟସ ପାଖପାଖି ୭୦। ଭଙ୍ଗା ଦଦରା ଘର ଯୋଗୁଁ ଦୁଇଟି ପରିବାର ଭାରି କକର୍ଛନରେ ରହୁଛନ୍ତି। ସ୍ତ୍ରୀ, ପିଲାଙ୍କୁ ମିଶାଇ ୪ ଜଣ ପରିବାରରେ ରବୀନ୍ଦ୍ର ଏକା ରୋଜଗାରିଆ। ଦିନକୁ ୩୫୦ ଟଙ୍କା ମଜୁରୀ। ସେମିତି ପ୍ରଫୁଲ୍ଲ ନାୟକଙ୍କର ପରିବାର କହିଲେ ୫ ଜଣ। ମୂଲ ଲାଗନ୍ତି ନ ହେଲେ ମାଗିଯାଚି ଚଳନ୍ତି। ବର୍ଷା ଦିନେ ବିଲ କାମ ଛାଡ଼ିଦେଲେ ଆଉ କିଛି କାମ ମିଳେନି। ପୁଣି ବାର୍ଦ୍ଧକ୍ୟକୁ ଦୁର୍ବଳ ଶରୀର ଯୋଗୁଁ ବିଲର ପାଣି କାଦୁଅର କାମ କରିହେଉନି। ଏଥିପାଇଁ ଦି ଭାଇ ବର୍ଷା ଦିନେ ବିଲକୁ ଯାଇ ପାରୁନାହାନ୍ତି। ଏ ଚତୁରି ମାସରେ କାମ ନଥିବାକୁ ଘରର ଅବସ୍ଥା ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରଚଳନ ହୋଇଛି। ହେଲେ କୌଣସି ଯୋଜନା ଯାଙ୍କୁ ଛୁଇଁ ପାରିଲାନି। ସବୁଥର ନିର୍ବାଚନ ପୂର୍ବରୁ ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ଅନ୍ୟ କର୍ମୀ ପ୍ରତିଶ୍ରୁତି ଦିଅନ୍ତି ଘରଟିଏ ଦେବାକୁ ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ମିଳି ପାରିଲାନି। ସେପଟେ ରବୀନ୍ଦ୍ରଙ୍କୁ ମହାବାତ୍ୟା ପରେ ପରେ ୨୨୦୦୦ ଟଙ୍କିଆ ଘର ଖଣ୍ଡେ ମିଳିଥିଲା। ସେତେବେଳେ ସେହି ଆଜବେଷ୍ଟସ ଘର ସିନା ନଷ୍ଟ ହୋଇଗଲାଣି। ହେଲେ ତାଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଲାନି। ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସର୍ଭେ ହୋଇ ଦୁଇ ଭାଇଙ୍କ ନାଁ ଯାଇଛି। ଆବାସ ଯୋଜନାରେ ଘର ମଞ୍ଜୁର ହେଲେ ତାଙ୍କୁ ମିଳିବ।

# ବହି, ଖାତା ବଦଳରେ ଜାଳେଣି



## :-ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଛାତ୍ରଛାତ୍ରୀ ବୋହିଲେ ଜାଳେଣି କାଠ

## :-ତଦନ୍ତ କଲେ ମଣ୍ଡଳ ଶିକ୍ଷାଧିକାରୀ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): କାଠ ପରିବର୍ତ୍ତେ ବିଦ୍ୟାଳୟ ଗୁଡିକରେ ଗ୍ୟାସରେ ହେବ ମଧ୍ୟାହ୍ନ ଭୋଜନ ରୋଷେଇ। ପରିବେଶର ସ୍ୱଚ୍ଛତା ତଥା ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର ବିଦ୍ୟାଳୟ ଗୁଡିକୁ ଗ୍ୟାସ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଏ ସବୁ ଯୋଜନା କାଗଜ ପତ୍ରରେ ଚାଲିଥିବା ବେଳେ ଏହାର ବାସ୍ତବ ଘଟଣା ଛାତ୍ର, ଛାତ୍ରୀ ଜାଳେଣି କାଠ ବୋହୁଥିବା ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲିବା ପରେ ଘଟଣା ସ୍ପଷ୍ଟ ପ୍ରମାଣ ସାମ୍ନାକୁ ଆସିଲା। ଅଧିକାରୀ ମାନେ ଚିଠି କରି ଏ ଦିଗରେ ହାତ ବାନ୍ଧି ବସିଥିବା ବେଳେ ଶିକ୍ଷକ ମାନେ ଏହାକୁ ଖାତିରି କରୁ ନାହାନ୍ତି। ଗ୍ୟାସ ଦର ବୃଦ୍ଧି ଆଳ ଦେଖାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ୟାସ ଉଠାଉ ନଥିବା ବେଳେ ପାଚିକାମାନେ କାଠ ମାଧ୍ୟମରେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ଦେଖିବାକୁ ମିଳୁଛି। ସରକାର ମଧ୍ୟାହ୍ନ ଭୋଜନ ପାଇଁ ପୂର୍ବରୁ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପ୍ରତି ୫ଟଙ୍କା ୯୦ପଇସା ଦେଉଥିବା ବେଳେ ଏବେ ଏହାର ଦରବୃଦ୍ଧି କରିବା ସହ ମାଣ୍ଡିଆ ଲଡୁକୁ ସାମିଲ କରି ୧୦ଟଙ୍କା ୧୫ପଇସା ଦେଉଛନ୍ତି। ସେହିଭଳି ୬ଷ୍ଠ ଠାରୁ ୮ମ ଶ୍ରେଣୀ ପାଇଁ ୮ଟଙ୍କା ୮୨ପଇସା ରହିଥିବା ବେଳେ ଏବେ ୧୪ଟଙ୍କା ୭୪ପଇସା ଓ ୯ମ, ୧୦ମ ପାଇଁ ୧୪ଟଙ୍କା ୯୪ପଇସା ଦେଉଛନ୍ତି। ଏଥି ସହିତ ଜାଳେଣି ପାଇଁ ପ୍ରତି ପିଲା ପିଛା ପୂର୍ବରୁ ୫୦ପଇସା ରହିଥିବା ବେଳେ ଏବେ ୧ଟଙ୍କା ଦେଉଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ରେ ବିଦ୍ୟାଳୟ ରେ ଛାତ୍ର, ଛାତ୍ରୀ ଶ୍ରେଣୀ କକ୍ଷ ଛାଡି ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ କାଠ ବୋହୁଥିବା ତାହା ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିବା ସମୟରେ କୋମଳମତି ପିଲାମାନଙ୍କ ହାତରେ ଏ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଯାହା ସାମାଜିକ ଗଣମାଧ୍ୟମ ରେ ଫଟୋ ଦେଖିବାକୁ ମିଳୁଛି। ଏହାର ଫଟୋ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ହସ୍ତଗତ ହେବା ପରେ ସୋମବାର ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ଘଟଣା ସମ୍ପର୍କରେ ବୁଝିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଏ ନେଇ ମଣ୍ଡଳ ଶିକ୍ଷାଅଧିକାରୀ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ, ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗକୁ ଅବଗତ କରାଯିବା ସହ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ସେହିପରି ପ୍ରତି ବିଦ୍ୟାଳୟ କୁ ନିର୍ଦ୍ଦେଶ ଦିଆଯାଇଛି ମଧ୍ୟାହ୍ନ ଭୋଜନ ରୋଷେଇ ଗ୍ୟାସରେ କରିବା ପାଇଁ। କାଠ ଜାଳିବା ବେନିୟମ କାର୍ଯ୍ୟ। ସେହିପରି ପିଲା ମାନଙ୍କୁ ଶ୍ରେଣୀ କକ୍ଷରୁ ବାହାର କରି କାଠ ବୁହାଇବା କାର୍ଯ୍ୟରେ ନିୟୋଜିତ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି ।ତେବେ ଆଗକୁ ଶିକ୍ଷା ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଅପେକ୍ଷା।

# ନିଶା ଓ ନିଶାଡ଼ିଙ୍କ ହବ୍ ପାଲଟିଛି ପାଞ୍ଚ ଛକ

ବଡ଼ଚଣା(ଭାସ୍କର ନ୍ୟୁଜ୍): ସକ୍ରୀୟ ନିଶା ବେପାରକୁ ନିଷ୍କ୍ରିୟ ଅବକାରୀ ଓ ପୋଲିସ ବିଭାଗ। ଅଞ୍ଚଳକୁ ଗ୍ରାସ କରିଗଲାଣି ଦେଶୀ ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ ଓ ସବୁଠାରୁ ମାରାତ୍ମକ ଧଳା ଜହର। ପୂର୍ବରୁ ଏହି ଧଳା ଜହର କାରବାରରେ ପଶ୍ଚିମବଙ୍ଗ ଓ ଜଳେଶ୍ୱରରୁ ଛଡିଆ ଲିଙ୍କ ଥିବା କଥା ସମସ୍ତେ ଅଳ୍ପ ବହୁତ ଜାଣିଥିବେ ହେଲେ ଏବେ ବଡ଼ଚଣା , ଚଣ୍ଡୀଖୋଲ, ଧାନମଣ୍ଡଳ,ଶିରାମ୍ ଟୋଲ ପ୍ଲାଜା ଛକ, ବାଲି ଚନ୍ଦ୍ର ପୁର, ବାଲିକୁଦା ଛକ ଲିଙ୍କ ରହିଥିବା ଚର୍ଚ୍ଚା ହେଉଛି । ଅଧରାତିରେ ଶିକ୍ଷିତ ବେକାର ଯୁବକଙ୍କ ଦ୍ୱାରାଚାଲାଣ ହେଉଛି ଧଳା ଜହର ସାଙ୍ଗକୁ ନିଶା ଦ୍ରବ୍ୟନିଶା ସିଗାରେଟ ଓ ଗଞ୍ଜେଇ। ଏହିଭଳି କାର୍ଯ୍ୟରେ ମହିଳା ବି ସାମିଲ ଥିବା ଚର୍ଚ୍ଚା ହେଉଛି । ରାତିଅଧରେ ଦାମୀ ବାଇକ୍‌ରେ କେତେବେଳେ ମହିଳା ତ କେତେବେଳେ ମହିଳାଙ୍କ ସମେତ ପୁରୁଷ ବି ରହି ଏହି ନିଶାଛନ୍ଦି ହେଉଛନ୍ତି। ଶିକ୍ଷିତ ବେକାର ଯୁବକ ଅଧରାତିରେ ଧଳା ଜହର-ପାହାନ୍ତିଆ ମଦ ଚାଲାଣଦ୍ରବ୍ୟ ମୁଖ୍ୟ ରାସ୍ତାରୁ ଗାଁ ଭିତର ଦେଇ ଚାଲାଣହେଉଥିବା ଜଣାପଡିଛି । ଅଂଚଳରେ ଦୁଇ ୩ ଟି ଥାନାରହିଥିବା ସତ୍ତ୍ୱେ କାରବାର ଦିନକୁ ଥମିବା ବଦଳରେ ବରଂ ବଢ଼ିବାରେ ଲାଗିଛି ନିଛାଟିଆ ରାସ୍ତାରେ ଧଳାଜହରର ପାଲଟିଛି ଆଡ୍ଡା ସେହିପର ବଜାରର ନିର୍ଦ୍ଦିଷ୍ଟ କିଛି ପାନଦୋକନ ଖୋଲିବା ନାମରେ ଚାଲିଛି ଗଞ୍ଜେଇ ମିଶା ଗୋଗୋ ସିଗାରେଟ୍‌ର ବେପାର ବଜାରରେ ଥିବାବୋଲି ଜଣାପଡ଼ିଛି । ଏପଟେ ବେଆଇନ୍ ଦେଶୀ ବିଦେଶୀ ମଦ କଥା ନକହିବାଭଲ। ପାହାନ୍ତି ଭୋର ସମୟରେ ବେପାରୀ ମାନେ ଚଳାଇଛନ୍ତି ବେଖାତିର ଖୁଲମ ଖୋଲା ବେପାର । ନିର୍ଦ୍ଦିଷ୍ଟ ବୋଲେରୋ, ନମ୍ବରବିହୀନ ବାଇକ୍‌ରେ ବୁହାଚାଲିଛି ପେଟି ପେଟିମଦ। ଦିନ ଦୁଇପହର ହେଇ ବା ସନ୍ଧ୍ୟା ଏମାନେ ଚଳାଇଛନ୍ତି ଖୁଲମ୍ ଖୋଲା ବେପାର ମୁଖ୍ୟରାସ୍ତା ଦେଇ ପ୍ରତିଦିନ ନମ୍ବର ବିହୀନ ବାଇକ, ବୋଲେରୋରେ ଆସୁଛି ଚୋରା ମଦ । ଜିଲା ଅବକାରୀ ବିଭାଗ ଏସମ୍ପର୍କରେ ଖବର ରଖୁଛି ସତ ହେଲେ ହାତଗୁଞ୍ଜା ନେଇ ବେପାରରେ ସାହାଯ୍ୟ କରୁଥିବା ବିଶେଷ ସୂତ୍ରରୁ ଖବର ପ୍ରକୃତରେ ପୁରା କାର୍ଯ୍ୟାନୁଷ୍ଠାନ ଶୁନ। ଧରିବା ବଦଳରେ ସୁରକ୍ଷାର କବଚ ସାଜିଛି ଅବକାରୀବିଭାଗ। ମାତ୍ରାଧୁକ ଚୋରା ମଦ ଅଂଚଳରେ ଚାଲିଛି ଏହି ନିଶା କାରବାର । ଯୁବ ପିଢ଼ୀ ଏହି ନିଶା ରେ ଛନ୍ଦି ହୋଇ ଧନ ଜୀବନ ନଷ୍ଟ ହୋଇ ଥିବା ଦେଖା ଦେଇଛି।

# ବିଶ୍ୱ ହସ୍ତୀ ଦିବସ ପାଳିତ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ) ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କନିକା ପଞ୍ଚାୟତ ପୁରୁଣା ପାଟଣା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନରକ୍ଷୀ ଏ. ଦେବୀ ପ୍ରସାଦ ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ମଲଣା, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଷ୍ଟେପଅନ୍ ନେଚରର ସ୍ୱାଧୀନ ସାହୁ,ଉପଦେଷ୍ଟା ନଳିନୀ କାନ୍ତ ପରିଡା, ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ସୁଜାତା ରାୟଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ। ସ୍ୱେଚ୍ଛାସେବୀ ପୁରୁଷୋତ୍ତମ ସ୍ୱାଇଁ ପାୱାରପଏଣ୍ଟ ଉପସ୍ଥାପନା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ହସ୍ତୀ ସୁରକ୍ଷା ଓ ତାଳବୃକ୍ଷର ଆବଶ୍ୟକତା ଉପରେ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି ।

## ତୋଫାନ ସ୍ୱାଇଁ ହତ୍ୟା ଘଟଣା !!!!!!!!

# ମୁଖ୍ୟ ଆସାମୀଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ



ଛତ୍ରପୁର(ଭାସ୍କର ନ୍ୟୁଜ୍): ତୋଫାନ ସ୍ୱାଇଁ ହତ୍ୟା ଘଟଣାରେ ମୁଖ୍ୟ ଆସାମୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରିକୁ ତୁରନ୍ତ ଗିରଫ ଦାବିରେ ମୃତକଙ୍କ ପରିବାର ଲୋକ ଏବଂ ଗ୍ରାମବାସୀ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଗତ ଜୁଲାଇ ୧ ତାରିଖରେ ଗୋବା ଗ୍ରାମର ତୋଫାନ ସ୍ୱାଇଁଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏନେଇ ଛତ୍ରପୁର ଥାନାରେ ୪୦୫/୨୫ ରେ ଏକ ମାମଲା ରୁଜୁ ହୋଇ ୨୦ ଜଣଙ୍କ ନାମରେ ମାମଲା ଦାଏର ହୋଇଛି। ଏଥିରୁ ପୋଲିସ ମୋଟ୍ ୮ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅବଶିଷ୍ଟ ୧୨ ଜଣଙ୍କୁ ପୋଲିସ ଏଯାବତ ଗିରଫ କରିପାରିନାହିଁ । ସେମାନେ ଅବାଧରେ ନିର୍ବିଘ୍ନରେ ବାହାରେ ବୁଲୁଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଆସାମୀମାନେ ଗ୍ରାମର ବିଭିନ୍ନ ପିଲାମାନଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ କଲ କରି ଧମକାଇ ମୁଖ୍ୟ ସାକ୍ଷୀମାନଙ୍କୁ ଡରାଉଛନ୍ତି। ଏଣୁ ସେମାନେ ଭୟଭୀତରେ ଅଛନ୍ତି ବୋଲି କହିଛନ୍ତି। ଏହି ବିଷୟରେ ଛତ୍ରପୁର ପୋଲିସକୁ ଅବଗତ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ମୃତ ତୋଫାନଙ୍କ ବାପା କହିଛନ୍ତି। ଅବଶିଷ୍ଟ ଆସାମୀମାନଙ୍କୁ ତୁରନ୍ତ ଗିରଫ କରାଯିବା ନେଇ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାନଯାଏ ତାହେଲେ ଆଗାମୀ ଦିନରେ ଏସ୍‌ପି ଅଫିସ ଆଗରେ ନ୍ୟାୟ ପାଇଁ ଧାରଣା ଦେବୁ ବୋଲି ଗ୍ରାମବାସୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ତୋଫାନ ସ୍ୱାଇଁ ପରିବାର ସମେତ ଗୋବା ଗ୍ରାମବାସୀ ଉପସ୍ଥିତ ଥିଲେ।



କଟକ(ଭାସ୍କର ନ୍ୟୁଜ୍): ଶୈଳବାଳା ମହିଳା ମହାବିଦ୍ୟାଳୟ ପରିଦର୍ଶନ କରି କଲେଜର ବିଭିନ୍ନ ସମସ୍ୟା ଉପରେ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀମାନଙ୍କ ସହ ଆଜି ଆଲୋଚନା କରିଛନ୍ତି ବିଧାୟିକା ସୋଫିଆ ଫିରଦୋସ । ପରିଦର୍ଶନ ସମୟରେ ସେ କ୍ୟାମ୍ପସ୍‌ର କ୍ଲାସ୍‌ରୁମ୍, ହୋଷ୍ଟେଲ୍ ଓ କାର୍ଯ୍ୟାଳୟର ସ୍ଥିତି ବୁଲି ଦେଖିଥିଲେ। ହଷ୍ଟେଲ୍‌ରେ ଛାତ୍ରୀଙ୍କ ସହ ସେମାନଙ୍କ ସୁବିଧା-ଅସୁବିଧା ବିଷୟରେ ପଚାରି ବୁଝିଥିଲେ। କଲେଜ କ୍ୟାମ୍ପସ୍‌ର ପୁନର୍ନିର୍ମାଣ ଓ ଆଧୁନିକୀକରଣ ପାଇଁ ତୁରନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଛାତ୍ରୀମାନଙ୍କ ଚାହିଦା ପୂରଣ ପାଇଁ ହୋଷ୍ଟେଲ୍ ସୁବିଧାର ବିସ୍ତାର ଓ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଇବା ପାଇଁ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା କଲେଜର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ଲିଜାରାଣୀ ରାଉତ, ଶରତ ଚନ୍ଦ୍ର ସେଠୀ, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ସେଠୀ, ସୌମ୍ୟ ରଞ୍ଜନ ରାହା, ସୁରଜିତ ସାହୁ ଓ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

## ଆଇନଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା

# ପୋଲିସ ସର୍ବଦା ଆକ୍ସନ୍ ମୋଡ୍‌ରେ ରହୁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି । ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଏହି ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲାଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି। ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ବୈଠକରୁ ଜଣାଯାଇଛି। ପୋଲିସ ବିଭାଗରେ ଖାଲି ରହୁଥିବା ପଦବି ଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ। ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଏବଂ ଜାମିନ୍ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ।



ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର କାର୍ଯ୍ୟ ସମୀକ୍ଷା କରୁଛନ୍ତି ।

## କିଏ, କେଉଁଠି କରିବେ ପତାକା ଉତ୍ତୋଳନ

# ଭୁବନେଶ୍ୱରରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ସେହିପରି କେନ୍ଦୁଝରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ କଟକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପତାକା ଉତୋଳନ କରିବେ। ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କଳାହାଣ୍ଡିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପୁରୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସୁନ୍ଦରଗଡରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗଜପତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନବରଙ୍ଗପୁରରେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂଖୁଂଟିଆ, ସୁବର୍ଣ୍ଣପୁରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୁଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ରାୟଗଡାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ମୟୁରଭଞ୍ଜରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ପତାକା ଉତ୍ତୋଳନ କରିବେ। ରାଉରକେଲା ଓ ବ୍ରହ୍ମପୁରରେ ସମ୍ପୃକ୍ତ ଆରଡିସି ଓ ୧୫ ଜିଲ୍ଲାରେ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ ।

# ଆଇଟିଆଇ ଉନ୍ନତିକରଣ ପାଇଁ ପରାମର୍ଶଦାତା କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ରାଜ୍ୟରେ ବୈଷୟିକ ଶିକ୍ଷାର ଭବିଷ୍ୟତ ଗଠନ ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ ଏବଂ ତାଲିମ ବିଶେଷଜ୍ଞଙ୍କୁ ଏକତ୍ରିତ କରି ଜାତୀୟ ଆଇଟିଆଇ ଉନ୍ନତିକରଣ ଯୋଜନା ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳାର ଆୟୋଜିତ ହୋଇଯାଇଛି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କର୍ମଶାଳାରେ ହବ୍-ଏଣ୍ଡ-ସ୍ପୋକ୍ ମଡେଲ୍ ମାଧ୍ୟମରେ ୧୦୦୦ ଆଇଟିଆଇକୁ ଅପଗ୍ରେଡେସନ କରିବା ତଥା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା । ଶିଳ୍ପ ଅଂଶଗ୍ରହଣ ହେଉଛି ଯୋଜନାର ମୂଳଦୁଆ, ଯାହା ଦକ୍ଷତାକୁ ଆକାଂକ୍ଷୀ, ଶିଳ୍ପ-ସମନ୍ୱିତ ଏବଂ ଫଳାଫଳ ସମର୍ଥ କରିପାରବ ବୋଲି ଏମ୍ଏସଡିଇର ସଚିବ ରଜିତ ପୁନ୍‌ହାନି ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତୀ ସିଂହ ରାଠୋରଙ୍କ ସମେତ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଶାଳାରେ ଅଗ୍ରଣୀ କର୍ପୋରେଟ୍, ସାଧାରଣ ଉଦ୍ୟୋଗ ଏବଂ ତାଲିମ ପ୍ରତିଷ୍ଠାନ, ଆଇଟିଆଇଗୁଡ଼ିକର ପ୍ରିନ୍ସିପାଲ ଏବଂ ଅଧ୍ୟାପକ, ଜିଲ୍ଲା ଦକ୍ଷତା ବିକାଶ-ସହ-ନିଯୁକ୍ତ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଭିତିଭୂମି ଆଧୁନିକୀକରଣ, ଆଇଟିଆଇଗୁଡ଼ିକୁ ଶିଳ୍ପ-ଉପଯୋଗ ହେବା ପାଇଁ ଶିଳ୍ପଭିତିକ ପାଠ୍ୟକ୍ରମ ପ୍ରଚଳନ ଉପରେ ଆଲୋଚନା କରାଯାଇଥିଲା ।

# ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଚ): ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା । ବିଶ୍ୱ ହସ୍ତୀ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ଗୌରବ ଓ ଅରଣ୍ୟ ପରିତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ ଆରମ୍ଭକରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣିମ ସ୍ୱାକ୍ଷର କୋଣାର୍କ ଯାଏ ସବୁଠାରେ ହାତୀ ପରିଦୃଷ୍ଟ । ଜୈବ ବିବିଧତାର ସୁରକ୍ଷାରେ ହାତୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ତାକୁ ପରିବେଶ ଯନ୍ତ୍ରୀ ଭାବେ ଗ୍ରହଣ କରାଯାଇଛି । ଆମ ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧି ଏହି ପରିବେଶ ଯନ୍ତ୍ରୀ ଉପରେ ବହୁଳ ଭାବେ ନିର୍ଭରଶୀଳ । ବିଭିନ୍ନ କାରଣ ପାଇଁ ବୈଶ୍ୱିକସ୍ତରରେ ଅବକ୍ଷୟମୁଖି ହାତୀଙ୍କର ସଂରକ୍ଷଣ କରିବା ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ । ଆମ ସରକାର ହାତୀଙ୍କ ନିରାପଦ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିଶ୍ରୁତି ବଦ୍ଧ । ସେଥିପାଇଁ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧିକରଣ ସହ ବୈଜ୍ଞାନିକ ପଦ୍ଧତିରେ ମଣିଷ-ହାତୀ ସଂଘର୍ଷ ହ୍ରାସକରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉଛି, ସେଥିମଧ୍ୟରୁ ଅନୁକମ୍ପାମୂଳକ ସହାୟତା ରାଶିର ଅଭିବୃଦ୍ଧି ଅନ୍ୟତମ। ସମସ୍ତଙ୍କ ମିଳିତ ପ୍ରୟାସ ଦ୍ୱାରା ଭାରତବର୍ଷର ଜାତୀୟ ଐତିହ୍ୟ ପ୍ରାଣୀକୁ ସୁରକ୍ଷିତ ରଖିପାରିବା।

# କାଠଯୋଡ଼ିରେ ବୁଡ଼ି ଦୁଇ ଛାତ୍ର ମୃତ

କଟକ(ଭାସ୍କର ନ୍ୟୁଜ୍): ଗଣେଶ ମୂର୍ତ୍ତିପାଇଁ ସ୍ଥାନୀୟ କାଠଯୋଡ଼ି ନଦୀକୁ ଯାଇଥିଲା ବେଳେ ସେଠାରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ ମହିଦାସବଜାରର ଲିପୁ ଦାସ ଓ କାଜି ବଜାରର ଶୁଭମ ଦାସ । ଅପରାହ୍ନରେ ପୁରୀଘାଟ ଥାନା ଅନ୍ତର୍ଗତ କାଠଯୋଡ଼ିରେ ମୂର୍ତ୍ତି ପାଇଁ ମାଟି ଉଠାଇବାକୁ ଯାଇଥିବା ୬ଜଣ ଯୁବକ ନଦୀରେ ଗାଧୋଇଲା ବେଳେ ଅଘଟଣ ଘଟିଥିଲା। ଜଣେ ଗାଧୋଇଲା ସମୟରେ ଚୋରାବାଲିରେ ଗୋଡଖସି ଯାଇଥିଲ। ଅଣ୍ଟାପର୍ଯ୍ୟନ୍ତ ବାଲିରେ ପୋତି ହୋଇଯାଇଥିବା ବେଳେ ତାକୁ ବଞ୍ଚାଇବାକୁ ଯାଇ ଅନ୍ୟଜଣେ ଛାତ୍ର ସେହି ଚୋରା ବାଲିରେ ପଶି ଯାଇ ଆଉ ଉପରକୁ ଉଠିପାରି ନଥିଲେ। ନଦୀର ପାଣି ତାଙ୍କ ଉପରେ ଚାଲିଥିଲା। ଫଳରେ ଦୁହେଁ ନିଖୋଜ ହୋଇଯାଇଥିଲେ । ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମବାହିନୀ ଓ ପୁରୀଘାଟ ଥାନା ପୁଲିସକୁ ସୂଚନା ଦେଇଥିଲେ ।

## ଚୌଦ୍ୱାର ନାବାଳିକା ଦୁଷ୍କର୍ମ ମାମଲା

# ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ): ଚୌଦ୍ୱାରା ଶାଳଗାଁ ନାବାଳିକା ବଳତ୍କାର ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ଆସାମୀ ଚୌଦ୍ୱାରା ଥାନା ଅଧିନସ୍ଥ ସମିଟିକିରା, ଶାଳଗାଁର ଅଜୟ ଦେହୁରୀ (୨୧)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହ କୋର୍ଟ ତାକୁ ୫୦ ହଜାର ଟଙ୍କାର ଜୋରିମାନା ରାଶି ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ସେହିପରି କୋର୍ଟ ପୀଡିତାକୁ ୭ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ । ୨୦୨୪ ଫେବୃୟାରୀ ମାସରେ ଘଟଣା ଘଟିଥିବା ବେଳେ ୨୦୨୪ ଜୁଲାଇ ୨୭ରେ ଚୌଦ୍ୱାରା ଥାନାରେ ଏତଲା ରୁଜୁ କରାଯାଇଥିଲା । ପିଡିତା ଜଣକ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାବେଳେ ଆସାମୀ ଜଣକ ପିଡିତାକୁ ଦମକ ଦେଇ ତା ସହିତ ଏକାଧିକବାର ବଳତ୍କାର କରିଥିଲା । ତେବେ ପରବର୍ତୀ ସମୟରେ ପିଡିତାର ଦେହ ଅସୁସ୍ଥ ହେବାରୁ ତାକୁ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପୀଡିତା ଗର୍ଭବତୀ ଥିବା ଜଣାପଡିଥିଲା । ଘଟଣା ସମ୍ପର୍କରେ ପିଡିତାର ମାଆ ତାକୁ ପଚରା ଉଚରା କରିବା ପରେ ଆସାମୀ ଅଜୟ ଦେହୁରୀ ତାକୁ ହତ୍ୟା ଧମକ ଦେଇ ଏପରି ବାରମ୍ବାର କରି ଆସୁଥିଲା ବୋଲି ସେ କହିଥିଲା । ପରେ ପୀଡିତାର ପରିବାର ପକ୍ଷରୁ ୨୦୨୪ ମସିହା ଜୁଲାଇ ୨୭ ତାରିଖରେ ଚୌଦ୍ୱାରା ଥାନାରେ ଏତଲା ରୁଜୁ କରାଯାଇଥିଲା ।

# ଅପାରଗ ସରକାରଙ୍କ ପ୍ରତି ଅପରାଧୀଙ୍କ ଭୟ ନାହିଁ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଚ): କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାର ଗଣଦୁଷ୍କର୍ମ ସାମ୍ନାକୁ ଆସିବା ପରେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ କରି ରାଜ୍ୟ ସରକାରଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଛାତ୍ରୀ ଓ ମହିଳାଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ପ୍ରତ୍ୟେକ ଦିନ ଉଦ୍‌ବେଗଜନକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ । ବିଧାୟକ ଶ୍ରୀ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ହୋଇଯାଇଥିବା ବେଳେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ ରାଜନଗରରେ ଜଣେ ଦଳିତ ନାବାଳିକା ତାର ପିଉସା ସହ ଭାଲୁକୁଣୀ ମୂର୍ତି କିଣିବାକୁ ଯିବା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହ ଭିଡିଓ ଉତ୍ତୋଳନ କରିଥିଲେ । ପୀଡିତା ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା । ଦୁର୍ବୃତ୍ତ ମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ, ପରିବାର ଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ । ଉଲ୍ଲେଖଯୋଗ୍ୟ, ଅନ୍ୟ ଏକ ଘଟଣାରେ ଗତ ୬ ତାରିଖ ଦିନ ପଟ୍ଟାମୁଣ୍ଡାଇରେ ଜନୈକ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ । ଶ୍ରୀ ସାହୁ ଆହୁରି କହିଥିଲେ, ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରହିଥିଲେ ମଧ୍ୟ, ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ । ଡ଼ ଲେନିନ ମହାନ୍ତି କହିଥିଲେ, ଗୋଟିଏ ମାସ ଭିତରେ ଚାରି ଛାତ୍ରୀ ପୋଡିହୋଇ ମରିଥିବା ବେଳେ ଆଜି ମଧ୍ୟ ଭୁବନରେ ଜଣେ ମହିଳା ୫୦ ପ୍ରତିଶତ ପୋଡିହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

# ରେଡକ୍ରସ୍ ରାଜ୍ୟ ଶାଖା କାର୍ଯ୍ୟନିର୍ବାହୀ ସମିତି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମାନବିକତା, ସମଦର୍ଶିତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା ଓ ବିଶ୍ୱଜନୀନତା ଭଳି ୭ଟି ମୌଳିକ ନୀତିକୁ ନେଇ ରେଡକ୍ରସ୍ ନିଜର କାମ କରିଥାଏ । କିନ୍ତୁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ନିଜେ ରେଡକ୍ରସ୍‌ର ନୀତିକୁ ସମ୍ମାନ ଦେଉନାହିଁ କିମ୍ବା ଠିକ୍ ଭାବରେ ପରିଚାଳନା ହେଉ ନାହିଁ । ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସଦସ୍ୟଭିତିକ ଅନୁଷ୍ଠାନ ହୋଇଥିଲେ ମଧ୍ୟ ଆଜୀବନ ସଦସ୍ୟ, ସଦସ୍ୟାଙ୍କ ସହ କୌଣସି ସମ୍ପର୍କ କିମ୍ବା ବନ୍ଧୁତା ନାହିଁ । ରାଜ୍ୟ ଶାଖା ଆଜୀବନ ସଦସ୍ୟ/ସଦସ୍ୟାଙ୍କ ମାସିକ ବୈଠକକୁ ବନ୍ଦ କରି ଦିଆଯାଇଛି । ଆଜୀବନ ସଦସ୍ୟ/ସଦସ୍ୟାଙ୍କ ବର୍ଷକୁ ଥରେ ହେବାକୁ ଥିବା ବାର୍ଷିକ ସାଧାରଣ ଅଧିବେସନକୁ ୨୦୧୦ରୁ ୧୫ ବର୍ଷ ହେଲା ହେଉନାହିଁ । ଓଡ଼ିଶା ରାଜ୍ୟ ଶାଖା ରେଡ଼କ୍ରସ୍‌ର ଆର୍ଥିକ ବିବରଣୀ ୨୦୦୭-୦୮ କାର୍ଯ୍ୟନିର୍ବାହୀ କମିଟି ଓ ବାର୍ଷିକ ସାଧାରଣ ଅଧିବେସନରେ ସାର୍ବଜନୀନ କରାଯାଉ ନାହିଁ । ୨୦୧୭ରୁ ରେଡକ୍ରସ୍ ରାଜ୍ୟ ଶାଖା ସହିତ ଆଲୋଚନା ନକରି ୫୫ଟି ରେଡ୍‌କ୍ରସ୍‌ର ରକ୍ତଭଣ୍ଡାରରୁ ରେଡ଼କ୍ରସ୍‌ର ନାମ ଓ ଚିହ୍ନ ରାଜ୍ୟ ସରକାର ହଟାଇ ଦେଲେ । ଏହାକୁ ଆଜୀବନ ସଦସ୍ୟ ସଦସ୍ୟାମାନେ ପ୍ରତିବାଦ କରିବା ପରେ ୨୦୧୯ ଫେବୃଆରୀ ମାସରେ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ରାଜ୍ୟପାଳ ତଥା ରାଜ୍ୟ ରେଡ଼କ୍ରସ୍‌ର ଅଧ୍ୟକ୍ଷ ରକ୍ତଭଣ୍ଡାରରେ ପୁଣି ରେଡ଼କ୍ରସ୍‌ର ନାମ ଓ ଚିହ୍ନ ଲଗାଇବାକୁ ସୁପାରିସ୍ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ହୋଇପାରୁ ନାହିଁ । ଏଣୁ ବୈଠକରେ ଆଲୋଚନା କରାଯାଇ କଟକ ରେଡ଼କ୍ରସ୍ ରକ୍ତଭଣ୍ଡାରର ନୂତନ ଅଧ୍ୟକ୍ଷ ନିଯୁକ୍ତ, ବର୍ଷକୁ ଥରେ ସାଧାରଣ ଅଧିବେଶନ, ଆଜୀବନ ସଦସ୍ୟା,ସଦସ୍ୟଙ୍କର ମାସିକିଆ ବୈଠକ, ୨୦୦୮-୦୯ ଆର୍ଥୀକ ବର୍ଷରୁ ବାର୍ଷିକ ବିବରଣୀ ଓ ଆର୍ଥୀକ ବିବରଣୀ ପ୍ରକାଶ କରିବା ପାଇଁ ଆଜୀବନ ସଦସ୍ୟା ସଦସ୍ୟମାନେ ଦାବି କରିଛନ୍ତି । ଏ ବିଷୟ ମହାମହିମ ରାଜ୍ୟପାଳ ତଥା ରେଡ଼କ୍ରସ୍ ରାଜ୍ୟ ଶାଖା ସଭାପତିଙ୍କୁ ଜଣାଇ ଦିଆଯାଇଛି ବୋଲି ରେଡ଼କ୍ରସ୍ ରାଜ୍ୟ ଶାଖା ସୁରକ୍ଷା ସମିତି, ଓଡିଶାର ଆବାହକ ଦିଲ୍ଲୀପ ଦାଶଶର୍ମା ସୂଚନା ଦେଇଛନ୍ତି ।

# ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ସ୍ଥାନୀୟ ସିଡ଼ିଏ -୬ରୁ ଜଣେ ବ୍ରାଉନ୍‌ସୁଗର ବେପାରିକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ଶାସନର ମନୋଜ କୁମାର ଉପାଧ୍ୟାୟ (୩୮) । ରାଜ୍ୟ ଅବକାରୀ କମିଶନର ପି ଅନଭେସା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଇଂ ସ୍କ୍ୱାର୍ଡ ସୁପିରିଣ୍ଟେଣ୍ଡେଣ୍ଟ ତେଜରାଜ ଜାନିଙ୍କ ତତ୍ତ୍ୱାବଧାନରେ ଏକ ଅବକାରୀ ଟିମ ସ୍ଥାନୀୟ ସିଡ଼ିଏ -୬ରେ ଚଢ଼ାଉ କରିଥିଲେ । ବ୍ରାଉନ ସୁଗାର ରଖିବା ଓ ବ୍ୟବସାୟ କରିବା ଅଭିଯୋଗରେ ଅବକାରୀ ପୋଲିସ ମନୋଜଙ୍କୁ ଗିରଫ କରିଥିଲା । ମନୋଜଙ୍କ ନିକଟରୁ ୧୭୮ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଏହାଛଡ଼ା ଅଭିଯୁକ୍ତଠାରୁ ଏକ ପଲସର ମୋଟର ସାଇକେଲ (ଓଡ଼ି୨୧କେ୯୧୦୬) ଜବତ କରାଯାଇଛି । ଚଢ଼ାଉରେ ଅବକାରୀ ଇନ୍‌ସପେକ୍ଟର ହୀରା ଦଳପତି, ଏସଆଇ ଏସକେ ଶାକିରଉଲ୍ଲା, ଏଏସଆଇ ଅଜୟ ବେହେରା, ବ୍ରଜକିଶୋର ବିଦ୍ଧାଣି, କରନ ଓରାମ ପ୍ରମୁଖ ସାମିଲ ଥିଲେ । ମନୋଜ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି କଟକ ଓ ଭୁବନେଶ୍ୱରରେ ବିକ୍ରି କରୁଥିଲା ବୋଲି ପୋଲିସ ନିକଟରେ ସ୍ୱୀକାର କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# ଉଠା ଦୋକାନୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସିଡ଼ିଏ ସେକ୍ଟର ୬ ମା' ମଂଗଳା ଉଠାଦୋକାନୀ ସଂଘ ସଦସ୍ୟ ଜିତେନ୍ଦ୍ର ସାସମଲ (୩୮) ଆତ୍ମହତ୍ୟା ଉଦ୍ୟମ କରି କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କଟକ ଉଠାଦୋକାନୀ ମହାସଂଘ ସଭାପତି ଆଡ଼ଭୋକେଟ ଅମରେନ୍ଦୁ ମହାନ୍ତି ଖବର ପାଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଦୀର୍ଘଦିନ ହେବ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବାରୁ ପୋଲିସର ନିର୍ଯାତନା ସହି ନପାରି ଜିତେନ୍ଦ୍ର ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ କରିଛନ୍ତି । ଜିତେନ୍ଦ୍ର ଜୟପ୍ରକାଶ ନାରାୟଣ ଛକରେ ଦୀର୍ଘ ୧୫ବର୍ଷ ହେଲା ଦହିବରା ଓ ଆଳୁଦମ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ମାତ୍ର ଦୋକାନ ବନ୍ଦ ହେବାରୁ ହାତ ଉଧାରି ବଢ଼ିଯିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବାରୁ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ଯଦି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ନହୁଏ, ତେବେ ଜିତେନ୍ଦ୍ର ଭଳି ବହୁ ଉଠାଦୋକାନୀ ଆତ୍ମହତ୍ୟା କରିପାରିନ୍ତି ବୋଲି ମହାସଂଘ ସଭାପତି ଆଡ଼ଭୋକେଟ ଶ୍ରୀ ମହାନ୍ତି ସରକାରଙ୍କୁ ସତର୍କ କରିଛନ୍ତି ।

# ୧୪ରେ କଂଗ୍ରେସର ରାଜ୍ୟବ୍ୟାପୀ ଭୋଟ୍ ଚୋର୍ ଗାଦି ଛୋଡ୍ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଗତ ୭ ତାରିଖ ଦିଲ୍ଲୀଠରେ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରମାଣ ଦେଇ, ନିର୍ବାଚନ ଆୟୋଗଙ୍କ ସହଯୋଗରେ ବ୍ୟାପକ ହେରଫେର ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ, ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି ବର୍ଣ୍ଣନା କରି ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲେ। ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଆତ୍ମା 'ଗଣତନ୍ତ୍ର'କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ଦଳ ଓ ଏହାର ନେତାଙ୍କୁ କଂଗ୍ରେସ ପକ୍ଷରୁ ଭର୍ତ୍ସନା କରିବା ପାଇଁ ଏଆଇସିସି ତରଫରୁ ସଙ୍ଗଠନକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କି.ମି.ର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼୍‌ଗେ ନିର୍ଦ୍ଦେଶ ଦେଇଛନ୍ତି।

# ରଙ୍ଗ ତୂଳୀରେ ହାତୀ ଆମର ସାଥୀ



ଭୁବନେଶ୍ୱର(ଭାସ୍କର ନ୍ୟୁଚ): ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ଏହି ଦିବସ ରୂପେ ପାଳନ କରାଯାଇଥାଏ । ଜଙ୍ଗଲ ସୁରକ୍ଷା ସହ ହାତୀଙ୍କ ସୁରକ୍ଷା ଓ ସେମାନଙ୍କ ବଂଶ ବୃଦ୍ଧି କିଭଳି କରାଯାଇ ପାରିବ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ମନୁଷ୍ୟକୃତ ଏକାଧିକ କାରଣ ପାଇଁ ଏବେ ବିପଦରେ ଗଜରାଜ । ଦିନକୁ ଦିନ କଂକ୍ରିଟ ଜଙ୍ଗଲ ସୃଷ୍ଟି ଯୋଗୁଁ ଖାଦ୍ୟ ଅନ୍ୱେଷଣ ପାଇଁ ହାତୀ ଜନବସତି ମୁହାଁ ହେଉଛନ୍ତି । ଫଳରେ ପ୍ରତ୍ୟେହ ହାତୀ ମଣିଷ ଲଢେଇ ଦେଖିବାକୁ ମିଳୁଛି । ଏବେ କେଉଁଠି ନା କେଉଁଠି ହାତୀ ମୃତ୍ୟୁର ଖବର ପ୍ରତ୍ୟେହ ସାମ୍ନାକୁ ଆସୁଛି । ରେଳ ଦୁର୍ଘଟଣା, ବିଦ୍ୟୁତ ଆଘାତ, ଶିକାରୀଙ୍କ ପ୍ରାର୍ଦୁଭାବ ସମେତ ଦ୍ରୁତ ସହରୀକରଣ ଯୋଗୁଁ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଯାହାକୁ ନେଇ ପରିବେଶବିତ୍ ଓ ବନ୍ୟଜନ୍ତୁ ପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଦିବସ ପାଳନ ପରିପ୍ରେକ୍ଷୀରେ ହାତୀ ବଂଶର ସୁରକ୍ଷା ନିମନ୍ତେ ସମାଜକୁ ସଚେତନତାର ବାର୍ତ୍ତା ଦେବା ପାଇଁ ଭୁବନେଶ୍ୱର ପୋଖରୀପୁଟର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ନିଖୁଣ ରୂପେ ହାତୀ ଆମର ସାଥୀ ଶୀର୍ଷକ ଚିତ୍ର ଆଙ୍କି ସାରା ବିଶ୍ୱକୁ ଦେଇଛନ୍ତି ବଳିଷ୍ଠ ବାର୍ତ୍ତା । ଏ ସଂପର୍କରେ ସେ କୁହନ୍ତି ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ହାତୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ହାତୀ କାହାରି ଶତ୍ରୁ ନୁହେଁ ସେ ଆମର ମିତ୍ର ପରି । ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ ନିତାନ୍ତ ଜରୁରୀ ।

# ସ୍ୱଚ୍ଛ ନିରାପଦ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଚ): ସମଗ୍ର ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ଅଛନ୍ତି। ରାଜ୍ୟରେ ଗ୍ରାମାଞ୍ଚଳରେ ଏହି କାର୍ଯ୍ୟକୁ ଉଚିତ ଭାବରେ କାର୍ଯ୍ୟକାରୀ କରି ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରି ମନ୍ତ୍ରୀ ରବିନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସମସ୍ତ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ । ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଉଛି ଓ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି । ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ରାଜ୍ୟରେ ୧୦୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମ ଓ ୫୫୨ଟି ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ହର ଘର ଜଳ ଯୋଜନାରେ ଅନ୍ତର୍ଭୁକ୍ତ ହୋଇସାରିଛନ୍ତି । ନୂଆପଡା ଜିଲ୍ଲାର ସମସ୍ତ ଗ୍ରାମ ହର ଘର ଜଳ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି । ସେହି ଅନୁସାରେ, ଡିସେମ୍ବର ୨୦୨୫ ସୁଦ୍ଧା ଆଉ ୫୪ ଟି ପ୍ରକଳ୍ପ ସମ୍ପନ୍ନ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହି ସମସ୍ତ ପ୍ରକଳ୍ପର ନିର୍ମାଣ ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ସ୍ଥିରୀକୃତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଏସ୍. ଏନ୍ ଗିରୀଶ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିଭିନ୍ନ ତଥ୍ୟ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ପାନୀୟଜଳ ଓ ପରିମଳ) ଭିନିତ ଭରଦ୍ୱାଜ, ପାନୀୟଜଳ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ରହି ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



### ମୁନିରଙ୍କ ପରମାଣୁ ଯୁଦ୍ଧ ଧମକ

# ଆମେରିକାରେ ବୃଥା ଆସ୍ଫାଳନ

ପାକିସ୍ତାନର ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସିମ୍ ମୁନିର୍ ଗତ ଦୁଇମାସ ମଧ୍ୟରେ ଦୁଇଥର ଯୁକ୍ତରାଷ୍ଟ୍ର ଆମେରିକାକୁ ଗସ୍ତରେ ଯାଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ସମେତ ସେଠାକାର ଉଚ୍ଚ ସାମରିକ ଅଧିକାରୀମାନଙ୍କୁ ଭେଟିବା ଏବଂ ଆମେରିକା ମାଟିରୁ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେବା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେରିକାରୁ ସାହସ ଓ ବଳ ପାଇ ପାକ୍ ସେନାମୁଖ୍ୟ ଏଭଳି ଔଦ୍ଧତ୍ୟ ଓ ଦାମ୍ଭିକତାପୂର୍ଣ୍ଣ ମନ୍ତବ୍ୟ ଦେବାକୁ ପଛାଇନାହାନ୍ତି । ପ୍ରାୟ ଦୁଇ ମାସ ପୂର୍ବେ ମୁନିର ପ୍ରଥମ ଥର ଗସ୍ତରେ ଯିବାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କ ପାଇଁ ନୈଶ ଭୋଜିର ଆୟୋଜନ କରିଥିଲେ ଏବଂ ବିଭିନ୍ନ ସ୍ଥାନରେ ତାଙ୍କୁ ଖୁବ୍ ଆଦର ଅଭ୍ୟର୍ଥନା ମିଳିଥିଲା । ଏଥର ଆମେରିକାର କମାଣ୍ଡର ଜେନେରାଲ ମାଇକେଲ କୁରିଲ୍‌ଙ୍କ ଅବସର ଗ୍ରହଣ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପାକ୍ ସେନାମୁଖ୍ୟ ନିମନ୍ତ୍ରିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ୍ ସେନାର ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ । ଟ୍ରମ୍ପ୍ ପ୍ରଶାସନର ପାକିସ୍ତାନ ପ୍ରୀତି ନେଇ କାହାରି କିଛି କହିବାର ନାହିଁ, ମାତ୍ର ସେଠାରୁ ଭାରତ ବିରୋଧରେ ଗର୍ଜନ କରିବା ଓ ବିଷ ଉଗାଳିବାକୁ ସୁଯୋଗ ଦେବା ନିଶ୍ଚିତ ଭାବରେ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ । ଜାମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କୀ ଆକ୍ରମଣ ପରେ ଭାରତ ଗତ ଶତାବ୍ଦୀର ଷଷ୍ଠ ଦଶକରେ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଛି । ଏହା ଫଳରେ ପାକିସ୍ତାନରେ ଜଳ ସଂକଟ ଦେଖା ଦେବାର ସମ୍ଭାବନା ରହିଛି । ପାକ୍ ସେନାମୁଖ୍ୟ ଭାରତକୁ ନାଲିଆଖି ଦେଖାଇ କହିଛନ୍ତି ଯେ, ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖି ଭାରତ ଯଦି ଏହା ଉପରେ ବନ୍ଧ ନିର୍ମାଣ କରେ, ତେବେ ଦଶଟି କ୍ଷେପଣାସ୍ତ୍ର ମାଡ କରି ଆମେ ତାକୁ ଧ୍ୱଂସ କରିଦେବୁ । ପାକିସ୍ତାନ ପାଖରେ କ୍ଷେପଣାସ୍ତ୍ରର କୌଣସି ଅଭାବ ନାହିଁ । ମୁନିର୍ ଭାରତକୁ ଆହୁରି ଧମକ ଦେଇ କହିଥିଲେ, 'ଆମେ ଏକ ପରମାଣୁ ରାଷ୍ଟ୍ର, ଯଦି ଆମେ ଅନୁଭବ କରୁ ଯେ, ଆମେ ହାରୁଛୁ, ତେବେ ଆମ ସହିତ ଅଧା ବିଶ୍ୱକୁ ଧ୍ୱଂସ କରିଦେବୁ । ଭାରତ ସିନ୍ଧୁନଦୀ ଚୁକ୍ତିନାମାକୁ ସ୍ଥଗିତ ରଖିବା ଦ୍ୱାରା ପାକିସ୍ତାନର ଅଢ଼େଇ କୋଟି ଲୋକ ଉପାସରେ ମରିଯାଇପାରନ୍ତି' କେବଳ ସିନ୍ଧୁ ନଦୀ ଜଳ ବିବାଦ ନୁହେଁ, ପାକ୍ ସେନାମୁଖ୍ୟ ଆମେରିକାରେ କାଶ୍ମୀର ପ୍ରସଂଗ ମଧ୍ୟ ଉଠାଇ ଭାରତକୁ ଘେରିବା ପାଇଁ ଉଦ୍ୟମ କରିଛନ୍ତି । ସେ ରୋକ୍ ଠୋକ୍ ଶୁଣାଇଛନ୍ତି ଯେ, କାଶ୍ମୀର ଭାରତର ଆଭ୍ୟନ୍ତରୀଣ ବ୍ୟାପାର ନୁହେଁ, ଏହା ଏକ ଆନ୍ତର୍ଜାତୀୟ ପ୍ରସଂଗ । ଏହା ବର୍ତ୍ତମାନ ଜାତିସଂଘର ବିଚାରାଧୀନ ରହିଛି । କାଶ୍ମୀର ଅତୀତରେ ପାକିସ୍ତାନର ଥିଲା, ଏବେ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ ବୋଲି ସେନାମୁଖ୍ୟ ମୁନିର ଆସ୍ଫାଳନ କରିଥିଲେ । ଆମେରିକା ମାଟି ଉପରେ ମୁନିରଙ୍କ ଏଭଳି ପରମାଣୁ ଧମକକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଆମ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ପରମାଣୁ ଧମକ୍ ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ ଏବଂ ଭାରତ ଏଥିରେ ଡରିଯିବ ନାହିଁ । ଭାରତ ନିଜକୁ ସୁରକ୍ଷିତ ରଖିବା ଜାଣେ, ତେଣୁ ନଇଁବାର ପ୍ରଶ୍ନ ଉଠୁନାହିଁ ବୋଲି ବିଦେଶ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ତେବେ ପ୍ରଶ୍ନ ଉଠୁଛି, ନିଜକୁ ଭାରତର ବନ୍ଧୁ ବୋଲି ଢୋଲ ପିଟୁଥିବା ଆମେରିକା ମାଟିରେ କିପରି ଭାରତ ବିରୋଧରେ ବିଷୋଦ୍‌ଗାର କରିବାକୁ ଶତ୍ରୁ ଦେଶର ସେନାମୁଖ୍ୟଙ୍କୁ ସ୍ୱାଧୀନତା ଦିଆଯାଉଛି । ଟ୍ରମ୍ପ୍ ପ୍ରଶାସନର ଦୋମୁହାଁ ନୀତିର ଯେ ଏହା ଜ୍ୱଳନ୍ତ ନିଦର୍ଶନ, ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଉଚ୍ଚଶିକ୍ଷାରେ ଅପବାଦ



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

**କଥା ନିରବଧି**

ଉଚ୍ଚଶିକ୍ଷା ବିଦ୍ୟା ଗ୍ରହଣର ଉଚ୍ଚତମ ସୋପାନ – ଆଶା କରାଯାଏ ଉଚ୍ଚଶିକ୍ଷା ସହିତ ସଂପୃକ୍ତ ପ୍ରତ୍ୟେକ ସମାଜର ଅନ୍ୟମାନଙ୍କ ଆଗରେ ଗୋଟିଏ ଗୋଟିଏ ଉଦାହରଣ ପାଲଟିବେ– ତାଙ୍କୁ ଆଦର୍ଶ ମାନି ଅନ୍ୟମାନେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ରଚିବେ ନୂଆ ଇତିହାସ । ମାତ୍ର ସଦ୍ୟ ଘଟିଯାଇଥିବା ଏଫ.ଏମ୍. କଲେଜ ଘଟଣା ସମାଜ ସଚେତନ ସମସ୍ତଙ୍କୁ କରିଛି ବିମର୍ଷ ଓ କ୍ଷୁବ୍ଧ । ଉଗ୍ର ପ୍ରତିବାଦ ସାଙ୍ଗକୁ ଉତ୍ତେଜନା ସୃଷ୍ଟିକାରୀ ଆଲୋଚନାରେ ମୁଖରିତ ସବୁ ସମ୍ବାଦ ସରବରାହ ସଂସ୍ଥା ।

ତୁଳନାତ୍ମକ ଭାବରେ ଉଚ୍ଚଶିକ୍ଷାରେ ଆମ ଦେଶର ମାନ ବିଶ୍ୱ ମାନଚିତ୍ରରେ ଅତ୍ୟନ୍ତ ନୈରାଶ୍ୟଜନକ । ଶହେ ପଇଁଚାଳିଶ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏକ ବିଶାଳ ଭୂଖଣ୍ଡ ଯାହା ବିଶ୍ୱ ଜନସଂଖ୍ୟାର ଏକ ଷଷ୍ଠାଂଶ ବୋଲି ଆମେ ଡିଣ୍ଡିମ ପିଟୁ, ସେଠାରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକଙ୍କର ଗୁଣାତ୍ମକ ସଂଖ୍ୟା ପ୍ରଥମ ପାଞ୍ଚ ଶହ ଭିତରେ ନଗଣ୍ୟ । ଗୋଟିଏ ସମୟ ଥିଲା ଯେତେବେଳେ ଛାତ୍ରଛାତ୍ରୀମାନଙ୍କର ସବୁଠୁ ବଡ଼ ଗୁଣ କହିଲେ ବୁଝାଉଥିଲା ସେମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱ ଆଉ ସେଇ ଗୁଣାତ୍ମକ ବିଭାବଗୁଡ଼ିକର ପ୍ରଚ୍ଛନ୍ନରେ ରହୁଥିଲା ସେମାନଙ୍କ ଭିତରେ ଥିବା ଦୟା, କ୍ଷମା, ପରୋପକାର ଆଦି ମାନବିକ ଗୁଣ, କଳ୍ପନା ଶକ୍ତି ଓ ସୃଜନୀ ଶକ୍ତି ପରି ପ୍ରତିଭାର ବିକାଶର ସ୍ତର । ହେଲେ ଆଜିକାଲିର ପ୍ରତିଯୋଗିତାମୂଳକ ଦୁନିଆଁରେ ବ୍ୟକ୍ତିତ୍ୱ କହିଲେ ବୁଝାଯାଉଛି ଦକ୍ଷତା, ବକ୍ତୃତା ଦେଇ ଅନ୍ୟକୁ ପ୍ରଭାବିତ କରିବାର ଶକ୍ତି ଓ କମ୍ପ୍ୟୁଟର ବିଦ୍ୟାରେ ପାରଦର୍ଶିତା ତଥା ଅଧିକ ରୋଜଗାର କରିବାର କ୍ଷମତା ।

ସଦ୍ୟ ବାଲେଶ୍ୱର ସହରରେ ଜଣେ ବି.ଏଡ୍ ଛାତ୍ରୀଙ୍କର ଆତ୍ମଦାହ ଜନିତ ମୃତ୍ୟୁ ସୂଚେଇ ଦେଇଛି ଉଚ୍ଚଶିକ୍ଷା ଜଗତରେ ଥିବା ବହୁ ଅନାଲୋଚିତ ଦୁର୍ନୀତି ଓ ଅମଣିଷ ପଣିଆ । ମଣିଷର ଚାରିତ୍ରିକ ସ୍ଖଳନ ଏତେ ନ୍ୟୁନ ହୋଇପାରେ ଏବଂ ଚକଚକ ପକ୍କା ଘର ଭିତରେ ଏମିତି ସଇତାନ ରୂପୀ ଅଧ୍ୟାପକ ରହିଛନ୍ତି ତାହା ପଦାରେ ପଡ଼ିଛି ।

ଆଇନକୁ କଡ଼ାକଡ଼ି କରିବା ପାଇଁ ବହୁ ବିକ୍ଷୋଭ ହୋଇଛି, ଅନେକ ଏଇ ସ୍ପର୍ଶକାତର ମୁହୂର୍ତ୍ତରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି । ଅବଶ୍ୟ ଏହା ସମସ୍ତଙ୍କୁ ଜଣା ଯେ ନ୍ୟାୟାଳୟରେ ଯେତେବେଳେ ବିଚାର ହେବ ସେତେବେଳେ ବହୁ ଯୁକ୍ତି ପେଶ୍ କରାଯିବ ଅଭିଯୁକ୍ତଙ୍କୁ ଖଲାସ କରିବା ପାଇଁ ଏବଂ ଦିବଂଗତା ତାଙ୍କ ନିଜ ଦୋଷରୁ ଏପରି ଦୁଃଖଦ ପରିସମାପ୍ତି ଲଭିଲେ ବୋଲି କୁହାଯିବ । ସେତେବେଳକୁ କ୍ୱଚିତ ଲୋକଙ୍କୁ ସେ କଥା ଶୁଣାଯିବ ।

ପୀଡ଼ିତା ଛାତ୍ରୀ ଜଣକ ଜଣେ ସାଧାରଣ ଛାତ୍ରୀ ନଥିଲେ, ସେ ଥିଲେ ଜଣେ ନେତ୍ରୀ । ତାଙ୍କର ହସଖୁସିଆ ମିଜାଜ ତାଙ୍କ ପ୍ରତି ହୁଏତ ଲୋଲୁପ ଦୃଷ୍ଟି ସୃଷ୍ଟି କରିଥିବ ସେଇ ପିଶାଚ ଅଧ୍ୟାପକର କାମୁକ ବ୍ୟକ୍ତିମାନେ ଅନେକ ସମୟରେ ବୁଦ୍ଧି, କ୍ଷମତା ଓ ଅର୍ଥ ଦ୍ୱାରା ସେମାନଙ୍କ କାର୍ଯ୍ୟ ହାସଲ କରିପାରନ୍ତି, ଯେତେବେଳେ ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆସିଲା ସେତେବେଳେ ନିଜକୁ ରକ୍ଷା କରିବାକୁ ଯାଇ ସେ ଅନ୍ୟ ଛାତ୍ରଛାତ୍ରୀମାନଙ୍କର ସାହାଯ୍ୟ ନେଇଛନ୍ତି ଏବଂ ଦୁଃଖର କଥା ଅନ୍ୟ ଛାତ୍ରଛାତ୍ରୀମାନେ ଅଧ୍ୟାପକଙ୍କ ପକ୍ଷ ସମର୍ଥନ କରିଛନ୍ତି । ବିଶେଷତଃ ସମ୍ପୃକ୍ତ ଛାତ୍ରୀଙ୍କ ବିରୋଧୀ ଛାତ୍ରଗୋଷ୍ଠୀଙ୍କୁ ସେ ହାତବାରିସି କରି ରାଜନୀତି କରିଛନ୍ତି ।

ଏ ସଂକ୍ରାନ୍ତରେ ମନେ ପଡ଼ିଯାଉଛି ବିଦେଶର ଗୋଟିଏ ବିଶ୍ୱବିଦ୍ୟାଳୟରେ ଆଇନ ଛାତ୍ରଛାତ୍ରୀମାନଙ୍କର ଏକ ଶ୍ରେଣୀଗୃହର ଦୃଶ୍ୟ । ଅଧ୍ୟାପକ ମହୋଦୟ ଶ୍ରେଣୀଗୃହକୁ ପ୍ରବେଶ କରିଛନ୍ତି ଏବଂ ଜଣେ ଛାତ୍ରକୁ ଠିଆ ହେବାକୁ କହିଛନ୍ତି । ସେ ଅଗତ୍ୟା ଦଣ୍ଡାୟମାନ ହେଲେ । ତାଙ୍କୁ ଅଧ୍ୟାପକଙ୍କର ଆଦେଶ ଥିଲା ଯେ ସେ ତୁରନ୍ତ ଶ୍ରେଣୀଗୃହ ପରିତ୍ୟାଗ କରନ୍ତୁ । ଛାତ୍ରଜଣକ କିଛି ବୁଝିପାରିଲେ ନାହିଁ ତାଙ୍କର ଅପରାଧ କ'ଣ ? ସେ କିଛି କହିବା ପୂର୍ବରୁ ଅଧ୍ୟାପକ ମହୋଦୟ ତାଙ୍କୁ ରୁକ୍ଷ ଭାବରେ କହିଲେ– ତମେ ମୋ ଆଦେଶ ମାନିବ ନା ନାହିଁ ? ଛାତ୍ର ଜଣକ ତାଙ୍କ ପ୍ରତି ହେଉଥିବା ଆଚରଣରେ ଅପ୍ରତିଭ ହେଲେ ମାତ୍ର ଅଧ୍ୟାପକଙ୍କ ଜିଦ୍ ନିକଟରେ ନିଜକୁ ସମର୍ପଣ କରି ଶ୍ରେଣୀଗୃହରୁ ନିଷ୍କ୍ରାନ୍ତ ହୋଇଗଲେ । ଛାତ୍ର ଶ୍ରେଣୀଗୃହରୁ ଅପସାରିତ ହେଲାପରେ ଅଧ୍ୟାପକଙ୍କର ପାଠପଢ଼ା ଆରମ୍ଭ ହେଲା – ସେ ପ୍ରଶ୍ନକଲେ – ଆମେ ଆଇନ ପଢୁଛନ୍ତି କାହିଁକି ? ଜଣେ ଛାତ୍ର ଉତ୍ତର ଦେଲେ ଏହା ଫଳରେ ଶାସନରେ ନ୍ୟାୟ ପ୍ରତିଷ୍ଠା କରାଯାଇ ପାରିବ – କେହି କହିଲେ ଆଇନର ଶାସନ କହିଲେ ଆମେ ବୁଝିବା ଆଇନ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ । ଏତିକି ବେଳେ ଅଧ୍ୟାପକ ମହାଶୟ କହିଲେ କାହିଁକି ସେଇ ଛାତ୍ରଙ୍କୁ ବାହାର କରାଗଲା କେହି ଜାଣ କି ? ସମସ୍ତେ ଚୁପ୍ ରହିଲେ । ଅଧ୍ୟାପକ କହିଲେ ଅନ୍ୟାୟ ହେଲା ବୋଲି ତୁମେ ସମସ୍ତେ ଅନୁଭବ କରୁଥିଲ, ମାତ୍ର କେହି ଜଣେ ବି ଅନ୍ୟାୟର ପ୍ରତିବାଦ କଲନାହିଁ ଠିକଣା ସମୟରେ । ଅନ୍ୟାୟର ପ୍ରତିବାଦ ଉପଯୁକ୍ତ ସମୟରେ ନ ହୋଇପାରିଲେ ଆଇନର ଯେଉଁ ନ୍ୟାୟ ମିଳିବା କଥା ତାହା ମିଳେ ନାହିଁ । ଅନ୍ୟାୟର ପ୍ରତିରୋଧ ସମସ୍ତେ କରିବା କଥା, ଜଣେ ନୁହେଁ ନ୍ୟାୟ ମିଳିବା ପାଇଁ ଏହି କ୍ଷେତ୍ରରେ ପୀଡ଼ିତା ଛାତ୍ରୀଜଣକ ପ୍ରତିବାଦ କଲେ, ମାତ୍ର ତାଙ୍କୁ ତାଙ୍କ ନିଜର ସହପାଠୀମାନଙ୍କର ସମର୍ଥନ ଯେତେବେଳେ ମିଳିବା କଥା ତାହା ମିଳିଲା ନାହିଁ । ନିର୍ଦ୍ଦିଷ୍ଟ ଜିନିଷର ଆବଶ୍ୟକତା ଥାଏ ନିର୍ଦ୍ଦିଷ୍ଟ ସମୟରେ – ସେଇ ସମୟ ଅତିକ୍ରାନ୍ତ ହେଲେ ଚିଜଟି ଗୁରୁତ୍ୱହୀନ ହୋଇଯାଏ । ବହୁ ଆଶା ନେଇ ଛାତ୍ରୀ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଅନ୍ୟ ପାଖରେ ପହଞ୍ଚେଇଥିଲେ– ନିଜ କଲେଜ ବାହରେ ଥିବା ସବୁ ଅନୁଷ୍ଠାନର କର୍ତ୍ତାମାନଙ୍କୁ ଜଣେଇଥିଲେ । ଆଗ କାଳରେ ଚିଠି ପାଉ ନ ଥିବା ପରି କଥାମାନ ନଜରକୁ ଆସୁଥିଲା । ବହୁ ଘଟଣାରେ ଚିଠି ନ ମିଳିବାକୁ ଏକ କାରଣ ବୋଲି ଧରି ନିଆଯାଉଥିଲା । ଅନଲାଇନ୍ ବ୍ୟବସ୍ଥା ଆସିବା ଦିନରୁ ଏହା ଆଉ ସମ୍ଭବ ନୁହେଁ, ଯେଉଁଠି ଅଧିକାରୀମାନେ ପୀଡ଼ିତାଙ୍କର ଆବେଗପୂର୍ଣ୍ଣ ପତ୍ର ପାଇଥିଲେ ସେମାନେ ଏକ ସାଙ୍ଗରେ ବିଫଳ ହେବାର କାରଣ କ'ଣ ହୋଇପାରେ ? ଏହା କ'ଣ ଆମର ସମାଜର ଚରମ ଦାୟିତ୍ୱହୀନତା ନା ଅପାରଗତା କିମ୍ବା ସ୍ପର୍ଶକାତର ପ୍ରସଙ୍ଗ ପ୍ରତି ସମ୍ବେଦନହୀନତା । ଏହି ସାମୁହିକ ଅକ୍ଷମଣୀୟ ଭୁଲ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରି । ସଦ୍ୟ ଅନୁସନ୍ଧାନରୁ ସ୍ପଷ୍ଟ ହେଲାଣି ସମ୍ପୃକ୍ତ ଛାତ୍ରୀଙ୍କୁ ତାଙ୍କର ବନ୍ଧୁମାନେ ଉସୁକାଉଥିଲେ ।

କଥା ଉଠୁଛି ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ତାଙ୍କର ପୂର୍ବତନ ଶିକ୍ଷାନୁଷ୍ଠାନରେ ମଧ୍ୟ ଅନୁରୂପ ଅଭିଯୋଗ ଥିଲା । ଏହାର ସତ୍ୟତା ଅନୁସନ୍ଧାନସାପେକ୍ଷ– ମାତ୍ର ଏହା ହୋଇଥିଲେ ତାହା ମଧ୍ୟ ନ୍ୟାୟାଳୟ ସମ୍ମୁଖରେ ପେଶ୍ ହେବା ଜରୁରି ।

କିଛି ବର୍ଷ ତଳେ ବିଭିନ୍ନ ଅମାନୁଷିକ ଶାରୀରିକ ପୀଡ଼ନକୁ ସମ୍ମୁଖୀନ ହୋଇଥିବା ମହିଳାମାନେ ତାଙ୍କୁ ଉତ୍ପୀଡ଼ନ ଦେଇଥିବା ପୁରୁଷମାନଙ୍କ ବିରୋଧରେ ବିଳମ୍ବରେ ହେଲେ ବି ସମାଜ ଆଗରେ ଜଣେଇଥିଲେ– ଏହା 'Me Too' ଆନ୍ଦୋଳନ ଭାବରେ ଖ୍ୟାତ । ବହୁ ତଥାକଥିତ ନାମୀଦାମୀ ଲୋକେ ଏଥିରେ ସମ୍ପୃକ୍ତ ଥିଲେ । ଏପରି ଦୁଃଖକୁ ସାମ୍ନା କଲାବେଳେ ଅଭିଯୋଗ କାରିଣୀ ଖୁବ୍ ଏକୁଟିଆ ହୋଇଯାନ୍ତି – ତାଙ୍କୁ ବେଳେବେଳେ ପରିବାରର ସମ୍ମାନର ଦ୍ୱାହୀ ଦେଇ ଚୁପ୍ କରେଇ ଦିଆଯାଏ କେତେବେଳେ ବା କୋର୍ଟରେ ଏପରି ଅଭିଯୋଗ ପ୍ରମାଣ କରିବା ଏତେ କଷ୍ଟ ତାହା କହି ପୀଡ଼ିତାକୁ ବୁଝେଇ ଦିଆଯାଏ, ଏହା କେବେବି ପରିସ୍ଥିତିର ସୁଧାର ଆଣେ ନାହିଁ ।

ଆଗ କାଳରେ କୁହାଯାଉଥିଲା ରାଜନୁଗତ ପ୍ରଜା ଅର୍ଥାତ୍ ସମାଜର ଉଚ୍ଚବର୍ଗର ଲୋକେ ଯାହା ଆଚରଣ କରିବେ ତାହାକୁ ଅନ୍ୟମାନେ ଅନୁକରଣ କରିବେ । ଏବେ ପୃଥିବୀର ସବୁଠୁ ଅଧିକ ଶିକ୍ଷିତ ଓ ସମୃଦ୍ଧ ଦେଶର ଶାସକଙ୍କ ନାଁରେ ମାଳମାଳ ନୈତିକ ସ୍ଖଳନର ଅଭିଯୋଗ । ଏହାର ବିପଜ୍ଜନକ ପ୍ରଭାବ କାହାକୁ ଅଜଣା ନୁହେଁ ।

ବାଲେଶ୍ୱରର ଏଇ ଲଜ୍ଜାଜନକ ଘଟଣାରେ ଅନୁସନ୍ଧାନର କ୍ଷେତ୍ରକୁ ପରିବର୍ଦ୍ଧିତ କରାଯିବ ବୋଲି ସରକାର ବିବୃତି ରଖିଛନ୍ତି । ଯେଉଁମାନଙ୍କୁ ନିକଟକୁ ନିଜର ଆକୁଳ ପ୍ରାର୍ଥନା କରି ନ୍ୟାୟ ଭିକ୍ଷା କରିଥିଲା ଦିବଂଗତା ଛାତ୍ରୀଟି ସେମାନେ କେଉଁ ପରିସ୍ଥିତିରେ କିଛ ସଫଳ ଯୋଗଦାନ କରିପାରିଲେ ନାହିଁ ରାଷ୍ଟ୍ରର ତାହା ଜାଣିବାର ଅଧିକାର ।

ଅନ୍ତତଃ ଛ'ମାସ ଭିତରେ ଏପରି ମାମଲାର ଦଣ୍ଡାଦେଶ ହୋଇ ନ ପାରିଲେ ସଂପୃକ୍ତ ନ୍ୟାୟ ବ୍ୟବସ୍ଥା ବିଫଳ ହୋଇଛି ବୋଲି ଧରିନେବାକୁ ପଡ଼ିବ ।

# ଅହିଂସାର ନାହିଁ ବିକଳ୍ପ



ରାକେଶ ପଣ୍ଡା
ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

ଦୁନିଆଁର କୌଣସି ଏକ ଜୀବକୁ ଶରୀର, ମନ, ଧନ ଏବଂ ବାଣୀ ଦ୍ୱାରା ହାନି ନ'ପହଞ୍ଚାଇବାର ମାର୍ଗ ହେଉଛି ଅହିଂସା । ଯେଉଁ ପଥକୁ ଗୌତମ ବୁଦ୍ଧ ଓ ମହାବୀର ସ୍ୱାମୀ ପରି ସଦାଚାରୀ ଏବଂ ପ୍ରସିଦ୍ଧ ବ୍ୟକ୍ତିତ୍ୱମାନେ ଆପଣେଇଥିଲେ ଏବଂ ଏହାକୁ ସର୍ବଦା ଅନୁସରଣ କରିବା ନିମନ୍ତେ ନିଜର ଅନୁଚର ଓ ଅନ୍ୟ ସମସ୍ତ ସାଧାରଣ ଜନତାଙ୍କୁ ସନ୍ଦେଶ ଦେଉଥିଲେ । ଏହାଛଡା, ସ୍ୱାମୀ ବିବେକାନନ୍ଦ, ରାଜା ରାମମୋହନ ରାୟ ଏବଂ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପରି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିତ୍ୱ ମାନେ ଅହିଂସାକୁ ଆପଣେଇ ଦେଶରେ ପ୍ରଚଳିତ ବହୁ ପୁରାତନ ରୀତି, ନୀତି, ପ୍ରଥା ଏବଂ କୁସଂସ୍କାର ତଥା ଅନ୍ଧବିଶ୍ୱାସ ସବୁକୁ ଦୂରେଇବା ପାଇଁ ପ୍ରୟାସ କରିଥିଲେ । ସଂସ୍କୃତର ଏକ ପବିତ୍ର ବାକ୍ୟାଂଶ "ଅହିଂସା ପରମୋ ଧର୍ମଃ", ଯାହା ଆମ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଏକଦା ସାରା ବିଶ୍ୱରେ ଜନପ୍ରିୟ ହୋଇଥିଲା ଏବଂ ସେ ଅହିଂସାର ମାର୍ଗକୁ ଆପଣେଇ ଇଂରେଜ ମାନଙ୍କ ଶାସନରୁ ମୁକ୍ତ କରି ଭାରତକୁ ସ୍ୱାଧୀନତା ଦେଇପାରିଥିଲେ । ଅହିଂସାର ଶକ୍ତି ଏତେ ଅଧିକ ଯେ, ଅଙ୍ଗୁଳିମାର ପରି ଜଣେ ଡାକୁ ଅହିଂସାବାଦୀ ଗୌତମବୁଦ୍ଧଙ୍କର ସଂସ୍ପର୍ଶରେ ଆସି ବୌଦ୍ଧ ଭିକ୍ଷୁକରେ ପରିଣତ ହୋଇଥିଲେ । ଏହାଛଡା, କଳିଙ୍ଗ ଯୁଦ୍ଧରେ ମଗଧ ସମ୍ରାଟ ଅଶୋକ ଯେତେବେଳେ ଏକ ବଡ ଧରଣର ହିଂସା ଓ ରକ୍ତପାତ ଦେଖିଥିଲେ, ସେତେବେଳେ ତାଙ୍କର ମନ ବ୍ୟାକୁଳ ହୋଇ ଉଠିଥିଲା । ଏତେ ବଡ ହିଂସାର ପଶ୍ଚାତାପ ପୂର୍ବକ ସେ ବୌଦ୍ଧ ଧର୍ମ ଗ୍ରହଣ କରି ଅହିଂସାର ମାର୍ଗକୁ ସ୍ୱୀକାର କରିଥିଲେ ଏବଂ ଉକ୍ତ ପଥକୁ ଅନୁସରଣକରି ପରବର୍ତ୍ତୀ ସମୟରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ।

କିନ୍ତୁ, ଆଜିର ସମୟ ତଥା ସମାଜରେ ହିଂସା ଶୀଘ୍ର ଏବଂ ଦ୍ରୁତ ଗତିରେ ବଢିଚାଲିଛି । ମଣିଷ ଛୋଟଛୋଟ କଥାକୁ ନେଇ ଜଣେ ଅନ୍ୟ ଜଣଙ୍କ ସହ ହିଂସାତ୍ମକ ଆକ୍ରମଣ କରିବାକୁ ପଛାଉ ନାହିଁ । ହିଂସାକୁ ନେଇ ଜାତି-ଜାତି, ବିଭିନ୍ନ ଧର୍ମ ଏବଂ ବ୍ୟକ୍ତିଗତ ତଥା ପାରିବାରିକ ସମ୍ପର୍କରେ ମଧ୍ୟ ଅନେକ ଘଟଣା ଓ ଦୁର୍ଘଟଣା ମାନ ପ୍ରତ୍ୟହ ଘଟିଚାଲିଛି । ଯାହା ସମଗ୍ର ଦେଶ ପାଇଁ ଏକ ନକରାତ୍ମକ ଘଟଣା ଅଟେ । ଆଜି ହିଂସା ଦ୍ୱାରା ସାରା ବିଶ୍ୱ ପ୍ରଭାବିତ । ଆଫଗାନସ୍ଥାନର ଗୃହ ଯୁଦ୍ଧ ହେଉ ଅବା ସିରିଆର ବିନାଶ, କିମ୍ବା ଋଷ ଏବଂ ୟୁକ୍ରେନ ମଧ୍ୟରେ ଲାଗିରହିଥିବା ବିବାଦ ତଥା ଇସ୍ରାଏଲ ଓ ପାଲେଷ୍ଟାଇନ ତଥା ଇସ୍ରାଏଲ ଓ ଇରାନ ମଧ୍ୟରେ ହେଉଥିବା ଯୁଦ୍ଧର ଏକ ବଡ କାରକ ହେଉଛି ହିଂସା । କିଛି ଅଭ୍ୟନ୍ତରୀଣ ଘଟଣାକୁ ନେଇ ଭାରତ ଭିତରେ ମଧ୍ୟ ଆନ୍ଦୋଳନ ନାମରେ ଅନେକ ଦଙ୍ଗା ତଥା ହିଂସା ସୃଷ୍ଟି ହେଉଛି । ଯେଉଁଥିରେ, ଏକ ବଡ ସଂବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ହିଂସାତ୍ମକ ଘଟଣା ଗୁଡିକରେ ଜଡିତ ବ୍ୟକ୍ତି ମାନଙ୍କ ମଧ୍ୟରୁ ଅଧିକାଂଶ ଯୁବବର୍ଗ ଅଟନ୍ତି । ଯାହାଙ୍କ କାନ୍ଧରେ ସମାଜର ଦାୟିତ୍ୱ ଏବଂ ଭବିଷ୍ୟତ ନ୍ୟସ୍ତ ଅଟେ ।

ପବିତ୍ର ଧର୍ମଗ୍ରନ୍ଥ ଭଗବଦ୍ ଗୀତାର ଷୋଡଶ ଅଧ୍ୟାୟରେ ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି; ମନ, ବାଣୀ ଏବଂ ଶରୀର ଦ୍ୱାରା କାହାକୁ କଷ୍ଟ ନ ଦେବା, ସତ୍ୟ ଏବଂ ମଧୁର କଥା କହିବା, ଯେଉଁମାନେ ତୁମର କ୍ଷତି କରନ୍ତି ସେମାନଙ୍କ ଉପରେ ମଧ୍ୟ କ୍ରୋଧ ନ କରିବା, କର୍ମକର୍ତ୍ତା ହେବାର ଗର୍ବ ତ୍ୟାଗ କରିବା, କାହାକୁ ସମାଲୋଚନା ନ କରିବା ଏବଂ ବିନା କାରଣରେ ସମସ୍ତ ପ୍ରାଣୀଙ୍କ ପ୍ରତି କରୁଣା ପ୍ରଦାନ କରିବା ହେଉଛି ସବୁଠାରୁ ବଡ ମାନବ ଧର୍ମ । ତେବେ ଏକ ସରଳ ଭାଷାରେ ଅହିଂସା ହେଉଛି, ହିଂସା ନ କରିବା ବା' କାହାର କ୍ଷତି ନ'କରିବା । ଏହା ସବୁଠାରୁ ଏକ ବଡ ତ୍ୟାଗ ଏବଂ ଅସତ୍ ଉପରେ ସତ୍ୟର ବିଜୟ ଅଟେ । ଯାହାକୁ ଆପଣେଇବା ସହଜ, କିନ୍ତୁ ସେହି ମାର୍ଗରେ ଚାଲିବା କଠିନ ଅଟେ । କାରଣ, ଉକ୍ତ ପଥରେ ଚାଲିବାକୁ ସର୍ବପ୍ରଥମେ ଜଣେ ବ୍ୟକ୍ତିକୁ, ନିଜର ମନ ଏବଂ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବାକୁ ହୁଏ । ଧୈର୍ଯ୍ୟ, ତ୍ୟାଗ ଏବଂ ସମର୍ପଣ ଭାବନା ମନ ମଧ୍ୟରେ ଜାଗ୍ରତ କରିବାକୁ ପଡେ । କାରଣ, ଜଣେ କ୍ରୋଧୀ ବ୍ୟକ୍ତିର ଆଚରଣ ଖୁବ ଶୀଘ୍ର ହିଂସାରେ ପରିଣତ ହୋଇଥାଏ । କିନ୍ତୁ, ଅହିଂସା ଦ୍ୱାରା ଜଣେ ବ୍ୟକ୍ତିର ମନରେ ଉତ୍ପନ୍ନ ହେଉଥିବା କ୍ରୋଧ ତଥା ହିଂସା ସମାପ୍ତ ହୋଇ ଆନ୍ତରିକ ଉତ୍ତେଜନା ଦୂର ହୋଇଥାଏ ।

ଅହିଂସାର ଶିକ୍ଷା ଭାରତୀୟ ସଂସ୍କୃତିର ଏକ ପରିଚୟ ଅଟେ । ଏହାଛଡା, ଅହିଂସା ବୌଦ୍ଧ, ହିନ୍ଦୁ ଏବଂ ଅନ୍ୟ ଧର୍ମରେ ମାନବୀୟ କ୍ରିୟାର ଆଧାର ଅଟେ । ଯଦି ଦେଶର ପ୍ରତିଟି ଜନତା ହିଂସାକୁ ଭୁଲି, ଅହିଂସାର ପଥକୁ ଗ୍ରହଣ କରିନେବେ, ତେବେ ଆମ ସମାଜରେ ଏକ ବଡ ପରିବର୍ତ୍ତନ ଆସିପାରିବ । ଅହିଂସାର ସବୁଠାରୁ ବଡ ଲାଭ ହେଉଛି ନିଜ ନିଜ ମଧ୍ୟରେ ଭଲପାଇବାକୁ ବୃଦ୍ଧି କରିବା । ଯାହାଦ୍ୱାରା, ଲୋକ ମାନଙ୍କ ମଧ୍ୟରେ ହିଂସା ଭାବ ଦୂରୀଭୂତ ହୋଇ ସହଯୋଗ ମନୋଭାବର ବିକାଶ ହେବ । ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କର ବିଚାରଧାରା, ଚଳଣି ଏବଂ ଭାବନାକୁ ସମ୍ମାନ ଦେବେ । ଯାହାଦ୍ୱାରା, ସମାଜରେ ଭାଇଚାରା ଓ ଏକତା ବୃଦ୍ଧି ହେବା ସହ ବିଭିନ୍ନ କ୍ଷେତ୍ର ତଥା କାର୍ଯ୍ୟକଳାପରେ ନିଜ ମଧ୍ୟରେ ସହଯୋଗ ବଢିବ ଏବଂ ସମଗ୍ର ଦେଶର ବିକାଶ ହେବ । ନିଜ ମଧ୍ୟରେ ଏକତା ବଢି, ସମ୍ପର୍କରେ ଏକ ବିଶ୍ୱାସନୀୟତା ସୃଷ୍ଟି ହେବା ଦ୍ୱାରା, କୌଣସି ବାହ୍ୟ ଶକ୍ତି ତଥା ଶତ୍ରୁ ଆମ ଦେଶର କ୍ଷତି କରିପାରିବେ ନାହିଁ । ଏଣୁ, ଆଜିର ସମୟରେ ପ୍ରତିଟି ମଣିଷ ନିଜର ଅନ୍ତର ମଧ୍ୟରୁ ହିଂସାଭାବକୁ ଦୂରକରି, ମନ ଏବଂ ହୃଦୟରେ ଅହିଂସା ଭାବନାକୁ ଜାଗ୍ରତ କରିବା ଦ୍ୱାରା ସଂପୂର୍ଣ୍ଣ ଧରିତ୍ରୀରେ ଶାନ୍ତି, ମୈତ୍ରୀ ଏବଂ ପ୍ରୀତି ପ୍ରତିଷ୍ଠା ହୋଇପାରିବ ।

# 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ'

କିଶୋର କୁମାର ଜେନା
ଆଇନଜୀବୀ, ବଙ୍ଗାଳିସାହି, କଟକ
ମୋ: ୭୩୨୫୯୦୪୯୨୭

ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ । ଆମେ ଚାଲିଯିବା ପାଇଁ ଆସିଥାଉ । ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ । ଆମେ ଯେଉଁ ଉତ୍ତରାଧିକାର ହରାଇବସିଛୁ, ଯେଉଁ ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ । ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି – ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ । ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ । ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ ।

ଏହି କଳିଯୁଗରେ ମଣିଷର ଆବଶ୍ୟକତା ବହୁ ପରିମାଣରେ ବୃଦ୍ଧି ପାଇଛି । ଆମ ଭିତରେ ଥିବା ଉପଭୋଗ, କାମନା ଏବଂ ଲୋଭକୁ ସନ୍ତୋଷ କରିବା ନିମନ୍ତେ ଅସୀମ ପରିମାଣରେ ଦ୍ରବ୍ୟ ଆମେ ଚାହୁଁ । ଏପରିକି ଦ୍ରବ୍ୟର ଆବଶ୍ୟକତା ଥାଉ କି ନଥାଉ ସେଥିରେ କିଛି ଯାଏ ଆସେନାହିଁ । ଆମେ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଦ୍ରବ୍ୟ ରଖିବାକୁ ଚାହୁଁ । ନେତ୍ର ଦେଖଇ ଯାହା ଚତୁର୍ଦ୍ଦିଗର ମନ ଚାହେଁ ହେବାକୁ ତାହାର ଅଧିଶ୍ୱର । ଏସବୁକୁ ଉପଭୋଗ କଲେ ମଧ୍ୟ ମାୟାର ଜାଲ ଯୋଗୁଁ ପ୍ରକୃତ ଶାନ୍ତି ଏବଂ ସନ୍ତୋଷ ଦୂରକୁ ଚାଲିଯାଏ । ମନ ମାନେ ନାହିଁ । ଆମର ବୈଜ୍ଞାନିକମାନେ ନିଜର ମସ୍ତିଷ୍କକୁ ଲଗାଇ ପର୍ଯ୍ୟାପ୍ତ ପରିଶ୍ରମ କରି ଦ୍ରବ୍ୟମାନ ଉଦଭାବନା ବା ଆବିଷ୍କାର କରନ୍ତି । ଗଣମାଧ୍ୟମରେ ତାହାର ପ୍ରଚାର ହୁଏ । ସେ ଏହାକୁ ହାସଲ କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ କରିଥାଏ । ଏହାକୁ ହାସଲ କରିବା ନିମନ୍ତେ ଉଦ୍ୟମ କଲାବେଳେ ଏହାର ଉପଯୋଗିତା ତାହା ନିମନ୍ତେ ଅଛି କି ନାହିଁ ତାହାର ବିଚାର ମଧ୍ୟ ସେ କରେନାହିଁ । ଗବେଷଣା ଏବଂ ବିଭିନ୍ନ ଉଦ୍ୟମ ଫଳରେ ବହୁ ଦ୍ରବ୍ୟ ଆମେ ଦେଖିବାକୁ ପାଇଥାଉ । ଏତେସବୁ ଦ୍ରବ୍ୟ ଦେଖି ଜୀବ ମଧ୍ୟରେ ଲୋଭ ସୃଷ୍ଟି ହୁଏ । ଏହି ଲୋଭ ଏତେ ପ୍ରବଳ ହୁଏ ଯେ ଦ୍ରବ୍ୟକୁ ହାସଲ ନକରିବା ପର୍ଯ୍ୟନ୍ତ ମନରେ ଶାନ୍ତି ମିଳେନାହିଁ । ଏଥିନିମନ୍ତେ ସେ ଯାହା କିଛି କରିଦେବାକୁ ପଛାଏ ନାହିଁ । ହୁଏତ ଉଦ୍ୟମ ଫଳରେ ଆମକୁ ସଂପୂର୍ଣ୍ଣ ଭାବେ କିମ୍ବା କିଛି ପରିମାଣରେ ଦ୍ରବ୍ୟ ମିଳେ; କିନ୍ତୁ ଏହି ମିଳିବାରେ ଶାନ୍ତି ଆସେ ନାହିଁ । ଦ୍ରବ୍ୟକୁ ଉପଭୋଗ କରୁଥିବା ସମୟରେ ହିଁ ପ୍ରକୃତ ଶାନ୍ତି ଠକି ଦେଇ ଚାଲିଯାଏ ଏବଂ ମନ ଭିତରକୁ ଏହି ଅସନ୍ତୋଷ ପଶିଆସେ ।

ଜୀବନ ହେଉଛି ଏକ ଚେତନାର ସ୍ରୋତ । ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ । ସକଳ ବସ୍ତୁରେ ଜୀବନ ବିଦ୍ୟମାନ । ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ । ଖଣ୍ଡିଏ ପଥରର ବି ଜୀବନ ରହିଛି । ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନରେ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣରୂପେ ପ୍ରମାଣ କରିସାରିଛନ୍ତି ।

ଆମ ଭିତରୁ ଅନେକ ଜାଣନ୍ତି ଯେ ସନ୍ତୋଷ ହେଉଛି ମାନସିକ ସ୍ଥିତିରେ ପରିବର୍ତ୍ତନ ବା ଏକ ଅନୁଭୂତି । ଯଦି ଜଣେ ବ୍ୟକ୍ତିଙ୍କର ଅନ୍ୟ ମାନଙ୍କ ପାଖରେ ଥିବା ଦ୍ରବ୍ୟଟି ନଥାଏ ଏବଂ ତାହାକୁ ଲାଭ କରିବା ପାଇଁ ସେ ବହୁତ ଚିନ୍ତା କରନ୍ତି ତେବେ ସେ କ୍ଷେତ୍ରରେ ତାଙ୍କ ମନରେ କିପରି ସନ୍ତୋଷ ପ୍ରବେଶ କରିବ ? ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାଙ୍କୁ ଶାନ୍ତି ମିଳିବ କି ? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ । ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି । ଏହା ଆକାଶରୁ ଖସି ପଡ଼େ ନାହିଁ । ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ । ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଏହି ଭବ ସାଗରକୁ ପଠାଇଛନ୍ତି ତାହା ସଂପାଦନ କରିବା ପରେ ଆମକୁ ସନ୍ତୋଷ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପଡ଼ିବ । ଯେତେ ଶୀଘ୍ର ହେବ ସେତେ ଭଲ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳଜୟୀ ସ୍ମରଣୀୟ ଧାଡ଼ିଟି ମନେପଡୁଛି – 'ଧନ୍‌ଜନ ଦୁହେଁ ଚିରଶତ୍ରୁ ଭବେ, କିଏ କି ନ ଜାଣେ କାହିଁ ? ଧନ ରହିଥାଏ ପୁରି ଯେ ଠାବେ ଲୋ, ଜନ ତ ଆସଇ ନାହିଁ । ଧନ ଯାଏ ମର୍ତ୍ତ୍ୟେ ବୋଲନ୍ତି ସତେ ସେ, ଦିନ ଦୁଇକଥା ସିନା, ଲକ୍ଷ୍ମୀଙ୍କ ନିଗ୍ରହେ କୁବେର କେତେଲୋ, ପିନ୍ଧୁଛନ୍ତି ଚିରା କନା । ଦୁଃଖୀ ପାଇଁ ଦିନେ, କାହାରି ଜଗତେ, ନକାନ୍ଦେ ଅନ୍ତର ତିଳେ, ଯାହାର ଯେତିକ ଧନମାନ ଶିରୀ, ପୂଜା ତାର ମହୀତଳେ ।' ଭାଗବତ ମଧ୍ୟ ଯଥାର୍ଥରେ ଉଲ୍ଲେଖ ହୋଇଛି – 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ ।'

# "ଘରେ ଘରେ ତ୍ରିରଙ୍ଗା"



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ଭାରତ ବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଭାରତ ଇତିହାସରେ ଏହା ଏକ ଗୌରବମୟ ଦିବସ । ଏହି ଦିବସକୁ ସାରା ଦେଶ ବିଜୟ ସଂକଳ୍ପ ଦିବସ ରୂପେ ପାଳନ କରୁଛି । ଆଜାଦୀକା ଅମୃତ ମହୋତ୍ସବ ଅଧିନରେ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ ଦେଶ ବ୍ୟାପି ଅନୁଷ୍ଠିତ ହେଉଛି । ଭାରତ ସ୍ୱାଧୀନତାର ୭୮ ବର୍ଷ ପୂର୍ତ୍ତି ଅବସରରେ ଓ ଏହାର ଗୌରବମୟ ଇତିହାସ, ସଂସ୍କୃତିକୁ ସ୍ମରଣୀୟ କରିବା ପାଇଁ ଦେଶ ପାଳନ କରୁଛି 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ । ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗର୍ବ ଏବଂ ଗୌରବର ବିଷୟ ।ଏହି ଅଭିଯାନ ଅଗଷ୍ଟ ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି ଅନୁଷ୍ଠିତ ହେବ । ଘରେଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଗାଁ ଠାରୁ ସହର ସବୁଆଡେ ଉତ୍ସବର ମାହୋଲ । ବଡ଼ବଡ଼ କୋଠା ଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳରେ ଥିବା ଝାଟିମାଟି ଘର ଆଗରେ ତ୍ରିରଙ୍ଗା ଫରଫର ହୋଇ ଉଡୁଛି । ବର୍ତ୍ତମାନ ଦେଶବାସୀଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରାଇବାକୁ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ ଆରମ୍ଭ ହୋଇଛି । ଆମର ଜାତୀୟ ପତାକା ଆମ ଏକତା,ସଂହତି ଓ ଭାତୃଭାବର ପ୍ରତୀକ ଅଟେ । ଏହି ଅବସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମରେ ସାମିଲ ହେବାସହିତ ଦେଶପ୍ରତି ନିଜର ଭାବନାକୁ ଜାଗୃତ ଓ ଜୀବନ୍ତ କରିବାକୁ ଅନୁରୋଧ କରିଛନ୍ତି ।

ଜାତି,ଧର୍ମ,ବର୍ଣ୍ଣର ବିବିଧତା ସତ୍ତ୍ୱେ ଏହି ବେଦଭୂମି, ବୀରଭୂମି ଭାରତ ମାଟିର ବକ୍ଷରେ ବହିଯାଉଛି ଏକତା ଓ ଭାତୃଭାବର ଗଙ୍ଗା । ସ୍ୱାଧୀନତାର ଅମୃତ ମହୋତ୍ସବ ପ୍ରତ୍ୟେକ ଭାରତୀୟଙ୍କ ଏକ ଉତ୍ସବ । ସ୍ୱାଧୀନତା ରୂପକ ଅମୃତକୁ ପ୍ରତ୍ୟେକ ଭାରତୀୟ ପାନକରି ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛନ୍ତି । ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଆତ୍ମନିର୍ଭରଶୀଳତା ଆଡକୁ ଗତି କରୁଛି । "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମ ମାଧ୍ୟମରେ ପଲ୍ଲୀରୁ ଦିଲ୍ଲୀ,କାଶ୍ମୀର ଠାରୁ କନ୍ୟାକୁମାରୀ ସବୁଠି ଉଡୁଛି ଜାତୀୟ ଗୌରବର ପ୍ରତୀକ ତ୍ରିରଙ୍ଗା । ବିକାଶଶୀଳ ଭାରତର ସ୍ୱର୍ଣ୍ଣିମ ଇତିହାସ ଗାଉଛି ଆମରାଷ୍ଟ୍ର । ଅତୀତର ସ୍ମୃତିକୁ ରୋମନ୍ଥନ କରି ଆଗକୁ ବଢିବାର ପ୍ରେରଣା ଦେଉଛି ତ୍ରିରଙ୍ଗା । ଭାରତର ତ୍ରିରଙ୍ଗା କେବଳ ତିନିଟି ରଙ୍ଗର ସମାହାର ନୁହେଁ ବରଂ ଆମ ଅତୀତର ଗୌରବ, ବର୍ତ୍ତମାନର ପ୍ରତିବଦ୍ଧତା ଓ ଭବିଷ୍ୟତର ସ୍ୱପ୍ନର ପ୍ରତିବିମ୍ବ । ଆମ ତ୍ରିରଙ୍ଗା ଭାରତର ଏକତା, ଭାରତର ଅଖଣ୍ଡତା ଓ ଭାରତର ବିବିଧତାର ମଧ୍ୟ ପ୍ରତୀକ । ଆମ ସଂଗ୍ରାମୀମାନେ ତ୍ରିରଙ୍ଗାରେ ଦେଶର ଭବିଷ୍ୟତ ଦେଖିଥିଲେ, ଦେଶର ସ୍ୱପ୍ନ ଦେଖିଥିଲେ ଓ ଏହାକୁ କେବେ ନଇଁବାକୁ ଦେଇନଥିଲେ ।

ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ଯେତେବେଳେ ନୂଆ ଭାରତର ଯାତ୍ରା ଆରମ୍ଭ କରୁଛେ ସେତେବେଳେ ତ୍ରିରଙ୍ଗା ପୁଣି ଥରେ ଭାରତର ଏକତା ଓ ଚେତନାକୁ ପ୍ରତିନିଧିତ୍ୱ କରୁଛି । ଗୌରବର ପ୍ରତୀକ ତ୍ରିରଙ୍ଗା ଆଜି ମଣିଷକୁ ସଚେତନ କରୁଛି ଯେ ଏ ହେଉଛି ସେଇ ଭାରତବର୍ଷ ଯାହାର ତ୍ୟାଗ,ଆତ୍ମବଳିଦାନ,ସଂଗ୍ରାମ ଓ ବୀରତ୍ୱ ହେଉଛି ତା'ର ଇତିହାସ । ଏ ଦେଶର ମହାନ ବୀର ପୁରୁଷ ଯେଉଁମାନଙ୍କର ତ୍ୟାଗ ,ବଳିଦାନ ଦେଶକୁ ଆଣି ଦେଇଥିଲା ସ୍ୱାଧୀନତା । ଦେଶ ସ୍ୱାଧୀନ ହେଲା, ଫିରିଙ୍ଗି ଶାସନ ହଟିଲା । ମୁକ୍ତି ଯୁଦ୍ଧରେ ଅନେକ ଶହୀଦ ହେଲେ । ସଂଗ୍ରାମୀଙ୍କ ଲହୁ ଲୁହରେ ଲେଖାହେଲା ସ୍ୱାଧୀନତାର ଇତିହାସ । ମାଟି ପାଇଁ ନିଜର ସାମର୍ଥ୍ୟ, ଜୀବନ, ବଳିଦାନ ଦେଇ ଆଜି ସେହି ମହାନ ସଂଗ୍ରାମୀ ମାନେ ଚିରସ୍ମରଣୀୟ । ଏ ଦେଶର ମହାନ ବୀର ପୁରୁଷ ଓ ମହିୟସୀ ମହିଳାମାନଙ୍କୁ ଏହି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ବିଶେଷ କରି ମହାତ୍ମା ଗାନ୍ଧି, ପଣ୍ଡିତ ଜବାହାରଲାଲ ନେହେରୁ, ମୌଲାନା ଆଜାଦ,ସୁଭାଷ ଚନ୍ଦ୍ର ବୋଷ,ଲକ୍ଷ୍ମଣ ନାୟକ, ଭଗତ ସିଂ, ଜୟୀ ରାଜଗୁରୁ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, କମଳାଦେବୀ , ରାଣୀ ଲକ୍ଷ୍ମୀବାଈ ଏବଂ ରମାଦେବୀ ଚୌଧୁରୀ ପ୍ରଭୃତିଙ୍କ ବୀରତ୍ୱ କାହାଣୀ ଏ ମାଟିକୁ ମହନୀୟ କରିଛି । ଏ ମାଟି, ଏ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ବିଶ୍ୱ ଇତିହାସକୁ ସମୃଦ୍ଧ କରିଛି । ସ୍ୱାଧୀନତା ସେନାନୀଙ୍କ ପ୍ରେରଣା ଓ ଦେଶ ବିକାଶରେ ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେ ପକାଇ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ନେବା ଏହି ମହୋତ୍ସବର ଲକ୍ଷ୍ୟ ।

ଓଡ଼ିଶା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାର୍ଗ ଦର୍ଶିକାନୁଯାୟୀ "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମ ପ୍ରତି ଜିଲ୍ଲା, ବ୍ଲକ ସମେତ ପଞ୍ଚାୟତ ସ୍ତରରେ ମଧ୍ୟ ଅନୁଷ୍ଠିତ ହେବ । ଗ୍ରାମ ପଞ୍ଚାୟତ ସ୍ତର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ଜିଲ୍ଲା ଜଳ ଓ ପରିମଳ କମିଟିଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ ।ଚଳିତ ବର୍ଷ "ଘରେ ଘରେ ତ୍ରିରଙ୍ଗା" ବ୍ୟାନରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଛି । ଏହି ପରିପ୍ରେକ୍ଷୀରେ ତ୍ରିରଙ୍ଗା ଶପଥ ଓଡିଆ ଭାଷାରେ ନିଆଯିବ । ସ୍ଥାନୀୟ ନେତୃବୃନ୍ଦ, ବିଦ୍ୟାଳୟ, ମହା ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ଜାତୀୟ ପତାକା ସହ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ । ରାଜ୍ୟ ସ୍ତରରେ, ସହରାଞ୍ଚଳରେ, ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ । ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ସଙ୍ଗୀତ ସମାରୋହ ଅନୁଷ୍ଠିତ ହେବ । ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ପରିବାରଙ୍କୁ ଏଥିରେ ସାମିଲ କରାଯିବ । ରାଜ୍ୟ ସ୍ତରରେ ଏବଂ ଜିଲ୍ଲା ସ୍ତରୀୟ ଉତ୍ସବର ତ୍ରିରଙ୍ଗା କାନଭାସ ରଖାଯିବ, ଯେଉଥିରେ ଜନସାଧାରଣ "ଘରେ ଘରେ ତ୍ରିରଙ୍ଗା" ଏବଂ "ଜୟହିନ୍ଦ"ଲେଖି ଅଭିଯାନରେ ସାମିଲ ହେବେ । ପ୍ରତ୍ୟେକଟି ଓଡ଼ିଆ ଏହି "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମରେ ହୋଇ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପରିଚୟ ଦେବେ । ସ୍ୱାଧୀନତା ଆନ୍ଦୋଳନରେ ଭାଗନେଇଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ଅଭିଯାନରେ ସାମିଲ କରିବା ସହିତ ସମ୍ବର୍ଦ୍ଧିତ କରିବା ଏବଂ ଦେଶପ୍ରତି ସେମାନଙ୍କର ତ୍ୟାଗ ବଳିଦାନକୁ ସ୍ମରଣୀୟ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରତିଟି ଓଡ଼ିଆ ପ୍ରାଣରରେ ଦେଶପ୍ରୀତିର ଭାବନା ଉଦ୍ରେକ ତଥା ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରାଇବା ଏହି ଅଭିଯାନର ମୂଳଲକ୍ଷ୍ୟ ଅଟେ । 'ଘରେ ଘରେ ତ୍ରିରଙ୍ଗା" ବାର୍ତ୍ତା ଯେପରି ଘରେଘରେ ପହଞ୍ଚିବ,ସେଥିପାଇଁ ସମସ୍ତେ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ତ୍ୱ ଉପଲବ୍ଧି କରାଇବା ଏହି "ଘରେ ଘରେ ତ୍ରିରଙ୍ଗା" ଅଭିଯାନର ଉଦ୍ଦେଶ୍ୟ ଅଟେ । ଏହାଦ୍ୱାରା ଜାତୀୟ ପତାକା ପ୍ରତି ଆମର ପ୍ରେମ ଓ ସମ୍ମାନ ବଢ଼ିବା ସହିତ ଦେଶପ୍ରେମକୁ ଦେଶବାସୀ ଭଲ ଭାବରେ ଉପଲବ୍ଧି କରିପାରିବେ । ଦେଶର ଜାତୀୟତାର ପ୍ରତୀକ ହେଉଛି ତ୍ରିରଙ୍ଗା । ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ମନପ୍ରାଣରେ ଭରିଥାଏ ଦେଶପ୍ରେମ । ମନକୁ ଦେଇଥାଏ ଆତ୍ମସନ୍ତୋଷ । ଭାରତର ସାମୁହିକ ବିକାଶ ପାଇଁ ପ୍ରୟାସ ତଥା ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାପାଇଁ ଆମ ସମସ୍ତଙ୍କୁ ଏହି ପତାକା ତଳେ ଏକତ୍ରିତ ହୋଇ ଶପଥ ନେବାକୁ ପଡିବ । ଭାରତର ସ୍ୱର୍ଣ୍ଣିମ ଇତିହାସକୁ ଆଜିର ଯୁବପିଢି ହୃଦୟଙ୍ଗମ କରିବା ସହିତ ଦେଶକୁ କିପରି ପ୍ରଗତି ପଥରେ ଆଗେଇ ନେଇପାରିବେ ତାହାହିଁ "ଘରେ ଘରେ ତ୍ରିରଙ୍ଗା" ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତୀୟ ବୋଲି ମନେକରି ଦେଶକୁ ପ୍ରଗତି ପଥରେ ଆଗେଇନେବା ପାଇଁ ଆଜିର ଏହି ପବିତ୍ର ଦିବସରେ ଜାତୀୟ ପତାକା ତଳେ ସଂକଳ୍ପ ନେବା ଯାହାଦ୍ୱାରାକି ଗାନ୍ଧିଜୀଙ୍କ ରାମରାଜ୍ୟ ଗଢିତୋଳିବାର ସ୍ୱପ୍ନ ବାସ୍ତବରେ ପରିଣତ ହୋଇପାରିବ । ସ୍ୱାଧୀନତାର ଅନନ୍ୟ ପ୍ରତୀକ ଜାତୀୟ ପତାକାକୁ ସମ୍ମାନ ଜଣାଇବା । ଜାତୀୟ ଏକତା ଓ ଅଖଣ୍ଡତାର ପବିତ୍ର ଭାବନାରେ ଉଦବୁଦ୍ଧ ହୋଇ ଘରେଘରେ ତ୍ରିରଙ୍ଗା ପତାକା ଉଡେଇବା ଏବଂ ଦେଶଭକ୍ତିର ଭାବନାକୁ ଜାଗ୍ରତ କରାଇବା ।




ବ୍ରହ୍ମପୁର (ଭାସ୍କର ନ୍ୟୁଜ) ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏଚ୍ଆଇଭି/ଏଡ୍ସ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସଶକ୍ତିକରଣକୁ ପ୍ରାଥମିକତା ଦେଇ ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୧୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଏହା ମାଧ୍ୟମରେ ତୃଣମୂଳସ୍ତରରେ ଏଚ୍ଆଇଭି ସମ୍ପର୍କିତ ସଚେତନତାକୁ ବ୍ୟାପକ କରାଯିବ। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା ସହ ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ସ୍ୱପ୍ନ ନିଶ୍ଚିତ ଭାବେ ପୂରଣ ହେବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଅଭିଯାନକୁ ଆହୁରି ବ୍ୟାପକ କରିବା ଏବଂ ଅଧିକ ଲୋକଙ୍କୁ ସଚେତନ ପାଇଁ ସେ ସମସ୍ତ ଯୁବବନ୍ଧୁଙ୍କୁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଦ୍ଧି କାର୍ତ୍ତି ୱାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଏମ୍‌କେସିଜି ମେଡିକାଲ୍ କଲେଜର ଅଧକ୍ଷ, ଓସାକ୍ସର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# କୋରେଇରେ କାଗଜପତ୍ରରେ ସୀମିତ ସ୍ୱଚ୍ଛ ଭାରତ ଅଭିଯାନ




କୋରେଇ(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନେ କିପରି ସୁସ୍ଥ ପରିବେଶରେ ନିରାମୟ ଜୀବନ ଯାପନ କରିବେ ସେଥିପାଇଁ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛ ପରିବେଶକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ବ୍ୟୟବରାଦ କରି ପ୍ରତି ଘରକୁ ପାଇଖାନା ଓ ପ୍ରତି ଗ୍ରାମର ଆବର୍ଜନାକୁ ପରିଚାଳନା କରିବା ପାଇଁ ଏକ ଆବର୍ଜନା କୁଣ୍ଡ ଏବଂ ପ୍ରତି ପଞ୍ଚାୟତର ଆବର୍ଜନା ବୋହିବା ପାଇଁ ଏକ ଆବର୍ଜନା ବୋହିବା ଗାଡି ଓ ସେହି ଆବର୍ଜନାକୁ ଗୋଟେ ଜାଗାରେ ଗଚ୍ଛିତ କରିବାକୁ ଗୃହ ନିର୍ମାଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। ଯାହା ଫଳରେ ପରିବେଶ ପରିଷ୍କାର ରହିବା ସହିତ ଲୋକ ମାନେ ସୁସ୍ଥ ଜୀବନ ଜାପାନ କରିପାରିବେ। କିନ୍ତୁ ବିଡମ୍ବନାର ବିଷୟ କୋରେଇ ବ୍ଲକର କୌଣସି ପଞ୍ଚାୟତରେ ଏହି କାର୍ଯ୍ୟ ଚାଲୁଥିବା ଭଳି ମନେ ହୁଏ ନାହିଁ। ବ୍ଲକର ୨୮ ଗୋଟି ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଆବର୍ଜନା ଗୃହ ତିଆରି ହୋଇଛନ୍ତି ସତ, ଏ ଘର ଗୁଡ଼ିକ ଅତ୍ୟନ୍ତ ନିମ୍ନ ମାନର ତିଆରି ହୋଇଥିବାରୁ କେତେକ ପଞ୍ଚାୟତରେ ଏହା କେଇ ମାସ ଭିତରେ କାନ୍ଥ ଗୁଡ଼ିକ ଫାଟି ବିପଦସଂକୁଳ ଅବସ୍ଥାରେ ଅଛି। କୌଣସି ଗୋଟିଏ ପଞ୍ଚାୟତରେ ଏହି ଆବର୍ଜନା ପରିଚାଳିତ କେନ୍ଦ୍ରଗୁଡ଼ିକ ବ୍ୟବହାର ହେଉନଥିବାରୁ ଏହା ବର୍ତ୍ତମାନ ପ୍ରତି ପଞ୍ଚାୟତର ଅସାମାଜିକ ଲୋକ ମାନଙ୍କର ଆଡ୍ଡାସ୍ଥଳି ପାଲଟିଛି, ଜନବସତି ଠାରୁ ଦୂରରେ ଥିବାରୁ ସଂଧ୍ୟା ହେଲେ ନିଶାଡ଼ୀ ମାନେ ଏଠାରେ ନିଶା କାରବାର ସହିତ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେହିପରି ସରକାର ପ୍ରତି ଗ୍ରାମର ପ୍ରତି ୱାର୍ଡକୁ ଗାଁ କଲ୍ୟାଣ ସମିତି ନାମରେ ପ୍ରତି ବର୍ଷ ୧୦ ହଜାର ଟଙ୍କା ଲେଖାଏଁ ଅଙ୍ଗନବାଡି ଓ ଆଶାଙ୍କ ମାଧ୍ୟମରେ ଆସୁଥିବା ବେଳେ ଟଙ୍କା କେବଳ କାଗଜ କଲମରେ ବ୍ୟୟ ହେଉଥିବା ଅଭିଯୋଗ ହେଉଛି । ଅନ୍ୟପଟେ ଗାଁ ପରିମଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଗାଁ ମାନଙ୍କର ପରିମଳ ଅବସ୍ଥା ନକହିବା ଭଲ । ଗ୍ରାମର ପରିମଳ ପାଇଁ ସରକାର ବ୍ଲକ, ପଞ୍ଚାୟତ ମାଧ୍ୟମରେ ଦେଉଥିବା କୋଟି କୋଟି ଟଙ୍କା କେବଳ କିଛି ଡକାୟତଙ୍କ ପକେଟ ଭାରିବା ଉଦ୍ଦେଶ୍ୟରେ ବୋଲି ଲୋକ ଅଭିଯୋଗ କରୁଛନ୍ତି । ପ୍ରତି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଆବର୍ଜନା ଘର ୧ବର୍ଷରେ ଏପରି ଅବସ୍ଥା ତେବେ ଘର ତିଆରିର ମାନକୁ ନେଇ ଉଠିଛି ପ୍ରଶ୍ନ। ଏହି ଘରସବୁ ବିଭାଗୀୟ ଯନ୍ତ୍ରୀ କରିଥିବାରୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟପଟେ ଗାଁ କଲ୍ୟାଣ ସମିତି ନାମରେ ଆସୁଥିବା ଟଙ୍କାକୁ ସରକାର ଏକ ନିରପକ୍ଷ୍ୟ ସଂସ୍ଥା ଦ୍ୱାରା ଅଡିଟ କରାଇବା ସହିତ ସରକାରୀ ଅର୍ଥ ତୋସାରାପାତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି । ଯାଜପୁର ଜିଲ୍ଲା ପ୍ରଶାସନ ଏହି ଯୋଜନାର ଗୁରୁତ୍ୱକୁ ଉପଲବ୍ଧି କରି କୋରେଇର ସମସ୍ତ ପଞ୍ଚାୟତର ଆବର୍ଜନା ଗୃହଗୁଡିକୁ କାର୍ଯ୍ୟକ୍ଷମ କରାଇବା ସହିତ ପ୍ରତି ଗାଁରୁ ଆବର୍ଜନା ବୋହିବାର ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରାଇ ପାରିଲେ ସରକାରଙ୍କର ପ୍ରକୃତ ଲକ୍ଷ୍ୟ ସାଧନ ହେବା ସହିତ ଗ୍ରାମାଞ୍ଚଳର ଲୋକମାନେ ସୁସ୍ଥ ଓ ନିରାମୟ ଜୀବନ ଜାପାନ କରିବେ ।

# ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ଶ୍ରେଷ୍ଠ ମଦର ପ୍ଲାଣ୍ଟ ପୁରସ୍କାର




ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ କୃଷକ ସାର ସମବାୟ ସଂଗଠନ (ଇଫକୋ) ପାରାଦୀପ ୟୁନିଟ୍‌କୁ ଓଡିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଓଏସଏମଇ) ଦ୍ୱାରା ଶ୍ରେଷ୍ଠ ମଦର ପ୍ଲାଣ୍ଟ ୨୦୨୫ ପୁରସ୍କାରରେ ସମ୍ମାନିତ କରାଯାଇଛି । ମଙ୍ଗଳବାର ଓଏସଏମଇର ୪୦ ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ସମ୍ମିଳନୀ ୨୦୨୫ ପାଳନ ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଓଡିଶା ସରକାରଙ୍କ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ । ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ର ଏହି ସମ୍ମାନ ପାଇଁ ଓଏସଏମଇ ଏବଂ ଓଡିଶା ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ଏହି ପୁରସ୍କାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିପ୍ରତି ଇଫକୋର ପ୍ରତିବଦ୍ଧତା ଏବଂ ରାଜ୍ୟର ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଏମଏସଏମଇ ଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏହା ଏକ ନିଦର୍ଶନ ବୋଲି କହିଛନ୍ତି ।

# ଗଣଦୁର୍ଷ୍କର୍ମ ଘଟଣାରେ ୫ ଗିରଫ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଏବେ ଲଜ୍ୟା ପୃଷ୍ଠାରେ ଲିପିବଦ୍ଧ ହେବାକୁ ଯାଉଛି, ପଟ୍ଟାମୁଣ୍ଡାଇ ଘଟଣା ମନରୁ ଲିଭିନଥିବା ବେଳେ ରାଜନଗର ଅଞ୍ଚଳରେ ଏବେ ଗଣବଳାତ୍କାର ଘଟଣା ସମସ୍ତଙ୍କ ମନକୁ ଦୋହଲାଇ ଦେଇଛି। ଜୈନକା ୧୫ବର୍ଷିଆ ନାବାଳିକା ୧୦ମ ଶ୍ରେଣୀର ଛାତ୍ରୀ ଅଟନ୍ତି। ଗତ ରାକ୍ଷୀପୂର୍ଣ୍ଣିମା ଦିନ ପରିବାର ଲୋକ ଭାଲୁକୁଣି କିଣିବାକୁ ଚାଲିଯାଇଥିଲେ। ପୀଡିତା ଏକାକି ଥିବାବେଳେ ତାଙ୍କ ସମ୍ପର୍କୀୟ ପିଉସା ହାପି ମଳିକକୁ ଅନୁରୋଧ କରିଥିଲେ ବାଇକ୍‌ରେ ନେଇ ଭାଲୁକୁଣି କିଣୁଥିବା ସାଙ୍ଗଙ୍କ ନିକଟରେ ଛାଡିବାକୁ । ପିଉସା ବାଇକ୍‌ରେ ସାଙ୍ଗଙ୍କ ନିକଟକୁ ନ ନେଇ କୁନ୍ଦୁପୁରୁ ନିକଟ ନିଛାଟିଆ ରାସ୍ତାରେ ଜୋରଜବରଦସ୍ତ ଦୁଷ୍କର୍ମ କରିବା ସହ କାହାକୁ ପ୍ରକାଶ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଦୁଷ୍କର୍ମ ପରେ ଅନ୍ୟ ୪ ବ୍ୟକ୍ତି ଦୁଷ୍କର୍ମ କରି ଚାଲିଗଲେ। ଶେଷରେ ପିଉସା ନାବାଳିକାଙ୍କୁ ଗ୍ରାମର ଅନତି ଦୂରରେ ଛାଡି ଦେଇଥିଲା । କାନ୍ଦି କାନ୍ଦି ପୀଡିତା ଘରେ ପହଞ୍ଚି ସମସ୍ତ କଥା ପରିବାରକୁ ଜଣାଇଥିଲା। ଗାଁରେ ସମାଧାନ ପାଇଁ ଗୋଟିଏ ଦିନ ପରେ ସମାଧାନ ନହେବାରୁ ସୋମବାର ରାତିରେ ପୀଡିତା ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଆଇଆଇସି ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ପୋଲିସ୍ ଟିମ୍ ସୋମବାର ବିଳମ୍ବିତ ରାତିରେ ଦୁଷ୍କର୍ମକାରୀ ୫ଜଣଙ୍କୁ ଥାନାକୁ ଉଠାଇ ଆଣି ତଦନ୍ତ ଜାରି ରଖିଛନ୍ତି। ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ ହେବେ ବୋଲି ଜଣାପଡ଼ିଛି ।

# ପାରାଦୀପ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧକ୍ଷ ତଥା ମହାବିଦ୍ୟାଳୟ ଆଲୁମୁନି ଆସୋସିଏସନ ସଭାପତି ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ଶୃଙ୍ଖଳାର ସହ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବା ପାଇଁ ଓ ସହରକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ପାରାଦୀପ ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ନିରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ଓ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ । ସମାଜସେବୀ, ଆଇକ୍ୟୁଏସି ସଦସ୍ୟା ତଥା ପାରାଦୀପ ମହାବିଦ୍ୟାଳୟ ପରିଚାଳନା ସମିତିର ପ୍ରାକ୍ତନ ସଦସ୍ୟା ପ୍ରୀତି ଆରତୀ ପରିଜା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ । ଏଥିରେ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼଼ଃ.ସସ୍ମିତା ଶତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜିକା ତଥା ମହାବିଦ୍ୟାଳୟ ରସାୟନ ବିଭାଗ ପ୍ରାଧ୍ୟାପିକା ଡ଼ଃ. ସ୍ମିତା ବିଶ୍ୱାଳ ତାଙ୍କର ରଖିଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ମାନିତ କରିବା ସହ ଆଗାମୀ ବର୍ଷରେ ଅବସର ନେବାକୁ ଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୩୨୬ ନଂ ଜାତୀୟ ରାଜପଥ ମରଣଯନ୍ତା

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରତିବର୍ଷ ଏହି ରାସ୍ତାର ମରାମତି ହେଉଛିଓ ନିମ୍ନମାନର କାମ ଯୋଗୁ ମରାମତିର ୨-୩ ମାସ ମଧ୍ୟରେ ରାସ୍ତା ଅବସ୍ଥା ପୁଣି ଶୋଚନୀୟ ହୋଇପଡିଛି। ଏବେ ରାସ୍ତା ମଝିରେ ବଡ଼ବଡ଼ ଖାଲ ସୃଷ୍ଟିହୋଇ ସେଥିରେ ପାଣିଜମିବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଜିଲ୍ଲା ସଦର ମହକୁମା ବସଷ୍ଟାଣ୍ଡ ନିକଟ ସୁକ୍ମା ଛକରେ ରାଜପଥ ମଝିରେ ବଡ଼ ଖାଲ ହୋଇଛି। ବର୍ଷାରେ ଏହି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। କାଲିମେଳାରୁ ମୋଟୁ ରାସ୍ତା ସାରା ଖଲଖମା ହୋଇଥିବାରୁ ଯାନବାହନ ଚଳାଚଳରେ ବହୁତ ଅସୁବିଧା ହେଉଛି। ଏମଭୀ-୭୯ରୁ ମୋଟୁ ରସ୍ତା ଏବଂ ଜିଲ୍ଲା ଶେଷ ସୀମା ମୋଟୁରୁ ଆନ୍ଧ୍ର ଚିତୁର୍‌କୁ ସଂଯୋଗ କରୁଥିବା ରାସ୍ତା ଧୋଇ ହୋଇଯାଇଛି। ଯାତ୍ରୀବାହୀ ଯାନଗୁଡିକ ପଙ୍କ କାଦୁଅରେ ଫସିଯାଉଛି। ଅନେକ ଗାଡି ଦୀର୍ଘ ସମୟ ଧରି ରାସ୍ତାରେ ଅପେକ୍ଷା କରି ରହୁଛି। ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇ ନଥିବାରୁ ଲୋକେ ଦୈନନ୍ଦିନ ଜୀବନରେ ଏଭଳି ସମସ୍ୟା ଭୋଗୁଥିବା ଅଞ୍ଚଳବାସୀ କହିଛତି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଶଶୁରଙ୍କ ବିରୋଧରେ ପ୍ରଥମେ ଅଭିଯୋଗ ଆଣିଥିଲେ ବୋହୂ



ଜଗତସିଂହପୁର(ଭାସ୍କର ନ୍ୟୁଜ): ବର୍ତ୍ତମାନ ଜନ୍ମକଲା ପୁଅ କହୁଛନ୍ତି ମୋ ବାପା କାହାରିକୁ ଛାଡନ୍ତି ନାହିଁ। ନିଜ ସରକାରୀ ଚାକିରି କରିଥିଲା ବେଳେ ୨ଟା ସ୍ତ୍ରୀକୁ ମାରିଦେଇ ମୋ ବୋଉକୁ ଆଣିଛନ୍ତି । ମୋ ବୋଉକୁ ଆଣିଲା ପରେ ଘର ପାଖରେ ଏକ ବିଧବା ସ୍ତ୍ରୀ ଲୋକ ସହିତ ଖରାପ ସମ୍ପର୍କ ରଖୁଛନ୍ତି। ଏତେ ସବୁ କଲା ପରେ ମୋ ସ୍ତ୍ରୀକୁ ବି ଛାଡ଼ି ନାହାଁନ୍ତି ଏଭଳି ନରରାକ୍ଷସ ବାପା। ଆମର ବିବାହର ଚତୁର୍ଥି ରାତିରେ କ୍ଷୀରରେ ବିଶ ମିସାଇବାକୁ ପଛାଇନାହାନ୍ତି । ଏପରି ଅନେକ ସ୍ତ୍ରୀ ଲୋକଙ୍କ ସହିତ ତାଙ୍କର ଖରାପ ଉଦ୍ଦେଶ୍ୟ ଥାଏ । ସେତିକି ନୁହେଁ କାମୁକ ଶଶୁର ଚାହିଁଲେ ଉପଭୋଗ କରିବାକୁ ବୋହୂର ଶରୀର । ଏଥିନେଇ ବୋହୂ ପ୍ରତି ରଖିଲେ ଖରାପ ନଜର ଏବଂ ବାରମ୍ବାର କଲେ ଖରାପ ଆଚରଣ । ଶରୀର ଉପଭୋଗ କରିବାକୁ ନିଜ ପେନସନରୁ ମାସରେ ୨୦ ହଜାର ଲେଖାଏ ଟଙ୍କା ଦେବେ ବୋଲି ଅଫର ଦେଲେ ବୋହୂକୁ । ମାତ୍ର ନିଜ ଇଜତ ଓ ଶଶୁର ବୋହୂର ମହତ୍ୱ ରଖିବାକୁ ସବୁ ଅଫରକୁ ପ୍ରତ୍ୟାଖାନ କଲେ ବୋହୂ । ଯାହାକୁ ନେଇ ବୋହୂ ଥାନାରେ ଅଭିଯୋଗ କଲେ । ମାତ୍ର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଥାନାରୁ ନ୍ୟାୟ ନ ପାଇ ଜିଲ୍ଲା ଏସ୍ପିଙ୍କୁ ଅଭିଯୋଗ କରିଛନ୍ତି । ହଁ ଆଜ୍ଞା ଏଭଳି ଲଜ୍ଜାଜନକ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାପୁର ଗ୍ରାମରେ । ଅଯୋଧ୍ୟାପୁର ଗ୍ରାମର ଜଣେ ଶିକ୍ଷିତ ଓ ଚାକିରିଆ ମହିଳା ଲୋପାମୁଦ୍ରା ସାହୁ ଏଭଳି ସଙ୍ଗୀନ ଅଭିଯୋଗ ନିଜ ୬୬ ବର୍ଷୀୟ ବୃଦ୍ଧ ଶଶୁରଙ୍କ ନାମରେ ଆଣିଛନ୍ତି । ସମ୍ବଲପୁରରେ ଚାକିରୀ କରିଥିଲେ ମଧ୍ୟ ବେଳେ ବେଳେ ଶାଶୂଘର ରଘୁନାଥପୁର ଥାନା ଅଯୋଧ୍ୟାପୁରକୁ ଆସନ୍ତି । ମାତ୍ର ଯେବେ ଆସନ୍ତି ଶଶୁର ତାଙ୍କ ପ୍ରତି ଖରାପ ନଜର ରଖନ୍ତି । ଖରାପ ନଜର ଦିନେ ଅତି ଖରାପ ହୋଇଯିବାରୁ ସେ ରଘୁନାଥପୁର ଥାନାରେ ଅଜିଯୋଗ କରିଥିଲେ । ମାତ୍ର ସେଠାରେ ତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ସେ ସ୍ୱାମୀଙ୍କ ସହମତିରେ ଅଗ୍ରଣୀ ମହିଳା ସଂଗଠନ ତେଜସ୍ୱିନୀ ମହିଳା ସଂଗଠନ ସହାୟତାରେ ଜଗତସିଂହପୁର ଜିଲ୍ଲା ଏସ୍ପିଙ୍କ କାର୍ଯ୍ୟଳୟକୁ ଆସି ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଶଶୁରଙ୍କୁ କଠୋର ଦଣ୍ଡବିଧାନ କରିବାକୁ ଦାବି ଜଣେଇଛନ୍ତି ।

# ମହିଳାଙ୍କୁ ସଙ୍ଘବଦ୍ଧ ଆକ୍ରମଣ
# ୩ କୋର୍ଟ ଚାଲାଣ

ଧର୍ମଗଡ(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଳସର୍ଗି ଗ୍ରାମରେ ଚାଷ ଜମିକୁ କେନ୍ଦ୍ରକରି ଦଳଗତ ଭାବେ କିଛି ଦଳିତ ମହିଳାଙ୍କୁ ଗ୍ରାମର କିଛି ଲୋକ ମରଣମକ୍। ଆକ୍ରମଣ କରିଥିବା ବେଳେ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନର କାର୍ଯ୍ୟକର୍ତ୍ତାଙ୍କ ହସ୍ତକ୍ଷେପ ପରେ ତିନି ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ଜଣାଯାଏ ଯେ ଧର୍ମଗଡ ବ୍ଲକ ଦଳସର୍ଗି ଗ୍ରାମର ଧନମତି ଭରତିଆଙ୍କ ପରିବାର ଦଳସର୍ଗୀ ନଦୀକୂଳରେ ଥିବା ସରକାରୀ ଜମିରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ ହେବ ରହିବା ସହ ଚାଷ କରୁଛନ୍ତି । ସେହି ସରକାରୀ ଜମି ରାସ୍ତା ଦେଇ କାଣ୍ଡପଡାର ଲୋକେ ନଦୀକୁ ଗାଧୋଇବାକୁ ଯାଇଥାନ୍ତି। ଗତ ୨୬ ତାରିଖ ଦିନ ସେହି ଗ୍ରାମର ବଳଦ ମଡ଼ାଇ ନଷ୍ଟ କରି ଦେବାରୁ ପରିବାରର ମହିଳାମାନେ ଏହାର ପ୍ରତିବାଦ କରିବାରୁ କାଣ୍ଡପଡାର ୩୦ ରୁ ଉର୍ଦ୍ଧ ଲୋକ ଆସି ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ପରବର୍ତ୍ତୀ ସମୟରେ ସମସ୍ତେ ଗୁରୁତର ଅବସ୍ଥାରେ କୋକସରା ଥାନାର ଦ୍ୱାରସ୍ତ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି କୋକସରା ଥାନାରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀଣି ସ୍ନିଗ୍ଧାରାଣୀ ସୁନା ଘଟଣା ସ୍ଥଳକୁ ଆସି ତଦନ୍ତ କରି ଗ୍ରାମର ୩୧ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। କିନ୍ତୁ ଘଟଣାର ଦୀର୍ଘଦିନ ପରେ ମଧ୍ୟ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜିଲ୍ଲାର ସାମାଜିକ ଅଗ୍ରଣୀ ସଂଗଠନ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନର ହସ୍ତକ୍ଷେପ ପରେ କୋକସରା ପୋଲିସ ତିନି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗ୍ରାମର ହରି କାଣ୍ଡ, ବେଲାଲ କାଣ୍ଡ, ପୁରନଧର କାଣ୍ଡକୁ କୋର୍ଟ ଚାଲାଣ କରିଥିବା ନେଇ ଧର୍ମଗଡ ଏସଡିପିଓ ଡୋଲାମାଣି ଭୋଇ ସୂଚନା ଦେଇଛନ୍ତି।

# ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା ଶୋଭାଯାତ୍ରା




ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଜୋନର କନ୍ତପହଁରା ପଞ୍ଚାୟତରେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣ ମଣ୍ଡଳର ସୁବର୍ଣ୍ଣପୁର, ଓସ୍ତିଆ, କଦଳୀବାଡି, କନ୍ତପହଁରା, ରତାଗଡ, ବନ୍ଧାଳ ଓ ବାଉଁଶପୁଟ ପଞ୍ଚାୟତ ଶତାଧିକ ବିଜେପି କର୍ମୀ ଏହି ହରଘର ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ତ୍ରିରଙ୍ଗା ଶୋଭାଯାତ୍ରା କନ୍ତପହଁରା ଗ୍ରାମରୁ ଆରମ୍ଭକରି ଘୋଳପୁର, କୃଷ୍ଣପୁର ଆଦି ଗ୍ରାମ ପରିକ୍ରମା କରିବା ସହିତ ଭାରତ ମାତାଙ୍କ ଜୟ ଗାନ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠୁଥିଲା । କନ୍ତପହଁରା ଗ୍ରାମ ଶନି ମନ୍ଦିରଠାରେ ଏକ ସାଧାରଣ ସଭାର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ ଭାଜପା ବିଧାୟକ ପ୍ରାର୍ଥୀ ଚକ୍ରବର୍ତ୍ତୀ । ସାଂସଦ ପ୍ରତିନିଧି ଜୟନ୍ତ କୁମାର ବେଉରା, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଜଗନ୍ନାଥ ପରିଡ଼ା, ଆଇନଜୀବୀ ଦେବାଶିଷ ମାନସିଂହ, ନାରୀନେତ୍ରୀ ଅନିତା ମିଶ୍ର, ମଣ୍ଡଳ ସଭାପତି ଶ୍ରୀରାମ ରାଉତ, ସରୋଜ ମିଶ୍ର, ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ଜିଲ୍ଲା ସଂପାଦକ ବିନୋଦ କୁମାର ଦାସଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ନିମାପଡ଼ା ତହସିଲରେ ସର୍ପ ଆତଙ୍କ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ସର୍ପ ଆତଙ୍କ ବଢ଼ିଥିବା ବେଳେ ତହସିଲ କାର୍ଯ୍ୟାଳୟ କମ୍ପ୍ୟୁଟର ରୁମ୍ ଭିତରକୁ ବିଷଧର ସର୍ପ ପଶି ଯିବାରୁ କର୍ମଚାରୀଙ୍କ ମହଲରେ କୋକୁଆଭୟ ସୃଷ୍ଟି ହୋଇଛି । ହଠାତ୍ ବିଷଧର ସର୍ପଟି ବ୍ଲକ୍ ପାଚେରୀ ପଟୁ ଆସି ତହସିଲଦାରଙ୍କ କାର୍ଯ୍ୟାଳୟ ଦେଇ କମ୍ପ୍ୟୁଟର ରୁମ୍ ଭିତରକୁ ପଶି ଯାଇଥିଲା । କେତେକ କର୍ମଚାରୀ ହୋହାଲ୍ଲା କରି ସର୍ପକୁ କାଢ଼ିବା ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ସର୍ପଟି କେଉଁଆଡ଼େ ଉଭାନ୍ ହୋଇଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ ତହସିଲ କାର୍ଯ୍ୟାଳୟ ମଧ୍ୟରେ ଏକ ବିଷଧର ସର୍ପ ତହସିଲଦାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ କମ୍ପ୍ୟୁଟର ରୁମ୍ ଭିତରେ ପଶି ଯାଇଥିଲା । କର୍ମଚାରୀ ବହୁ ଖୋଜାଖୋଜି କଲେ ମଧ୍ୟ ସର୍ପଟି କେଉଁଆଡ଼େ ଉଭାନ୍ ହୋଇଗଲା ତାହାର କେହି ସୁରାକ୍ ପାଇଲେ ନାହିଁ। ପ୍ରଶ୍ନ ଉଠୁଛି କାର୍ଯ୍ୟାଳୟରେ ଥିବା ପୁରାତନ ନଥିପତ୍ର ମଧ୍ୟରେ ସର୍ପଟି ଆତ୍ମଗୋପନ କରିନି ତ ? ଏପରି ଅନେକ ଚିନ୍ତା କର୍ମଚାରୀଙ୍କୁ ଘାରି ଥିବାବେଳେ ତୁରନ୍ତ ରାସାୟନିକ ସ୍ପ୍ରେ କରାଯାଇ ସ୍ନେକ୍ ବିଭାଗକୁ ଡ଼କା ଯାଇ ସାପଟିକୁ ବାହାର କରିବା ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି

# ସାମୂହିକ ଛୁଟିରେ ତହସିଲ କର୍ମଚାରୀ, କାର୍ଯ୍ୟ ଠପ୍



ନିମାପଡ଼ା(ଭାସ୍କର ନ୍ୟୁଜ୍): ୯ ଦଫା ଦାବି ନେଇ ରାଜ୍ୟରେ ରାଜସ୍ୱ ଅମଲା ସଂଘ ସୋମବାରଠାରୁ ସମୂହ ଛୁଟିରେ ଯାଇଛନ୍ତି । ରାଜ୍ୟ ସଂଘ ଡ଼ାକରାରେ କର୍ମଚାରୀମାନେ ଛୁଟିରେ ଯାଇଥିବା ଜଣାପଡ଼ିଛି । ରାଜ୍ୟ ସରକାର ଅମଲା ମାନଙ୍କ ଦାବି ଉପରେ ଗୁରୁତ୍ୱ ଦେଉ ନଥିବାରୁ ଅମଲା ସଂଘ ଲିଖିତ ଭାବେ ସରକାରଙ୍କୁ ଜଣାଇଥିଲେ । ନିମାପଡ଼ା ତହସିଲରେ ଅମଲା ମାନେ ଛୁଟିରେ ଯାଇଥିବାରୁ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି । ତହସିଲଦାର, ଅତିରିକ୍ତ ତହସିଲଦାର ସମସ୍ତ କାର୍ଯ୍ୟ ଚଳାଉଛନ୍ତି । ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ଫେରି ଯାଉଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରାଜ୍ୟ ଅମଲା ସଂଘ ଡ଼ାକରାରେ ନିମାପଡ଼ା ତହସିଲର ସମସ୍ତ ଅମଲା ମାନେ ଛୁଟିରେ ଯାଇଛନ୍ତି । ଯାହାକୁ ନେଇ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି । ୮ ତାରିଖ ସୁଦ୍ଧା ସରକାରଙ୍କୁ ଅମଲା ସଂଘ କଂଟ ଦେଇଥିଲା । ୮ ତାରିଖ ପୂରି ଯିବା ପରେ ୧୧ରୁ ସମଗ୍ର ରାଜ୍ୟରେ ଅମଲା ମାନେ ସମୂହ ଛୁଟିରେ ଯାଇଥିବା ବେଳେ ନିମାପଡ଼ା ତହସିଲ କର୍ମଚାରୀ ଶୂନ୍ୟ ହୋଇପଡ଼ିଛି । ବ୍ଲକ୍, ଶିଶୁ ବିକାଶ କାର୍ଯ୍ୟାଳୟର ଅମଲା ମାନେ ମଧ୍ୟ ଛୁଟିରେ ଯାଇଥିବା ଜଣାପଡ଼ିଛି । ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅମଲାଙ୍କ ଦାବିଗୁଡ଼ିକ ମଧ୍ୟରେ ଦରମା ଲେବୁଲ୍ ୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ଜିଲ୍ଲାପାଳଙ୍କ ସୁପାରିଶକୁ ଭିତି କରି ନୂତନ ପଦ ସୃଷ୍ଟି ଓ ପୁର୍ନଗଠନ କରିବା, କନିଷ୍ଠ ଅମଲା ମାନଙ୍କର ରେସିଡେ଼ନ୍ସି ୬ ବର୍ଷ ସ୍ଥାନରେ ୪ ବର୍ଷ କରିବା, ରାଜ୍ୟ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ୨୦୨୨ ପରିବର୍ତ୍ତେ ୧୯୯୦ ନିୟମ ଅନୁଯାୟୀ ପୁନଃ ଥଇଥାନ କରିବା, ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରାତନ ପେନସନ ଯୋଜନାକୁ ଦାବି ନେଇ ଅମଲାମାନେ ଛୁଟିରେ ଯାଇଛନ୍ତି । ତୁରନ୍ତ ସରକାର ଏ ଦିଗରେ ଚିନ୍ତା କରିବା ଆବଶ୍ୟକ ଅଛି ବୋଲି ନିମାପଡ଼ା ତହସିଲକୁ କାର୍ଯ୍ୟ ପାଇଁ ଆସିଥିବା କେତେକ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି ।

# ଓଡିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘର ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମାନବ ସମାଜର ଯାବତୀୟ ଉନ୍ନତିର ଅନ୍ତରାଳରେ ଶିକ୍ଷା ହିଁ ଅସଲ ଚାବିକାଠି, ଯାହାର ମାନ ବୃଦ୍ଧି ନିମନ୍ତେ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ଠାରେ ପାଠାଗାର ଆନ୍ଦୋଳନର ଜନକ ଡଃ ଏସ. ଆର. ରଙ୍ଗନାଥନଙ୍କ ଜୟନ୍ତୀ ଉତ୍ସବ ତଥା ଓଡିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ଜାତୀୟ ଗ୍ରନ୍ଥା ଗାରିକ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ଉଚ୍ଚ ଶିକ୍ଷା ବିଭାଗ ଏଚଆଇଏମଏସ ଭାରପ୍ରାପ୍ତ ଅଧିକାରୀ ଡ ପାଣ୍ଡବ ପ୍ରଧାନ ଯୋଗଦେଇ ଏହା ପ୍ରକାଶ କରିବା ସହିତ ଗ୍ରନ୍ଥାଗାରିକଙ୍କ କିଛି ଆବଶ୍ୟକୀୟ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ସଭାରେ ଡି. ଆଶୁତୋଷ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ସମ୍ମାନୀତ ଅତିଥି ଭାବରେ ସଂଘ ମାର୍ଗଦର୍ଶକ ଓ ପ୍ରାଣ ପ୍ରତିଷ୍ଠାତା ଅର୍ଜୁନ ଜେନା, ପଣ୍ଡିତ ନୀଳକଣ୍ଠ ସୂଚନା ଓ ପାଠାଗାର ବିଜ୍ଞାନ କଲେଜ ଅଧକ୍ଷ ଦିଲ୍ଲିପ କୁମାର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ସାହୁ, ବରିଷ୍ଠ ଉପଦେଷ୍ଟା ଆଦିତ୍ୟ ମିଶ୍ର, ସାଂଗଠନିକ ସମ୍ପାଦକ ରତିକାନ୍ତ ଓଝା ଓ ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ପାଠାଗାର କେବଳ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଂଶ ନୁହେଁ ଏହା ସମାଜରେ ଶିକ୍ଷା ବିକାଶର ମୁଖ୍ୟ ମାଧ୍ୟମ ଓ ଶିକ୍ଷାର ବିକାଶରେ ଗ୍ରନ୍ଥାଗାର ର ଭୂମିକା ଉପରେ ଆଲୋକ ପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ. ସୁଶାନ୍ତ ରାଉତ, ହେମନ୍ତ କୁମାର ଶତପଥୀ, ହେମନ୍ତ ଦାସ, ଅବଦୁଲ କଲାମ, ବାସୁଦେବ ମିଶ୍ର, ଜୟଦେବ ଗୌଡ ଓ ହିମାଂଶୁ ଭୁଷଣ ଚମ୍ପତିରାୟ, ଶୁଭଲକ୍ଷ୍ମୀ ମହାନ୍ତି, ରୋଜାଲିନ ସୁନ୍ଦରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପସଭାପତି ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳ ନଗରରେ ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ୱାଧୀନତା ଦିବସ ପାଳନ ଅବସରରେ ଜନସାଧାରଣଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଆଜି ଅପରାହ୍ନରେ ଢେଙ୍କାନାଳ ନଗରରେ ଭାରତୀୟ ଜନତା ପାର୍ଟିର ନଗର ମଣ୍ଡଳ, ଭାପୁର ମଣ୍ଡଳ, ଶଙ୍କରପୁର ମଣ୍ଡଳ ଓ ଗୋବିନ୍ଦପୁର ମଣ୍ଡଳ ତରଫରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥାନୀୟ ବାଜିଚୌକ ଠାରେ ପହଁଚି ବିଶ୍ୱର ସର୍ବକନିଷ୍ଠ ସହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଳି ଦେବା ପରେ ପତାକା ଦେଖାଇ ନତ୍ରିରଙ୍ଗା ଯାତ୍ରା'ର ଶୁଭାରମ୍ଭ କରିଥିଲେ । ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ବିଜେପି କାର୍ଯ୍ୟକର୍ତା, ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସମସ୍ତ ବର୍ଗର ଜନସାଧାରଣ ହାତରେ ତ୍ରିରଙ୍ଗା ପତାକା ଧରି ବିଭିନ୍ନ ଦେଶାତ୍ମବୋଧ ନାରା, ଗୀତ ଓ ବାଦ୍ୟ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାଜିଚୌକ ଠାରୁ ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭାରତ ମାତାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଁଚି ଭାରତମାତା, ଅନ୍ୟାନ୍ୟ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଳି ଦେବା ପରେ ଶୋଭାଯାତ୍ରା ସମାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଭାରତୀ ସ୍ୱାଇଁ, ଜିଲ୍ଲା ସାଧାରଣ ସଂପାଦକ ରତିକାନ୍ତ ସାହୁ, ଓଡିଶା ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଅନୁସୂଚିତ ଜାତି ଜିଲ୍ଲା ସଭାପତି ଲକ୍ଷ୍ମୀଧର ଦଲେଇ, ନଗରମଣ୍ଡଳ ସଭାପତି ବିକାଶ ଚନ୍ଦ୍ର ସାହୁ, ଶଙ୍କରପୁର ମଣ୍ଡଳ ସଭାପତି ସୁଶିଲ୍ ରାଉତ, ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ଗୋବିନ୍ଦପୁର ମଣ୍ଡଳ ସଭାପତି ରିତ୍ ବିଶାଲ, କାଉନ୍‌ସିଲର ନିରୋଦ କୁମାର ସାହୁ, ସୂର୍ଯ୍ୟପ୍ରତାପ ରାଉତ, ଲକ୍ଷ୍ମୀପ୍ରିୟା ଦଲେଇ, ବଳରାମ ସେଠୀ, ମମତା ମଲ୍ଲିକ, ସୁମିତ୍ରା ମଲ୍ଲିକ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ, ଜ୍ଞାନ ରନ ନାୟକ, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ସତ୍ୟଭାନ ପାତ୍ର, ରନ ସାହୁ, ନଗର ଓବିସି ସଭାପତି ସନ୍ତୋଷ ବେହେରା, ଧୃବଚରଣ ସ୍ୱାଇଁ, ବିବୁତି ଷେଣ୍ଡି, ପଦ୍ମଭୂଷଣ ସାହୁ, ମହାଦେବ ପାତ୍ର, ସୁନିଲ୍ ବେହେରା, ସନ୍ତୋଷ ମହାଖୁଡ, ସୁଚିତ୍ର ବେହେରା, ଉଲି ନାୟକ, ମାଳବିକା ସ୍ୱାଇଁ, ସୋନି ସାହୁ, ଦୀପକ ପଟ୍ଟନାୟକ, ରବି ନାରାୟଣ ମିଶ୍ର, ପପୁ ପାଣିଙ୍କ ସମେତ ବହୁ କାର୍ଯ୍ୟକର୍ତା ଉକ୍ତ ତ୍ରିରଙ୍ଗା ଯାତ୍ରାରେ ସାମିଲ୍ ଥିଲେ ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପୁରୀ ଗସ୍ତ

ପୁରୀ(ଭାସ୍କର ନ୍ୟୁଜ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନ ର ନବନିଯୁକ୍ତ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମେତ କମିଶନ ର ସଦସ୍ୟା ଚନ୍ଦନା ଦାସ, କଳ୍ପନା ଲେଙ୍କା, ମନସ୍ମିତା ଖୁଣ୍ଟିଆ ଏବଂ ସୁଜାତା ନାୟକ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଅଧ୍ୟକ୍ଷା ଓ ସଦସ୍ୟା ମାନେ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ ପହଂଚିବା ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତ ଜଣାଇଥିଲେ। ଏହାପରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ସୁରକ୍ଷା ଯୋଜନା ଗୁଡିକ ଯଥା; ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦର ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଭବିଷ୍ୟତରେ ଶିଶୁ ସୁରକ୍ଷା କୁ ଅଗ୍ରାଧିକାର ପ୍ରଦାନ ପୂର୍ବକ ସମସ୍ତ ଶିଶୁ ମାନଙ୍କ ଅଧିକାର ପୂରଣ ଦିଗରେ ଆୟୋଗ ନିଷ୍ଠାର ସହିତ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷା କହିଥିଲେ।

# ଚୋରା ବାଲି ମାଫିଆ-ପୋଲିସ ଛକାପଞ୍ଝା, ମାଇନ୍ସ ବିଭାଗ ନିରବ



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ସଞ୍ଜ ନଇଁଲେ ରାତି ହେଲେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ପ୍ରଭାବିତ ଦେବୀ ଓ କନ୍ଦଳ ନଦୀର ଗୋବିନ୍ଦପୁର ଥାନା ବ୍ରାହ୍ମଣବାଟି ପଞ୍ଚାୟତ ଅଣ୍ଟେଇସାହି ଓ ବଡବିଲ ଏବଂ ଝାରପଡ଼ା ବ୍ରିଜ ନିକଟରେ ରାଜୁତି ଚାଲିଛି ଚୋରା ବାଲି ମାଫିଆ ମାନଙ୍କର । ସଂଧ୍ୟା ହେବା ମାତ୍ରେ ବିଭିନ୍ନ ଛକ ଓ ରାସ୍ତାରେ ପଇଁତରା ମାରୁଛନ୍ତି ବାଲି ଚୋର । ଟିକିଏ ଫାଙ୍କା ଦେଖିଲା ମାତ୍ରେ ଦେବୀ ଓ କନ୍ଦଳ ନଦୀରୁ ଲୁଟି ନେଉଛନ୍ତି ଟ୍ରିପ ଟ୍ରିପ୍ ବାଲି । ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଜେସିବି ଓ ହାଇୱାରେ ନଦୀ ଗର୍ଭ ଚିରି ଚୋରି ହେଉଛି ବାଲି । ଦେବୀ ଓ କନ୍ଦଳ ନଦୀରୁ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହୋଇସାରିଥିବା ନେଇ ଅଭିଯୋଗ। ଗୋବିନ୍ଦପୁରରେ ସଂଧ୍ୟା ହେବା ମାତ୍ରେ ବାଲି ମାଫିଆ ଓ ପୋଲିସ ମଧ୍ୟରେ ଛକାପଞ୍ଝା ଲାଗି ରହୁଛି । କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ଓ କନ୍ଦଳ ନଦୀରୁ ରାଜ୍ୟ ସରକାରଙ୍କ ବାଲି ଚୋରି ହେଉଥିବା ନେଇ ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ କଣ୍ଟାପଡ଼ା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଦ୍ୱାରା ଜନ ଶୁଣାଣିରେ ଏକ ଲିଖିତ ଅଭିଯୋଗ କରିବା ସହ ବାଲି ଚୋରି ରୋକିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ । ଏ ନେଗ ଜିଲ୍ଲାପାଳ ଏ ସମ୍ପର୍କରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି । ଗୋବିନ୍ଦପୁର ଥାନା ଦେବୀ ଓ କନ୍ଦଳ ନଦୀର ବିଭିନ୍ନ ସ୍ଥାନରେ ବାଲି ମାଫିଆ ପ୍ରଶାସନ ଆଖିରେ ଅଙ୍ଗୁଳି ଗେଞ୍ଜି ବାଲି ଚୋରା ଚାଲାଣ କରିଚାଲିଛନ୍ତି । ସବୁ ସୁରକ୍ଷାକୁ ଭେଦ କରି ସୋମବାର ସନ୍ଧ୍ୟା ଓ ଭୋର ସମୟରେ ବାଲି ଚୋରି କରିବାରେ ସକ୍ଷମ ହୋଇଥିବା ନେଇ ଅଭିଯୋଗ ହୋଇଛି । ପୋଲିସ ପେଟ୍ରୋଲିଂ କରୁଛି ସତ କିନ୍ତୁ ବାଲି ମାଫିଆ ରାସ୍ତାରେ ପଇଁତରା ମାରୁଛନ୍ତି । ପୋଲିସର ଗତିବିଧି ଦେଖି ରାତି ଅନ୍ଧାରରେ ବାଲି ଚୋରି କରୁଛନ୍ତି । ଏ ନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ରାତିରେ ଖବର ସଂଗ୍ରହ ସମୟରେ ବାଲି ଚୋରି ହେଉଥିବା ନେଇ ମଧ୍ୟ ସୁରାକ୍ ପାଇଥିବା ନେଇ ସୂଚନା ମିଳିଛି । କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ଓ କନ୍ଦଳ ନଦୀରୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିପୁଳ ପରିମାଣର କ୍ଷତି ହୋଇସାରିଛି । ଏବେ ଠାରୁ ଏହାକୁ ରୋକା ନଗଲେ ନଦୀ ବାଲି ଅଚିରେ ବାଲି ମାଫିଆ ଲୁଟି ନେବେ ଏଥିରେ କୌଣସି ଦ୍ୱିମତ ନାହିଁ । ଲୋକଙ୍କ ଅଭିଯୋଗ କେବଳ ପ୍ରଶାସନର ନାଲି ଫିତା ତଳେ ଚାପି ହୋଇ ରହିବା ସହିତ ସରକାରଙ୍କ ରାଜସ୍ୱ ଲୁଟ ହେବା ଥୟ ? ସେପଟେ କଟକ ଜିଲ୍ଲା ମାଇନ୍ସ ବିଭାଗ ଏହି ବାଲି ଲୁଟ୍ ଘଟଣାରେ ନିରବତା ପଣିଆ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।



ମୁରିବାହାଲ /ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ଗସ୍ତରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଆସି ରାଣୀପୁର ଝରିଆଲର ପାରିପାର୍ଶ୍ୱିକ ବିକାଶ ନେଇ ଆଲୋଚନା କରିଥିଲେ। ୬୪ ଯୋଗିନୀ ମନ୍ଦିର ପରିଦର୍ଶନ ସହ ସୋମେଶ୍ୱର ବାବାଙ୍କୁ ଦର୍ଶନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ସୋମେଶ୍ୱର ମହାଦେବଙ୍କୁ ଦର୍ଶନ ସାରି ରାଣୀପୁର ଝରିଆଲର ଉନ୍ନତି ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଡିପିଆର ଦେଖାଇଲେ ଉପମୁଖ୍ୟମନ୍ତ୍ରୀ। ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କରିଥିଲେ। ରାଣୀପୁର ଝରିଆଲର ରୂପରେଖ ବଦଳିବା ସହ ଏହାର ବିକାଶ ନେଇ ୮୭ କୋଟି ୯୩ ଲକ୍ଷ ୨୮ ହଜାର ଟଙ୍କା ଅନୁଦାନ ବ୍ୟୟରେ ପାରିପାର୍ଶ୍ୱିକ ବିକାଶ ହେବ ବୋଲି ସୂଚନା ଦେଇଥିଲେ। ପର୍ଯ୍ୟାୟ କ୍ରମେ ଅନୁଦାନ ଖର୍ଚ୍ଚ କରାଯିବ। ନିଜ ଅଞ୍ଚଳର ଗୌରବପୂର୍ଣ୍ଣ ଐତିହ୍ୟର ସୁରକ୍ଷା, ସ୍ୱଚ୍ଛତା ପ୍ରତି ସ୍ଥାନୀୟ ଜନସାଧାରଣ ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ପର୍ଯ୍ୟଟନ କମିଶନର ବଲବନ୍ତ ସିଂ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ,ବଙ୍ଗୋମୁଣ୍ଡା ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲ, ପର୍ଯ୍ୟଟନ ବିଭାଗର ଅଧିକାରୀ, ବ୍ଲକ ଅଧକ୍ଷା ରଞ୍ଜୁଲା ବେହେରା, ଜିଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା,ବରିଷ୍ଠ ବିଜେପି ନେତା ଶିବାଜୀ ମହାନ୍ତି, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ମନ୍ଦିର ଟ୍ରଷ୍ଟ ଆବାହକ ଅନିଲ ତ୍ରିପାଠୀ, ସଭାପତି ମାଣିକଚନ୍ଦ ଜୈନ, ସମ୍ପାଦକ କ୍ଷୀରସିନ୍ଧୁ ଭୋଇ, ସାଂସଦ ପ୍ରତିନିଧି ଅନିଲ ନାଏକ, ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ ଓ କମିଟି ସଦସ୍ୟଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏମ୍‌ବିକେ, ସିଆରପି ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



# ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ବିଶେଷଜ୍ଞ ପଦବୀ ଖାଲି

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ବିଶେଷକରି ଡାକ୍ତର ଏବଂ ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ଅନେକ ରୋଗୀ ଚିକିତ୍ସା ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଯାଉଛନ୍ତି। ଏହାର ପ୍ରମୁଖ କାରଣ ଡାକ୍ତରଙ୍କ ଅଭାବ। ଜିଲ୍ଲାରେ ମଞ୍ଜୁର ହୋଇଥିବା ୩୮୨ ଡାକ୍ତର ପଦବୀ ମଧ୍ୟରୁ, ୨୩୮ ପଦବୀ ଖାଲି ପଡ଼ିଛି। ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ୮୯ ଡାକ୍ତର ଆବଶ୍ୟକ। କିନ୍ତୁ କେବଳ ୪୩ ଜଣ ଡାକ୍ତର ଉପଲବ୍ଧ। ଖାଲି ଏତିକି ନୁହଁ ବିଶେଷଜ୍ଞଙ୍କ ଅଭାବ ମଧ୍ୟ ରହିଛି କାରଣ ୫୬ ବିଶେଷଜ୍ଞ ପଦବୀ ମଧ୍ୟରୁ ମାତ୍ର ୧୪ ପୂରଣ ହୋଇଥିବାରୁ ପରିସ୍ଥିତି ଆହୁରି ଖରାପ ରହିଛି ତତ୍ ସହିତ ନର୍ସିଂ ଷ୍ଟାଫ୍ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ରହିଛି ଯାହା ସ୍ୱାସ୍ଥ୍ୟସେବାକୁ ଖରାପ ଭାବରେ ପ୍ରଭାବିତ କରୁଛି। ଡାକ୍ତରଙ୍କ ଅଭାବ ବ୍ୟତୀତ, କିଛି ସ୍ୱାସ୍ଥ୍ୟକେନ୍ଦ୍ରରେ ମୌଳିକ ସୁବିଧାର ମଧ୍ୟ ଅଭାବ ଅଛି। ଯାହା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପାଇବାରେ ବାଧା ସୃଷ୍ଟି କରୁଛି କାରଣ ଏୟାର ଆମ୍ବୁଲାନ୍ସ ସେବା ମାଧ୍ୟମରେ ଗୁରୁତର ରୋଗୀଙ୍କୁ ବାହାରକୁ ପଠାଇବାର ସୁବିଧା ମଧ୍ୟ ବନ୍ଦ କରାଯାଇଛି। ଯେଉଁଥିପାଇଁ ପରିସ୍ଥିତି ଅଧିକ ଜଟିଳ ହୋଇଛି। ମାଲକାନଗିରି ସ୍ୱାସ୍ଥ୍ୟସେବାର ଖରାପ ଅବସ୍ଥା ଯୋଗୁଁ, ଅନେକ ରୋଗୀ, ବିଶେଷକରି ଗୁରୁତର ରୋଗରେ ପୀଡ଼ିତ ରୋଗୀମାନେ ଉନ୍ନତ ଚିକିତ୍ସା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଉଛନ୍ତି। ସେମାନେ ବିଶାଖାପାଟଣା ଏବଂ ଅନ୍ୟାନ୍ୟ ସହରଗୁଡ଼ିକର ଡାକ୍ତରଖାନାରେ ଚିକିତ୍ସା କରିବାକୁ ପସନ୍ଦ କରନ୍ତି କାରଣ ସେମାନଙ୍କ ପାଖରେ ବିଶେଷଜ୍ଞ ଡାକ୍ତର ଏବଂ ଉନ୍ନତ ସୁବିଧା ଅଛି, ଯାହା ମାଲକାନଗିରି ଡାକ୍ତରଖାନାଗୁଡ଼ିକରେ ନାହିଁ। ଏହା ବ୍ୟତୀତ ପୂର୍ବରୁ ଏବଂ ବର୍ତ୍ତମାନ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ଯେତିକି ଡାକ୍ତର ଅଛନ୍ତି ସେଥିମଧ୍ୟରୁ କିଛି ଡାକ୍ତରମାନେ ମାଲକାନଗିରି ସହରର କିଛି ପ୍ରାଇଭେଟ୍ କ୍ଲିନିକ୍‌ଗୁଡ଼ିକରେ 'ପରିଦର୍ଶକ ଡାକ୍ତର' ଭାବରେ ବସିଥାନ୍ତି। ସେଠାରେ ସେମାନେ ରୋଗୀଙ୍କୁ ଦେଖିବା ପାଇଁ ୨୦୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ନିଅନ୍ତି ଯାହା ଫଳରେ ମାଗଣା ଚିକିତ୍ସା ଆଶାରେ ସରକାରୀ ଡାକ୍ତରଖାନାକୁ ଆସୁଥିବା ଗରିବ ଏବଂ ଆଦିବାସୀ ରୋଗୀମାନଙ୍କୁ ଏହି କ୍ଲିନିକ୍‌ଗୁଡ଼ିକୁ ଯିବାକୁ ପରାମର୍ଶ ଦିଆଯାଏ। ଅନ୍ୟପକ୍ଷରେ କ୍ଲିନିକ୍ ପାଖରେ ଥିବା ଔଷଧ ଦୋକାନର ଯେତିକି ମେଡିସିନ୍ ସରୁଛି ସେହି ଅନୁଯାୟୀ କମିଶନ୍ ଡାକ୍ତରଙ୍କ ଆକାଉଣ୍ଟକୁ ଚାଲି ଯାଉଛି ଫଳରେ ସରକାରୀ ଡ୍ୟୁଟି ସରିବା ସଙ୍ଗେ ସଙ୍ଗେ ଡାକ୍ତର କ୍ଲିନିକ୍‌ରେ ପହଞ୍ଚି ଯାଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଲ୍ୟାବ୍ ଥିଲେ ମଧ୍ୟ ଡାକ୍ତର ଘରୋଇ ଲ୍ୟାବ୍ ଓ ପାଥୋଲୋଜିର ରିପୋର୍ଟକୁ ହିଁ ପ୍ରାଧାନ୍ୟ ଦେଉଛନ୍ତି ଉଭୟ ରିପୋର୍ଟ ମଧ୍ୟରେ କୌଣସି ତଫାତ୍ ନଥିଲେ ମଧ୍ୟ ସରକାରୀ ମେଡିକାଲରେ ମାଗଣାରେ ହେଉଥିବା ଟେଷ୍ଟିଂ ବାବଦକୁ ଘରୋଇ ପାଥୋଲାବ୍ ଚଢ଼ା ଦର ନେଉଥିବା ଅଭିଯୋଗ ହେଉଛି। ଏଠାରେ ସେମାନଙ୍କୁ ଭଲ ଚିକିତ୍ସା ମିଳେ, କିନ୍ତୁ ଏଥିପାଇଁ ସେମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ, ଯାହା ସେମାନଙ୍କ ପାଇଁ ସମ୍ଭବ ନୁହେଁ। ତେବେ ଯେତେବେଳେ ଡାକ୍ତରମାନେ ଏହିପରି ଘରୋଇ କ୍ଲିନିକ୍‌ରେ ବ୍ୟସ୍ତ ଥାଆନ୍ତି, ସେତେବେଳେ ସରକାରୀ ଡାକ୍ତରଖାନାରେ ସେମାନଙ୍କର ଉପଲବ୍ଧତା ଏବଂ ସେବାର ଗୁଣବତ୍ତା ନକାରାତ୍ମକ ଭାବରେ ପ୍ରଭାବିତ ହୁଏ। ଅନେକ ସମୟରେ ଡାକ୍ତରମାନେ ଡାକ୍ତରଖାନାରେ ଉପସ୍ଥିତ ନ ଥିବାରୁ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। ଏହି ସମସ୍ୟାର ସମାଧାନ ପାଇଁ, ମାଲକାନଗିରି ଜିଲ୍ଲାର ରୋଗୀଙ୍କ ସମ୍ପର୍କୀୟଙ୍କୁ ଠୁ ଆରମ୍ଭ କରି, ବୁଦ୍ଧି ଯିବି, ସମାଜସେବୀ ଓ ସାଧାରଣ ଲୋକେ ସରକାରଙ୍କୁ ଅନେକ ଥର ଡାକ୍ତର ଏବଂ ବିଶେଷଜ୍ଞଙ୍କ ଅଭାବ ବିଷୟରେ ଅବଗତ କରାଇଛି ଏବଂ ଖାଲି ପଦବୀ ପୂରଣ ପାଇଁ ଦାବି କରିଥିଲେ କିନ୍ତୁ, ଏହି ପ୍ରୟାସ ସତ୍ତ୍ୱେ, ପରିସ୍ଥିତିରେ ବିଶେଷ ଉନ୍ନତି ହୋଇନାହିଁ, ଯାହାଫଳରେ ରୋଗୀ ଆନ୍ଧ୍ର ମୁହାଁ ହେଉଛନ୍ତି।

# ୫ ଚୋରି ଓ ଡକାୟତି ମାମଲାରେ ୬ ଗିରଫ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀ କକ୍ଷରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ବିଭିନ୍ନ ଚୋରୀ ଓ ଡକାୟତି ମାମଲାରେ ପୋଲିସର ସଫଳତା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବୌଦ୍ଧ ଥାନାର ୫ ଗୋଟି ଚୋରୀ ମାମଲାରେ ନଗଦ ଟଙ୍କା ସହ ବିଭିନ୍ନ ଚୋରୀ ସାମଗ୍ରୀ ଉଦ୍ଧାର ସହ ସମ୍ପୃକ୍ତ ଜଣେ ନାବାଳକକୁ ଧରିଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ସେହିପରି ହରିପୁର ଗ୍ରାମ ନିକଟରୁ ହୋଇଥିବା ଡକାୟତି ମାମଲାରେ ୪ ଡକାୟତ ଓ ଜଣେ ନାବାଳକ ଅଭିଯୁକ୍ତକୁ ଗିରଫ କରାଯିବା ସହ ଡକାୟତି ସାମଗ୍ରୀ ଜବତ ହୋଇଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକଙ୍କ ସହ ଉପଖଣ୍ଡ ପୋଲିସ ଅଧିକାରୀ ଲରେନସ୍ ରାଉତରାୟ, ବୌଦ୍ଧ ଆଇ ଆଇ ସି ରଂଜିତ କୁମାର ମୁନୀ ଉପସ୍ଥିତ ଥିଲେ। ଏହି ନାବାଳକ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି ପୋଲିସ। ବିଭିନ୍ନ ଚୋରି ସାମଗ୍ରୀ ସହିତ ନଗଦ ୨ ଲକ୍ଷ ୨୮ ହଜାର ୮ ଶହ ଟଙ୍କା ଜବତ ହୋଇଛି। ସୁନା, ରୁପା ଅଳଙ୍କାର ସହିତ ଦାମୀ ମୋବାଇଲ, ଲ୍ୟାପଟପ୍ ଏବଂ ଅନ୍ୟାନ୍ୟ ଚୋରୀ ସାମଗ୍ରୀ ଜବତ କରିଥିବା ନେଇ ସୂଚନା ଦେଇଛନ୍ତି ଏସପି ରାହୁଲ ଗୋଏଲ। ତେବେ ନାବାଳକ ଜଣକ ମୋବାଇଲ ଦେଖି ଚୋରି କରିଥିବା ନେଇ ପୋଲିସ ସୂଚନା ଦେଇଥିବା ବେଳେ କିଛି ଚୋରି ସାମଗ୍ରୀ ଅନ୍ୟକୁ ବିକ୍ରି କରିଥିବା ବେଳେ ସେମାନଙ୍କୁ ମଧ୍ୟ ଗିରଫ କରାଯିବା ନେଇ ଏସପି ରାହୁଲ ଗୋଏଲ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ପନଖିମାଲର ଦିଲ୍ଲୀପ କଳତା, ମୁଣ୍ଡାପଡା ଗ୍ରାମର ସୁଧା ମହାନନ୍ଦିଆ, ବନ୍ଧାପଥରର ତୁଷାରକାନ୍ତ ବେହେରା ଓ ସିଦ୍ଧାନ୍ତ ଭବସାଗରଙ୍କ ସମେତ ୨ଜଣ ନାବାଳକ ରହିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ



ନାରାୟଣପାଟଣା (ଭାସ୍କର ନ୍ୟୁଜ୍ ) କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଏବଂ ସମ୍ମାନୀୟ ଅତିଥି ଭାବେ ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଡି ତ୍ରିନାଥ ଏବଂ ସାଂସଦ ପ୍ରତିନିଧି ସପନ୍ ସରିତ୍ ତୁରୁକ୍ ଏବଂ କାର୍ଯ୍ୟକ୍ରମର ମୂଖ୍ୟ ପରିଚାଳକ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ବିଏସ୍‌ଏସ୍ ଓ ଆକାଶ କୁମାର ପାଲ୍ ଓ ଡଃ ବିମଳ କୁମାର ବାଘ ଓ ସମସ୍ତ ବିଭାଗର କର୍ମଚାରୀଙ୍କ ସହିତ ରାଧା କ୍ରୀଷ୍ଣା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆଦି ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣପାଟଣାର ୯ଟି ପଞ୍ଚାୟତର ପାଖା ପାଖି ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବିକଳାଙ୍ଗ ଏବଂ ବିକଳାଙ୍ଗିନୀ ଯୋଗ ଦେଇ ପଞ୍ଜିକରଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବିନା ଖର୍ଚ୍ଚାନ୍ତରେ ସୁସ୍ଥ ଏବଂ ସକ୍ଷ୍ୟମ କରିବା ପାଇଁ ଏହା ସରକାରଙ୍କ ଏକ ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଉକ୍ତ କାର୍ଯ୍ୟକ୍ରମରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଚିହ୍ନଟ ଲୋକଙ୍କୁ ସରକାରଙ୍କ ତରଫରୁ ୧୨୦୦ ଲେଖାଏଁ ଆର୍ଥିକ ସହାୟତା ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚିହ୍ନଟଙ୍କୁ ୩୫୦୦ ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ପରିଶେଷରେ ବିଧାୟକ ଏବଂ ଅଧକ୍ଷଙ୍କ ଦ୍ୱାରା କିଛି ଭିନ୍ନକ୍ଷମ ଚିହ୍ନଟଙ୍କୁ ଆଶାବାଡି, ହ୍ୱିଲ୍ ଚେୟାର୍ ବଣ୍ଟନ କରାଯାଇଥିଲା।

# ୧୪ବର୍ଷୟା ନାବାଳିକାର ଆତ୍ମହତ୍ୟା

ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍) : ରାଜଗାଙ୍ଗପୁର ସ୍ଥିତ ଶ୍ରୀ ରାମ କଲୋନୀରେ ଜଣେ ୧୪ବର୍ଷର ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗୁଜୁରାଟ ରାଜ୍ୟରୁ କୁତ୍ରାସ୍ଥିତ ଜେଏସ୍‌ଡ଼ବ୍ଲୁରେ କୌଣସି କାର୍ଯ୍ୟ କରି ଆସୁଛନ୍ତି କିନ୍ତୁ ସେଠାରେ ରହିବାର ବ୍ୟବସ୍ଥା ନଥିବା ଦ୍ୱାରା ପରିବାରଙ୍କୁ ନେଇ ରାଜଗାଙ୍ଗପୁର ଶ୍ରୀରାମ କଲୋନୀରେ ରହି ତାଙ୍କ ଝିଅକୁ ଓସିଏଲ ପରିସରରେ ରହିଥିବା ଡାଲମିଆ ବିଦ୍ୟା ମନ୍ଦିରରେ ନବମରେ ପାଠ ପଢ଼ାଉଥିଲେ। ଗତକାଲି ସ୍କୁଲରୁ ଆସିବା ପରେ ଖାଇସାରି କିଛି ସମୟ ବିଶ୍ରାମ ନେଇ ପରେ ସନ୍ଧ୍ୟାରେ ତାର ସାଙ୍ଗ ସହ ଉପର ମହଲା ମାଙ୍କ ଅନୁମତି ନେଇ ସେଠାରେ ପାଠପଢି ସାଙ୍ଗ ସହ ତଳକୁ ଆସି କିଛି ସମୟ ରହିବା ପରେ ପୁନଃବାର ମାକୁ କହି ଉପର ମହଲାକୁ ଯାଇଥିଲେ। ରାତ୍ର ୧୦ଟା ବାଜିବା ପରେ ମା ଉପରେ ଯାଇ କୋଠରୀର କବାଟକୁ ବାଡେଇ ଥିଲେ। କିନ୍ତୁ ଝିଅ କବାଟ ନ ଖୋଲିବା ପରେ ତା ବାପାଙ୍କୁ ଡାକିଥିଲେ। ଦୁହେଁ କବାଟ ଖୋଲି ଦେଖିଲେ ଝିଅ ଫ୍ୟାନରେ ରାଶି ଲଗାଇ ଝୁଲି ଯାଇଥିଲେ। ତୁରନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଥିଲେ ସେଠାରେ ଡ଼କ୍ଟର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଶବକୁ ଜବତ କରି ଶବ ବ୍ୟବଛେଦ କରାଇ ତାର ପରିବାରକୁ ଶବ ହସ୍ତାନ୍ତର କରିଥିବା ଜଣାଯାଇଛି। ଥାନା ଇନ୍ସପେକ୍ଟର ବିଜୟ କୁମାର ଦାଶ ମୃତ୍ୟୁର କାରଣ ତଦନ୍ତ କରୁଥିବା ଜଣାଯାଇଛି।

# ପାଣିକୁଣ୍ଡରେ ପଡ଼ି ଯୁବକ ମୃତ

ମାଥିଲି, (ଭାସ୍କର ନ୍ୟୁଜ୍) ମାଥିଲି ବ୍ଲକ ମେକା ପଞ୍ଚାୟତ ପୂଜାରିଗୁଡ଼ା ଗ୍ରାମର ସନୁ ଗୌଡ ନିକଟସ୍ଥ ନଳକୂପ ପାଖରେ ଥିବା ପାଣି କୁଣ୍ଡରେ ପଡ଼ି ଦୁଃଖଦ ଭାବେ ପ୍ରାଣ ହରାଇଛନ୍ତି। ଏହି ଖବର ପାଇ ମାଥିଲି ବ୍ଲକ ବିଜେଡି ସଭାପତି ସଦାଶିବ ପୁଜାରୀ ଘଟଣାସ୍ଥଳକୁ ପହଞ୍ଚି ପୋଲିସ୍‌କୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ, ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସମାଜସେବୀ ସଦାଶିବ ପୂଜାରୀ ଓ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଗୁରୁତଳି, ସ୍ଥାନୀୟ ୱାର୍ଡ ମେମ୍ବର ଗଙ୍ଗା ନାୟକ, ପିତବାସ ଗୁରୁତଳି ପରିବାର ସହ ଗାଁର ଭଦ୍ର ବ୍ୟକ୍ତି ଗଣ ଖଗପତି ଗୁରୁତଳି, ପ୍ରମୁଖ ଉପସ୍ଥିତି ରହି ପୋଷ୍ଟମର୍ଟମ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା। ତାଙ୍କର ସେବା, ସମର୍ପଣ ଓ ଲୋକହିତ କାର୍ଯ୍ୟ ସଦା ସ୍ମରଣୀୟ ରହିବ।

# ବର୍ଷା ପାଇଁ ଭୀମା ଦେବତାଙ୍କୁ ପୂଜାର୍ଚ୍ଚନା

ଝରିଗାଁ, (ଭାସ୍କର ନ୍ୟୁଜ୍) : ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତରେ ମଧ୍ୟ ଚାଷକାମ ଆଗେଇଥିଲା। ଝରିଗାଁ ବ୍ଲକର ଚାଷୀ ଜମିରେ ରୁଆ କାର୍ଯ୍ୟ କରିଥିଲେ। ହେଲେ ଶ୍ରାବଣ ଯାଇ ଭାଦ୍ରବ ଆସିଲା ମଧ୍ୟ ବର୍ଷାର ଦେଖା ନାହିଁ। ବର୍ଷା ଚାଷୀଙ୍କ ସହ ଲୁଚକାଳି ଖେଳ ଖେଳୁଥିବା ବେଳେ ଚାଷୀଙ୍କ ଚାଷ ଜମି ବର୍ଷା ଅଭାବ ଯୋଗୁଁ ଫାଟି ଆଁ କଲାଣି। ଜଳସେଚନର କୌଣସି ସୁବିଧା ନଥିବାରୁ ମରୁଡି ହେବା ଆଶଙ୍କାରେ ଚାଷୀ। ତେବେ ନିଜ ଚାଷକୁ ବଞ୍ଚାଇବା ପାଇଁ ଏବେ ଗ୍ରାମ ଦେବତାଙ୍କ ଶରଣରେ ଗ୍ରାମବାସୀ। ଗ୍ରାମବାସୀ ଗାଁର ଭୀମା ଦେବତାଙ୍କୁ ପୂଜାର୍ଚ୍ଚନା କରିବା ସହ ଭୀମା ଦେବତାଙ୍କ ପ୍ରତୀକ ଭୀମା ଖୁଣ୍ଟରେ ଗୋବର ଲେପନ କରିଛନ୍ତି ଗ୍ରାମର ମହିଳା। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ କଲେଗାଁ ଗ୍ରାମରେ। ଗାଁର ଚାଷୀ ରୁଆ କାର୍ଯ୍ୟ ଶେଷ କରିଛନ୍ତି କିନ୍ତୁ ବର୍ଷା ଅଭାବ ଯୋଗୁଁ ଚାଷ କରିଥିବା ଜମି ଗୁଡିକ ଫାଟି ଆଁ କରିଥିବାରୁ ବର୍ଷାକୁ ଅପେକ୍ଷା କରି କରି ନୟାନ୍ତ ହେବା ପରେ ଆଜି ଗ୍ରାମବାସୀ ଏକତ୍ରିତ ହୋଇ ଗାଁରେ ଥିବା ଜଳ ଭୀମା ଦେବତାଙ୍କ ପ୍ରତୀକ ଭୀମା ଖୁଣ୍ଟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ ଏବଂ ଭୀମା ଦେବତାଙ୍କ ଖୁଣ୍ଟରେ ଗାଁର ମହିଳା ମାନେ ଗୋବର ଲେପନ କରିଥିଲେ। ତେବେ ଭୀମା ଖୁଣ୍ଟରେ ଗୋବର ଲେପନ କଲେ ଭୀମା ଦେବତା ଲଗାଇ ଥିବା ଗୋବରକୁ ଧୋଇବା ପାଇଁ ବର୍ଷା ଆଣିବେ ବୋଲି ବିଶ୍ୱାସ ରହିଛି। ତେବେ ଯେଉଁ ବର୍ଷ ବର୍ଷା ଅଭାବ ଦେଖାଯାଏ ସେତେବେଳେ ଏହିଭଳି ଜଳଭୀମା ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ ଏବଂ ପରବର୍ତ୍ତୀ ସମୟରେ ବର୍ଷା ହୁଏ ବୋଲି କହିଛନ୍ତି ଗ୍ରାମବାସୀ। ଏହି ବର୍ଷ ମଧ୍ୟ ପୂଜାର୍ଚ୍ଚନା କରି ଗୋବର ଲେପନ କରିଥିବାରୁ ଭୀମା ଦେବତା ବର୍ଷା ଆଣିବେ ବୋଲି ଲୋକଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି।

# ସଂସ୍କୃତ ସପ୍ତାହ ପାଳିତ

ଗୁଣୁପୁର (ଭାସ୍କର ନ୍ୟୁଜ୍) : ଗୁଣୁପୁର ମହାବିଦ୍ୟାଳୟରେ ଉତ୍ସାହର ସହିତ ସଂସ୍କୃତ ସପ୍ତାହ ଉତ୍ସବ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଯିଏ ଆଜିର ବିଶ୍ୱରେ ସଂସ୍କୃତ ଭାଷା ଏବଂ ସଂସ୍କୃତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଯେଉଁଥିରେ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଥିଲା ଯେପରିକି, ସଂସ୍କୃତ ଶ୍ଳୋକ ପାଠ, ସଂସ୍କୃତ କବିତା ପାଠ ତଥା ସଂସ୍କୃତ ଭାଷାରେ ହସ୍ତଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶାରାଣୀ ପାଣିଗ୍ରାହୀ, ସ୍ମୃତିମୟୀ ସେନାପତି, ମାନସ ମହାକୁଡ, ଦିନମନିଷା ସେନାପତି ଓ ଅନ୍ୟମାନେ ଉକ୍ତ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ ଏବଂ ସଂସ୍କୃତ ଭାଷାରେ ସେମାନଙ୍କର କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ଦୀପିକା ପଟ୍ଟନାୟକ, ଅଧ୍ୟାପିକା ଚିତ୍ରା ମିଶ୍ର ଓ ଡକ୍ଟର ସତ୍ୟବାନ ଗରଡ ପ୍ରଭୃତି ଉପସ୍ଥିତ ଥିଲେ ।

# ରେଳ ଧାରଣାରୁ ଆହତ ଯୁବକଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେସନ୍‌ର କିଛି ଦୂରରେ ଥିବା ରେଳ ଧାରଣାରୁ ଜଣେ ଯୁବକ ଆହତ ଅବସ୍ଥାରେ ପଡ଼ିଥିବାର ସ୍ଥାନୀୟ ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ। ପ୍ରଥମେ ସେମାନେ ଏ ସମ୍ପର୍କରେ ରେଳବାଇ ପୋଲିସ୍‌କୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଆହତ ଯୁବକର ପରିଚୟ ମିଳିପାରି ନଥିବାବେଳେ ସେ ଓଡ଼ିଆ ଭାଷାର କଥା ବୁଝିପାରୁ ନଥିବାରୁ ଯୁବକ ଜଣକ ବାହାର ରାଜ୍ୟର ହୋଇ ଥାଇପାରନ୍ତି ବୋଲି ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି। ଯୁବକ ଜଣକ ରାତିରେ କୌଣସି ଟ୍ରେନ୍‌ରେ ଯାଉଥିବାବେଳେ ଅସାବଧନତା ଯୋଗୁଁ ଟ୍ରାକ୍‌ରେ ପଡ଼ିଯାଇ ଆହତ ହୋଇ ଥାଇପାରନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଅମଲାଙ୍କ ଧର୍ମଘଟ, ଜନତା ହଟହଟ୍ଟା

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ରାଜସ୍ୱ ଅମଲାମାନଙ୍କ ୧୦ଦଫା ଦାବିକୁ ନେଇ ଦିର୍ଘଦିନହେବ ସରକାରଙ୍କ ସହ ଆଲୋଚନା ବିଫଳ ହେବାପରେ ସଂଘ ଡାକରାରେ ଅଗଷ୍ଟ ୧୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟକୁ ଓହ୍ଲାଇଛନ୍ତି। ଏହାକୁ ନେଇ ସେମାନେ ନିଜ ନିଜ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ।



ଯେତେଦିନ ଯାଏ ସରକାର ସେମାନଙ୍କ ଦାବି ପୁରଣ ନକରିଛନ୍ତି ସେତେଦିନ ପର୍ଯ୍ୟନ୍ତ ସେମାନଙ୍କ ଆନ୍ଦୋଳନ ଜାରି ରହିବ। ଯଦି ସାଧାରଣ ଲୋକ କିଛି ଅସୁବିଧାରେ ପଡନ୍ତି ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଓ ତହସିଲ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ଛୁଟିରେ ରହିଥିବାରୁ ଏଠାରେ ସମସ୍ତ କାର୍ଯ୍ୟ ଠପ୍ ହୋଇପଡିଛି। ଲୋକମାନେ ବିଭିନ୍ନ କାର୍ଯ୍ୟନେଇ କାର୍ଯ୍ୟାଳୟକୁ ଆସି ହଟହଟା ହୋଇ ଫେରୁଥିବାର ଦେଖିବାକୁ ମିଳିଛି। ତେବେ ସରକାର ଲୋକମାନଙ୍କ ସମସ୍ୟାକୁ ଆଖିଆଗରେ ରଖି ତୁରନ୍ତ ଅମଲାମାନଙ୍କ ସମସ୍ୟା ସମାଧାନ କରିବାପାଇଁ ଅଞ୍ଚଳ ପକ୍ଷରୁ ଦାବି କରାଯାଇଛି।

# ଦାଦାବଟି ଓ ହତ୍ୟା ଧମକ ଅଭିଯୋଗ, ୨ ଗିରଫ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଓରିଏଣ୍ଟ ଥାନା ଅନ୍ତର୍ଗତ ମଣ୍ଡଳିଆ ଅଞ୍ଚଳର ଜଣେ ଫର୍ଣ୍ଣିଚର ଦୋକାନୀ ପପୁ ଶର୍ମାଙ୍କୁ ରବିବାର ଦିନ ଦାଦାବଟି ମାଗିବା ଓ ହତ୍ୟା ଧମକ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଣ୍ଡଳିଆ ଅଞ୍ଚଳର ଅଭିନନ୍ଦନ ସୋନି (୩୦) ଓ ରଘୁନନ୍ଦନ ରଜକ (୨୪)। ପୋଲିସ ଏହି ଘଟଣାରେ ବ୍ୟବହୃତ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ଜବତ କରିଥିବା ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗତ ରବିବାର ସନ୍ଧ୍ୟା ୪.୩୦ ବେଳେ ଅଭିନନ୍ଦନ ସୋନି, ପିଣ୍ଟୁ ରଜକ ଓ ରଘୁନନ୍ଦନ ରଜକ ମଣ୍ଡଳିଆ ସ୍ଥିତ ପପୁ ଶର୍ମାଙ୍କ ଫର୍ଣ୍ଣିଚର ଦୋକାନକୁ ସ୍କୁଟିରେ ଆସି ୧୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ। ଅଭିଯୋଗକାରୀ ମନା କରିବାରୁ ସେମାନେ ତାକୁ ଅଭଦ୍ର ଭାଷାରେ ଗାଳି ଗୁଲଜ ଓ ମାଡ଼ପିଟ କରିବା ପରେ ଜୀବନରୁ ମାରି ଦେବାକୁ ଧମକ ଦେଇ ଫେରାର ହୋଇ ଯାଇଥିଲେ। ଏନେଇ ପପୁ ଶର୍ମା ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଗୁଣପୁର ଉପ ଜିଲ୍ଲାପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

## ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇ ଦେବାକୁ ନିର୍ଦ୍ଦେଶ



ଗୁଣପୁର, (ଭାସ୍କର ନ୍ୟୁଜ୍) : ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ସ୍ଥାନୀୟ କୃଷି ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଉନ୍ନତ କିଶମର ବିହନ ପ୍ରସ୍ତୁତ କରି କୃଷକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସୂର୍ଯ୍ୟମୁଖୀ, ଗେଣ୍ଡୁ ଫୁଲ ସହ ଅନୁବନ୍ଧିତ କରି ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ଗୁଣପୁର ଅଞ୍ଚଳରେ ଆଉ କି କି ପ୍ରକାର ଅର୍ଥ ରୋଜଗାରୀ ଚାଷ ହୋଇ ପାରିବ ସେ ନେଇ କୃଷି ବୈଜ୍ଞାନିକ ମାନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଗୁଣପୁର ଅଞ୍ଚଳରେ ଚାଲିଥିବା କପା, ଧାନ, କାନ୍ଦୁଲ ବ୍ୟତୀତ ଅନ୍ୟ ଚାଷ ପ୍ରତି ଚାଷୀଙ୍କୁ କିପରି ସଚେତନ କରାଯାଇ ପାରିବ ସେଥିପ୍ରତି ଯତ୍ନବାନ ହେବାକୁ କୃଷି ବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସମୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସମୂହ ଡ଼ଃ ସୁସ୍ମିତା ମହାନ୍ତି, ଡ଼ଃ ରାଜୀବ ଟୁଡୁ, ଡ଼ଃ ନରାମ ରାମ, ଡ଼ଃ ଆନନ୍ଦିତା ରାୟ, ଡ଼ଃ ପରିମଳ ତରାଇ, ଡ଼ଃ ଜୁନାଦ୍ରୀ ବାଘ, ନିୟନ୍ତିତ ବଜାର କମିଟି ସମ୍ପାଦକ ଦଳପତି କାର୍ଜିଙ୍କ ସମେତ କୃଷି ବିଭାଗ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁରରେ ଉର୍ସ ଉତ୍ସବ ଉଦ୍‌ଯାପିତ



ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍) : ରାଜଗାଙ୍ଗପୁର ବହୁ ଖ୍ୟାତି ସଂପର୍ଣ୍ଣ ହଜରତ ହାଜି ହାଫିଜ ଲାଲ ମହମ୍ମଦ ଶାହା ବାବାଙ୍କ ୪୯ ତମ ଉର୍ସ ଉତ୍ସବ ଗତ ଦୁଇ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଯାପିତ ହୋଇଯାଇଛି। ବାବାଙ୍କ ମଜାର ନିକଟରେ ଗତ ୧୦ ତାରିଖରେ ଏହି ଉର୍ସ ଉତ୍ସବ ପାଳନ କରାଯାଇଥିଲା ଏହି ଅବସରରେ ମଜାର କମିଟି ପକ୍ଷରୁ ବିରାଟ ଚାଦର ନେଇ ବାଜା ନୃତ୍ୟ ସଂଗୀତରେ ଶୋଭାଯାତ୍ରା ସହର ପରିକ୍ରମା କରାଯାଇ ବାବାଙ୍କ ସମାଧି ଉପରେ ଅର୍ପଣ କରା ଯାଇଥିଲା। ବିଭିନ୍ନ ଧର୍ମୀୟ ବ୍ୟକ୍ତି ବିଶେଷଙ୍କ ଆସ୍ଥାର ପ୍ରତୀକ ହଜରତ ହାଜି ହାଫିଜ ଲାଲ ବାବାଙ୍କୁ ସମ୍ମାନ କରୁଥିବା ଏବଂ ତାଙ୍କୁ ଆସ୍ଥା ପ୍ରକଟ କରୁଥିବା ବିଭିନ୍ନ ଧର୍ମର ବ୍ୟକ୍ତି ମାନେ ବାବାଙ୍କ ସମାଧିରେ ଚାଦର ସମର୍ପଣ କରିବା ପାଇଁ ପହଞ୍ଚି ଚାଦର ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ଏବଂ ରାଜ୍ୟ ବାହାରରୁ ଶତାଧିକ ଦୋକାନୀ ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ଆକର୍ଷଣୀୟ ଚାଦର ସ୍ୱାଦିଷ୍ଟ ଖାଦ୍ୟ ବିକ୍ରି କରିବା ପାଇଁ ଷ୍ଟଲ ଲଗାଇଥିଲେ। ଗତ ୧୧ତାରିଖରେ ରାଜ୍ୟ ବାହାରର ବମ୍ବେଇ ଆଦି ସ୍ଥାନରୁ ଆସିଥିବା କାବାଲି ଗାୟକ ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧରାତ୍ର ପର୍ଯ୍ୟନ୍ତ ପରିବେଷଣ କରିଥିଲେ। ଏହି ଉର୍ସ ଉତ୍ସବରେ ପ୍ରାୟ ୫୦ହଜାର ଭକ୍ତ ଯୋଗ ଦେଇଥିଲେ। ଧର୍ମୀକ ବ୍ୟକ୍ତି ମାନେ ଭକ୍ତଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରୀତିଷ ଦିବାକରଙ୍କ ତତ୍ତ୍ୱାବଧାନରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ ଡିଏସ୍‌ପି ମନୋରଞ୍ଜନ ପ୍ରଧାନ ଥାନା ଅଧିକରୀ ବିଜୟ କୁମାର ଦାଶ ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତି ରହି ଆଇନ ଶୃଙ୍ଖଳା ପ୍ରତି ଦୃଷ୍ଟି ରଖିଥିଲେ।

# ଡଙ୍ଗରବୁଢ଼ା ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଓ ଗୁମ୍ଫା ଡ୍ୟାମକୁ ଇକୋଟୁରିଜିମ କରିବାକୁ ଦାବିପତ୍ର



ମୁରିବାହାଲ /ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ପୁଞ୍ଜିପଥର ଡଙ୍ଗରବୁଢ଼ା ପୀଠକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଓ ବିକାଶ ଏବଂ ଛତ୍ରଙ୍ଗର ଗୁମ୍ଫା ଡ୍ୟାମକୁ ଇକୋଟୁରିଜିମ କରିବା ଦାବି ନେଇ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ବଲାଙ୍ଗୀର ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ଦାବି କରାଯାଇଥିଲା। ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଅନେକ ଐତିହାସିକ ତଥା ପର୍ଯ୍ୟଟନ ସ୍ଥଳ ରହିଛି। ଏହାର ଭିତ୍ତିଭୂମିର ବିକାଶ ସହିତ ପାରିପାର୍ଶ୍ୱିକ ଉନ୍ନତି ପ୍ରତି ଦୃଷ୍ଟି ଦିଆଗଲେ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ୪୨ ନଂ ରାଜପଥ ପାର୍ଶ୍ୱରେ ପୁଞ୍ଜିପଥର ଠାରେ ଥିବା ଡଙ୍ଗରବୁଢ଼ା ପୀଠର ବିକାଶ ଓ ପାରିପାର୍ଶ୍ୱିକ ଉନ୍ନତି, ପର୍ଯ୍ୟଟକଙ୍କ ରହିବାର ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇବ। ତୁରେକେଲା, ମୁରିବାହାଲ,ବଙ୍ଗୋମୁଣ୍ଡା ବ୍ଲକର ସଙ୍ଗମ ସ୍ଥଳରେ ଡଙ୍ଗରବୁଢ଼ା ପୀଠ, ଏବଂ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ବହୁ ଲୋକଙ୍କୁ ଟାଣି ଆଣିଥାଏ। ପୁଞ୍ଜିପଥର ଡଙ୍ଗର ଉପରେ ଥିବା ମନ୍ଦିରକୁ ଯିବା ପାଇଁ ଆହୁରି ସୁବ୍ୟବସ୍ଥା, ଆଲୋକୀକରଣ, ପାନୀୟଜଳର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମଗାର, ଶୌଚାଳୟ ଆଦି ଦିଗରେ ପଦକ୍ଷେପ ନେଲେ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଛତ୍ରଙ୍ଗ ଗ୍ରାମରେ ଥିବା ଗୁମ୍ଫା ଡ୍ୟାମକୁ ଇକୋଟୁରିଜିମ କରାଯାଉ। ପାହାଡ଼ରୁ ବହି ଆସିଥିବା ଚାମସିଲେଟ ଝରଣା ଜଳକୁ ଆବଦ୍ଧ କରି ୧୯୮୫ ମସିହାରେ ଗୁମ୍ଫା ଡ୍ୟାମର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ନୈସର୍ଗିକ ପ୍ରାକୃତିକ ପରିବେଶରେ ମଧ୍ୟରେ ଥିବା ଏହି ଗୁମ୍ଫା ଡ୍ୟାମକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ଇକୋ ଟୁରିଜିମ ଭାବରେ ଏହି ଡ୍ୟାମର ଉନ୍ନତି କରାଗଲେ ବଲାଙ୍ଗିର ଜିଲ୍ଲାର ଉପାନ୍ତ ଏହି ଅଞ୍ଚଳକୁ ଅନେକ ପର୍ଯ୍ୟଟକ ଆସିପାରିବେ। ପର୍ଯ୍ୟଟନର ବିକାଶ ସହିତ ଅଞ୍ଚଳରେ ଜୀବନ ଜୀବିକା କ୍ଷେତ୍ରରେ ମଧ୍ୟ ସୁଧାର ଆସିପାରିବ। ଏଣୁ ପୁଞ୍ଜିପଥର ଡଙ୍ଗରବୁଢ଼ା ପୀଠକୁ ପର୍ଯ୍ୟଟନର ମାନ୍ୟତା ଓ ବିକାଶ, ଛତ୍ରଙ୍ଗର ଗୁମ୍ଫା ଡ୍ୟାମକୁ ଇକୋ ଟୁରିଜିମରେ ପରିଣତ କରିବା ପାଇଁ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ପାଦକ ହୁଲେଶ୍ୱର ହଂସ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ଅନିଲ ତ୍ରିପାଠୀ, କୋଷାଧକ୍ଷ ଦୀପକ ଯାଦବ, ସଦସ୍ୟ ନାରାୟଣ ମିଶ୍ର, ନିତ୍ୟାନନ୍ଦ ପୃସେଠ, ରାଧେଶ୍ୟାମ ମେହେର ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଜେପି ଦଳ ପକ୍ଷରୁ ସାନ୍ଧା ମଣ୍ଡଳ ୩ନଂ ଜୋନରେ ମଙ୍ଗଳବାର ମଣ୍ଡଳସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି ।ଭାରତୀୟ ଜନତା ପାର୍ଟି ପରଜଙ୍ଗ, ସାନ୍ଧା ମଣ୍ଡଳ ସୌଜନ୍ୟତାରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ର ଭକ୍ତିର ଭାବନା ସହ ଏହି ତ୍ରିରଙ୍ଗା ରାଲି ବା ଶୋଭାଯାତ୍ରାରେ ଦଳର ଆଗଧାଡ଼ିର ଶତାଧିକ ଛାମୁଆ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ବ୍ୟାନର ଓ ଜାତୀୟ ପତାକା ଧରି ଭାରତମାତାକୁ ସମ୍ମାନ ଜଣାଇ ବିଭିନ୍ନ ଦେଶାତ୍ମକବୋଧ ସ୍ଲୋଗାନ ଦେଇ ଶୋଭାଯାତ୍ରା ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ସୁଧୀର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରଥମେ କନ୍ଦରସିଂହା ଗ୍ରା.ପ କାର୍ଯ୍ୟାଳୟରୁ ବାହାରି କନ୍ଦରସିଂହା, ଲୋଧଣୀ, ମେଣ୍ଢାପଦା, ପାଟରପଦା, କଟାବାହାଳ,ରେଣ୍ଟାପଟ, କୁମୁସି ଓ ସାନ୍ଧା ଆଦି ଗ୍ରାମମାନ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ରେ ସକ୍ରିୟ କର୍ମୀ ଭାବେ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବରିଷ୍ଠ ନେତା ଦୁର୍ଗାଚରଣ ନାୟକ, ସନ୍ତୋଷ କୁମାର ରାଉତ, କନ୍ଦରସିଂହା ସରପଞ୍ଚ ବିଜେନ୍ଦ୍ରୀ ସାହୁ, ପ୍ରଶାନ୍ତ ନାୟକ, ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, ଜୟନ୍ତୀ ଦାସ, ପ୍ରତିମା ପରିଡା, ବୈଷ୍ଣବ ନାଥ, ହିମାଂଶୁ ପାଢ଼ୀ, ଏଲିନା ଭୁତିଆ, ଅନିଲ ଭୁତିଆ, ଦମୟନ୍ତୀ ପାଣି, ଟୁଟୁ ପାଣି,ଜୟନ୍ତ କୁମାର ନାୟକ, କଳ୍ପତରୁ ବିଶ୍ୱାଳ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।



# ଜାତୀୟ ରାଜପଥରେ ଚାଲିଛି ଠିକାଦାରଙ୍କ ମନମାନୀ

## ଧୂଳି ଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଛି । ଏହାକୁ ନିର୍ମାଣ କରୁଥିବା ଠିକାଦାରଙ୍କ ମନମାନୀ ପାଇଁ ସ୍ଥାନୀୟ ଲୋକମାନେ ଏବେ ଦୁର୍ଦ୍ଦଶା ଭୋଗିବାରେ ଲାଗିଛନ୍ତି । କେଉଁଠି ରାସ୍ତାନିର୍ମାଣରେ ବ୍ୟବହୃତ ରାସ୍ତାକଡ଼ରେ ଥିବା ଘରମାନଙ୍କୁ ବୋହି ଗଲାଣିତ କେତେବେଳେ ଠିକାଦାର ପାଟନାଳୀ ଓ ନାଳକୁ ପୋତି ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି କଲାଣି । ଏଥିସହିତ ନିର୍ମାଣ ସମୟରେ ରାସ୍ତାରେ ପାଣି ପକାଉନଥିବାରୁ ନିର୍ମାଣାଧୀନ ରାସ୍ତାରୁ ଧୂଳି ଉଡ଼ି ସ୍ଥାନୀୟ ଅଞ୍ଚଳର ଲୋକମାନେ ଏବେ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କଲେଣି । ଏପରିକି ଜାତୀୟ ରାଜପଥ କଡ଼ରେ ରହିଥିବା ଦୋକାନୀ, ଘରୋଇ ଲୋକ ଓ ପଥଚାରୀଙ୍କ ସମେତ ବାଇକ୍ ଆରୋହୀମାନଙ୍କ ନାକ ଓ ଆଖିରେ ଧୂଳିଗୁଣ୍ଡ ଉଡ଼ି ପଶିବା ଫଳରେ ଲୋକମାନେ ଅତିଷ୍ଠ ହୋଇପଡ଼ିଲେଣି ଆଜି ଏପରି ଦେଖିବାକୁ ମିଳିଥିଲା ଜାତୀୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ଛତାଛକ ନିକଟରେ ଏହି ରାସ୍ତାରେ ଓଭରବ୍ରିଜ ପାଇଁ ରାସ୍ତାକୁ ପୋତା ଯାଉଥିବା ବେଳେ ବ୍ୟବହୃତ ପାଉଁଶ ଗୁଣ୍ଡକୁ ଠିକାଦାର ଜଣକ ପାଣି ନପକାଇ ସିଧାସଳଖ ଢ଼ାଳୁଥିବା ବେଳେ ଏଥିରୁ ପାଉଁଶ ଉଡ଼ି ପଥଚାରୀ ଓ ଆଖପାଖ ଅଂଚଳର ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଥିଲା । ଏପରିକି ଛକ ନିକଟରେ ଥିବା ମନ୍ଦିରକୁ ଆସୁଥିବା ଭକ୍ତମାନେ ଏହି ଧୂଳି ଗୁଣ୍ଡ ପ୍ରଭାବରେ ବହୁ କଷ୍ଟ ଭୋଗ କରିଥିଲେ । ଏଥିସହିତ ଦୋକାନୀମାନେ ମଧ୍ୟ ଦୋକାନବନ୍ଦ କରି ପଳାଇ ଯାଇଥିଲେ । ଏହି ଛକରେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବହୁ କଲେଜ ଛାତ୍ରଛାତ୍ରୀ, ତହସିଲ, ଡାକ୍ତରଖାନା ଇତ୍ୟାଦି କାର୍ଯ୍ୟାଳୟକୁ ଆସିଥିବା ଜନସାଧାରଣ ଏହି ଧୂଳିରେ ଅତିଷ୍ଠ ହୋଇପଡ଼ିଥିଲେ । ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣାଧୀନ ରାସ୍ତାରେ ପାଣିପକାଇ ଧୂଳି ଉଡ଼ିବା ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ




କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ। ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ସ୍ଥାନୀୟ ଲୋକେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି । ଅଭିଯୁକ୍ତ ଯୁବକ ଜଣଙ୍କ ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ କୁଜଙ୍ଗ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି । ମହିଳାଙ୍କ ଗଳା, ଗାଲ ଓ ହାତରେ କ୍ଷତ ହୋଇଛି । ସୂଚନାନୁଯାୟୀ, କୁଜଙ୍ଗ ଥାନା ବଳେଇପୁର ପଞ୍ଚାୟତ ତଣ୍ଡିଆ ବାରବାଟି ଗ୍ରାମର ପ୍ରଭାତୀ ରାଉତ (୨୮ ବର୍ଷ) ସୁଭଦ୍ରା ଟଙ୍କା ଉଠାଇବାକୁ ଚଟୁଆ ଗ୍ରାମ ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ବେଳେ ଶେରଗଡ ଅଞ୍ଚଳର ରାଜେଶ କୁମାର ବେହେରା (୨୩ ବର୍ଷ) ଓ ତାର ଦୁଇ ସହଯୋଗୀ ପାଟପୁର ସ୍ଥିତ ରେଲୱେ କ୍ରସିଂ ନିକଟରେ ହଠାତ୍ ଏକ ଧାରୁଆ ଛୁରୀ ବାହାରକରି ମହିଳାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ମହିଳାଙ୍କ ତଣ୍ଟିରେ ଗଭୀର କ୍ଷତ ହେବା ସହିତ ଗାଲ ଓ ହାତରେ ମଧ୍ୟ ଗଭୀର କ୍ଷତ ହୋଇଥିଲା । ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ରାଜେଶ କୁମାର ବେହେରାଙ୍କୁ କାବୁ କରିନେଇଥିଲେ ଓ ତାଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ । ଆମ୍ବୁଲାନ୍ସ ଡାକି ଅଚେତ ଅବସ୍ଥାରେ ପଡିଥିବା ପ୍ରଭାତୀଙ୍କୁ କୁଜଙ୍ଗ ମେଡିକାଲ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ସେହିପରି ଲୋକଙ୍କ ମାଡରେ ଆହତ ଅଭିଯୁକ୍ତ ରାଜେଶ ମଧ୍ୟ କୁଜଙ୍ଗ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଅଭିଯୁକ୍ତଙ୍କ ସାଙ୍ଗରେ ଆସିଥିବା ଦୁଇ ସହଯୋଗୀ ଫେରାର୍ ହୋଇଯାଇଛନ୍ତି । ହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି । କୁଜଙ୍ଗ ପୋଲିସ ଏନେଇ କେସ୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ବିଧାୟକଙ୍କ ନିର୍ଦ୍ଦେଶରେ ନିର୍ମାଣ ହେଲା ବେଣିପୁର-ଇନ୍ଦୁପର ନଦୀବନ୍ଧ ରାସ୍ତା



ଡେରାବିଶ, (ଭାସ୍କର ନ୍ୟୁଜ୍) : ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତର ବେଣିପୁର ଠାରୁ କେନ୍ଦ୍ରାପଡ଼ା ବ୍ଲକର ଇନ୍ଦୁପୁର ପର୍ଯ୍ୟନ୍ତ ବିରୁପା ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଥିଲା । ଏହି ରାସ୍ତାଟି ଡେରାବିଶ ବ୍ଲକର ବେଣିପୁର, ଛୋଟି, ମଙ୍ଗଳପୁର ଓ ନହଙ୍ଗ ପଂଚାୟତବାସୀଙ୍କ ମୁଖ୍ୟ ରାସ୍ତା ହୋଇଥିବାରୁ ସ୍ଥାନୀୟ ଲୋକମାନେ ଏହି ଖାଲଖମାରେ ପରିପୂର୍ଣ୍ଣ ରାସ୍ତାରେ ଯିବାଆସିବାରେ ନାନାଦି ଦୁର୍ଦ୍ଦଶା ଭୋଗୁଥିଲେ । ଏଥିସହିତ ବିରୁପା ନଦୀରେ ବନ୍ୟା ଆସିଲେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ନଦୀବନ୍ଧକୁ ନିରୀକ୍ଷଣ କରିବା ମଧ୍ୟ କଷ୍ଟସାଧ ହେଉଥିଲା । ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀ ମହାପାତ୍ର ଜନସାଧାରଣଙ୍କ ସୁବିଧା ନିମନ୍ତେ ତୁରନ୍ତ ଏହି ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଆଜି ଏହି ରାସ୍ତାରେ ହୋଇଥିବା ଖାଲଖମାରେ ମେଟାଲ ଓ ଡଷ୍ଟ ପକାଯାଇ ସମତୁଲ କରାଯାଉଥିବା ଦେଖିବାକୁ ମିଳିଛି । ବିଧାୟକ ସ୍ଥାନୀୟ ଲୋକମାନଙ୍କ ସୁବିଧା ପାଇଁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରାଇଥିବାରୁ ପୂର୍ବତନ ସରପଂଚ ପ୍ରଭାତ ମଲିକ, ସୂର୍ଯ୍ୟକାନ୍ତ ନାୟକ, ଦିଲ୍ଲୀପ ଭୂୟାଁ ଓ ଗୌରାଙ୍ଗ ପଣ୍ଡାଙ୍କ ସମେତ ସ୍ଥାନୀୟ ଅଂଚଳବାସୀ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ମଣ୍ଡଳସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଜେପି ଦଳ ପକ୍ଷରୁ ସାନ୍ଧା ମଣ୍ଡଳ ୩ନଂ ଜୋନରେ ମଙ୍ଗଳବାର ମଣ୍ଡଳସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି । ଭାରତୀୟ ଜନତା ପାର୍ଟି ପରଜଙ୍ଗ, ସାନ୍ଧା ମଣ୍ଡଳ ସୌଜନ୍ୟତାରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ମୁଖ୍ୟ ଅତିଥି ଭାବେ ଏହି ରାଲିରେ ଯୋଗ ଦେଇଥିବା ବେଳେ, ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ରାଷ୍ଟ୍ର ଭକ୍ତିର ଭାବନା ସହ ଏହି ତ୍ରିରଙ୍ଗା ରାଲି ବା ଶୋଭାଯାତ୍ରାରେ ଦଳର ଆଗଧାଡ଼ିର ଶତାଧିକ ଛାମୁଆ କାର୍ଯ୍ୟକର୍ତ୍ତା ଯୋଗ ଦେଇ ବ୍ୟାନର ଓ ଜାତୀୟ ପତାକା ଧରି ଭାରତମାତାକୁ ସମ୍ମାନ ଜଣାଇ ବିଭିନ୍ନ ଦେଶାତ୍ମକବୋଧ ସ୍ଲୋଗାନ ଦେଇ ଶୋଭାଯାତ୍ରା ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ସୁଧୀର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରଥମେ କନ୍ଦରସିଂହା ଗ୍ରା ପ. କାର୍ଯ୍ୟାଳୟରୁ ବାହାରି କନ୍ଦରସିଂହା, ଲୋଧଣୀ, ମେଣ୍ଢାପଦା, ପାଟରପଦା, କଟାବାହାଳ, ରେଣ୍ଟାପଟ, କୁମୁସି ଓ ସାନ୍ଧା ଆଦି ଗ୍ରାମମାନ ଶୋଭାଯାତ୍ରାରେ ପଥକ୍ରମ କରିଥିଲେ । ଏହି ଶୋଭାଯାତ୍ରାରେ ସକ୍ରିୟ କର୍ମୀ ଭାବେ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବରିଷ୍ଠ ନେତା ଦୁର୍ଗାଚରଣ ନାୟକ, ସନ୍ତୋଷ କୁମାର ରାଉତ, କନ୍ଦରସିଂହା ସରପଞ୍ଚ ବିଜେନ୍ଦ୍ରୀ ସାହୁ, ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ‘ଦେଶପ୍ରେମକୁ ଜାଗ୍ରତ କରିବା ମୂଳ ଉଦ୍ଦେଶ୍ୟ’



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବିଜେପିର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ଭୁତମୁଣ୍ଡାଇ ଠାରୁ ଆରମ୍ଭ ହୋଇ ନୂଆଗଡ଼ ଛକ ଠାରେ ଶେଷ ହୋଇଥିଲା । ସମାଜର ସବୁ ବର୍ଗର ଲୋକମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ହାତରେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ନାରାରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଏହି ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ରାଷ୍ଟ୍ରବାଦ, ଜାତୀୟତାବାଦ, ଦେଶପ୍ରେମକୁ ଜାଗ୍ରତ କରିବା ହେଉଛି ମୂଳ ଉଦ୍ଦେଶ୍ୟ । ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ, ଯୋଦ୍ଧା,ଜନନାୟକଙ୍କ ଜୀବନ ଶୈଳୀ ଓ ବିଚାରଧାରା ଲୋକମାନଙ୍କ ମଧ୍ୟରେ ଅବଗତ କରାଇବା ନିହାତି ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଶୋଭାଯାତ୍ରାରେ ପାରାଦୀପଗଡ଼ ମଣ୍ଡଳ ସଭାପତି ଗଗନ ବିହାରି ରାଉତ, କୁଜଙ୍ଗ ବ୍ଲକ ମନ୍ତ୍ରୀଙ୍କ ପ୍ରତିନିଧି ଦିଲିପ କୁମାର ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପାରାଦ୍ୱୀପ ଗଡ ସରପଞ୍ଚ ସସ୍ମିତା ବେହେରା, ଭୂତମୁଣ୍ଡାଇ ସରପଞ୍ଚ ରୋହିତ କୁମାର ଜେନା, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପଣ୍ଡୁଆ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବିଜେପି ଜିଲ୍ଲା ସମ୍ପାଦକ ତପନ କୁମାର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ଅରକ୍ଷିତ ଦାସ, ଜୟନ୍ତ ସେନାପତି, ଜ୍ଞାନେନ୍ଦ୍ର ବିଶ୍ୱାଳ, ବାବୁରଞ୍ଜନ ପ୍ରଧାନ, ସୁଶାନ୍ତ ସ୍ୱାଇଁ, ମନୋରଞ୍ଜନ ରାଉତ, ଅଲେଖ ମହାରଥା ଓ ପ୍ରଭାକର ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ ।

## ବ୍ଲକସ୍ତରୀୟ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, (ଭାସ୍କର ନ୍ୟୁଜ୍) : ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ଲକ ସ୍ତରୀୟ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ୩୫ ନମ୍ବର ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଅଗଷ୍ଟ ୧୪ (ଗୁରୁବାର ଦିନ) ତ୍ରିରଙ୍ଗା ଯାତ୍ରା ବେତନଟୀ ପାର୍ଟି ଅଫିସରୁ ଦ୍ୱିପ୍ରହର ୨ ଟା ସମୟରେ ବାହାରି ବେତନଟୀ ବଜାର ପରିକ୍ରମା କରାଯିବ ବୋଲି ସ୍ଥିର ହୋଇଛି । ଏହି ବୈଠକରେ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ସେନାପତି, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ଓକିଲ ସଂଘ ସଭାପତି ଦେବବ୍ରତ ପରିଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ମଣ୍ଡଳ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ପଞ୍ଚାୟତ ପ୍ରମୁଖ ମାନେ ଉପସ୍ଥିତ ଥିଲେ ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଥାନା ଘେରିଲା କଂଗ୍ରେସ




ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍) : ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡ଼କାୟତି, ରାହାଜାନି, ଲଘୁ ଖଣିଜ ପଦାର୍ଥ ଲୁଟ, ଗାଁ ମାନଙ୍କରେ ଚୋରା ମଦ ଓ ବ୍ରାଉନସୁଗାର କାରବାର, ବାଲିଚନ୍ଦ୍ରପୁର ବଜାରର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ସର୍ବୋପରି ଥାନାକୁ ଆସୁଥିବା ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ଏବଂ ନିକଟରେ ଜଣେ ଦଳିତ ଯୁବକକୁ ନିର୍ଯାତନା, ଶାସକଦଳ ଇଂଗିତରେ ହୋଇଥିବା ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ଆଜି ବାଲିଚନ୍ଦ୍ରପୁର ଥାନା ଘେରାଉ କରିଥିଲା ବଡ଼ଚଣା ବ୍ଲକ କଂଗ୍ରେସ କମିଟି । ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନମାନ ଦେଇ ଥାନା ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଥାନା ଘେରିବା ସହ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା । ପୋଲିସର କାର୍ଯ୍ୟଶୈଳୀକୁ କଂଗ୍ରେସ ନେତୃମଣ୍ଡଳୀ ତୀବ୍ର ସମାଲୋଚନା କରିବା ସହ ଆଗାମୀ ଦିନରେ ଯଦି ବାଲିଚନ୍ଦ୍ରପୁର ପୋଲିସ ଉପରୋକ୍ତ ବିଷୟ ପ୍ରତି ଯତ୍ନବାନ ନହୁଏ ତେବେ କଂଗ୍ରେସ ଦଳ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ଅଜୟ ଜେନା, ସେକ୍ ରିଆସତ ଅଲ୍ଲି, କରୁଣାକର ରଣା, ରମେଶ ଚନ୍ଦ୍ର ଗଡ଼ନାୟକ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ଅବଦୁଲ ମଜିଦ୍, ବଟକୃଷ୍ଣ ଦାସ, ଖଗେଶ୍ୱର ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ଶ୍ରୀକାନ୍ତ କୁମାର ମଲ୍ଲିକ, ସଂଜୟ କୁମାର କର, ସନ୍ତୋଷ କୁମାର ପରିଡ଼ା, ଚାନ୍ଦ ଖାଁ, ସୁଧୀର କୁମାର ଦାସ, ସୁବାଷ ଚନ୍ଦ୍ର ପରିଡ଼ା, ବାମଦେବ ସାମଲ, ସେକ୍ ଇକବାଲ ହୁସେନ୍, ନାରାୟଣ ଦାସ, ସୁଧାଂଶୁ ଶେଖର ଜେନା, ଅଚ୍ୟୁତାନନ୍ଦ ପଣ୍ଡା, ବିଶ୍ୱଜିତ୍ ଜେନା, ରଞ୍ଜନ କୁମାର ଜେନା, ସରୋଜ କୁମାର ଜେନା, ଶାନ୍ତନୁ ଜେନା, ସତ୍ୟାନନ୍ଦ ତରାଇ, ଆଶିଷ କୁମାର ଧଳ, ମାଧବ ମଲ୍ଲିକ, ମହେଶ୍ୱର ମହାପାତ୍ର, ଅଶୋକ କୁମାର ବେହେରା, ଧର୍ମାନନ୍ଦ ବଳ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ପୂର୍ବ ଶତ୍ରୁତା ନେଇ ବୋମାମାଡ଼; ଅଭିଯୁକ୍ତ ଗିରଫ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ରସିକନଗର ଗ୍ରାମର ମୁକେଶ କୁମାର ଦାସ ଗତକାଲି ସକାଳ ୯ଟା ବେଳେ ନିଜର ମୋବାଇଲ ରିପାୟରିଂ କରିବାକୁ ଗୋକୁଳପୁର ଦେଇ ଗୋବିନ୍ଦପୁର ଛକକୁ ଯାଉଥିବାବେଳେ ଗୋକୁଳପୁର ଗ୍ରାମର ବୈକୁଣ୍ଠ ନାଥ ପାଲ ଓରଫ ବାବୁନା (୩୦) ତାଙ୍କୁ ଅଟକାଇ ରାସ୍ତା ମଝିରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପାଖରେ ରଖିଥିବା ଦୁଇଟି ବୋମା ତାଙ୍କ ଉପରକୁ ପକାଇଥିଲା । ଭାଗ୍ୟବଶତଃ ଗୋଟିଏ ବୋମା ଫୁଟି ନଥିବାବେଳେ ଅନ୍ୟଟି ମୁକେଶଙ୍କର କିଛି ଦୂରରେ ଫୁଟିଥିଲା । ମୁକେଶ ଏଥିରୁ ଅଳ୍ପକେ ବର୍ତ୍ତି ଯାଇ ଟାଙ୍ଗୀ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ପରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ର ବମ୍ ସ୍କ୍ୱାର୍ଡଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଫୁଟିଥିବା ବୋମାର ଅଂଶ ବିଶେଷକୁ ସଂଗ୍ରହ କରିବା ସହ ଅଭିଯୁକ୍ତ ବାବୁନାକୁ ତା’ ଘରୁ ଗିରଫ କରିବା ସହ ଘରେ ବାବୁନା ରଖିଥିବା ୨ଟି ଅଫୁଟା ବୋମା, ଗୋଟିଏ ମୋଟର ସାଇକେଲ ଓ ବୋମା ତିଆରି କରିବାର କିଛି ସାମଗ୍ରୀକୁ ଜବତ କରି ବମ୍ ସ୍କ୍ୱାର୍ଡ଼ଙ୍କ ସହାୟତାରେ ୨ଟି ଜୀବନ୍ତ ବୋମାକୁ ନିଷ୍କ୍ରିୟ କରିଥିଲେ । ଏହି ଘଟଣାକୁ ନେଇ ଆଜି ଟାଙ୍ଗୀ ଥାନା ପରିସରରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ପୂର୍ବରୁ ଅଭିଯୁକ୍ତ ବାବୁନା ନାମରେ ଟାଙ୍ଗୀ ଥାନାରେ ବେଆଇନ୍ ମଦ ବ୍ୟବସାୟ ଓ ବୋମା ତିଆରି କରି ଲୋକଙ୍କୁ ଧମକ୍ ଦେବା ଭଳି ମାମଲା ରହି ଆସିଥିବାବେଳେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ନେଇ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

## ରାଶିଫଳ

ବୁଧବାର, ୧୩ ଅଗଷ୍ଟ ୨୦୨୫


**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ । କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । କାରବାର ସମୟରେ ସତର୍କ ରହିବାକୁ ପଡିବ । ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ ।


**ବୃଷ:** ଆୟ ବୃଦ୍ଧି ପାଇବ । ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ । ପରିବାର ସଦସ୍ୟମାନେ ସହାୟତା ପାଇବେ । ବ୍ୟବସାୟ ପାଇଁ ଭଲ ସମୟ । ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ । ରିସ୍କ ଏବଂ ଚାପ ନିଅ ନାହିଁ ।


**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ । ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି । ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ । ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ । ବ୍ୟବସାୟୀମାନେ ଉପକୃତ ହେବେ । ଛାତ୍ରମାନଙ୍କର ଭଲ ଦିନ ଅଛି । ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ ।


**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ । ଆପଣ ସକାରାତ୍ମକ ହେବେ । ଆୟ ବୃଦ୍ଧି ପାଇବ । ଆର୍ଥିକ ପରିସ୍ଥିତି ମଜବୁତ ରହିବ । କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ । ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ । ବନ୍ଦ ହୋଇଥିବା ଟଙ୍କା ମିଳିପାରିବ ।


**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ । ଆର୍ଥିକ ପରିସ୍ଥିତି ଭଲ ହେବ । ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ । ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି । ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ । ଆପଣଙ୍କର କାମ ଆଗକୁ ବଢିବ ।


**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ । ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ । ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି । ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ । ସ୍ୱାସ୍ଥ୍ୟ ଭଲ ରହିବ । ରୁଟିନ୍ ପରିବର୍ତ୍ତନ କରିପାରିବେ । ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।


**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ । ଆପଣ କାମ ଭଲ କରିବେ । ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ । ଯୁବକମାନେ ସଫଳତା ପାଇବେ । ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ ।


**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଧନ ଲାଭ ପାଇଁ ସୁଯୋଗ ଆସିବ । ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ । ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ । ନୂଆ କାମ ଦ୍ୱାରା ଉପକୃତ ହେବେ । ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ । ବୃଥା ବିବାଦ ଧରନ୍ତୁ ନାହିଁ ।


**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ । ଶତ୍ରୁମାନଙ୍କଠାରୁ ସାବଧାନ ରୁହ । ବ୍ୟବସାୟ ସ୍ୱାଭାବିକ ହେବ । ଭଗବାନଙ୍କୁ ଉପାସନା କର । ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ । ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ ।


**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଭଲ ଖବର ଗ୍ରହଣ କରିବେ । ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି । ଆଜି ଅଟକି ରହିଥିବା କାମ ଶେଷ ହେବ । ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ । ଅଯଥା ବିପଦରେ ପଶନ୍ତୁ ନାହିଁ । ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି । ଆପଣଙ୍କର ବ୍ୟବସାୟ ଭଲ କରିବ ।


**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ । ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି । ଆଜି ଏକ ସାଧାରଣ ଦିନ ହେବ । ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ । ପରିବାର ସଦସ୍ୟମାନେ ସହାୟତା ପାଇବେ । ଦାମ୍ପତ୍ୟ ଜୀବନରେ ମଧୁରତା ରହିବ ।


**ମୀନ:** ଆଜି ଏକ ଭଲ ଦିନ ହେବ । ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ । ଜୀବନ ସାଥୀ ସମର୍ଥନ ପାଇବେ । ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ । ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି । ଭଲ ରୋଜଗାର ରହିବ । ସ୍ୱାସ୍ଥ୍ୟର ଯତ୍ନ ନିଅ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖଡ଼ିଆଳ ଗଡ଼ାମୁଣ୍ଡା ଠାରେ ଖଡ଼ିଆଳ ସଙ୍କୁଳର ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଦଘାଟନୀ ସଭାରେ ମାନନୀୟ ବ୍ଲକ ଶିକ୍ଷା ଅଧିକାରୀ ଭାନୁ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରକାଶ କୁମାର ପଣ୍ଡା, ଅଧକ୍ଷ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଖଡ଼ିଆଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଜଗଦୀଶ ପୁଜାରୀଙ୍କ ଉଦ୍‌ବୋଧନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି । ପରିଚାଳନା ସମିତି ର ସମ୍ପାଦକ ପୁର୍ଣ୍ଣଚନ୍ଦ୍ର କର୍ମୀ, ସଭାପତି ଲୋକେଶ୍ୱର ଯୋଶୀ, ଉପସଭାପତି ଅଦିତ୍ୟ ମହାରଣା, କୋଷାଧକ୍ଷ ମାନାଷୀ ଗହିର ,ସଦସ୍ୟା ଖୁନି ଚଲାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସହଯୋଗ କରିଥିଲେ । ବିଚାରକ ଭାବରେ ସ୍ଥାନୀୟ ଅଞ୍ଚଳର ବିଜ୍ଞାନ ଶିକ୍ଷକ ଗଣ ଯଥାକ୍ରମେ ଅଶୋକ ବେହେରା, ସିଦ୍ଧାର୍ଥ ଦାସ, ଗୌରାଙ୍ଗ କୁମାର ସାହୁ, ସଙ୍ଗୀତା ବେହେରା, ଜୟଶ୍ରୀ ଦଣ୍ଡସେନା, ଶଶାଙ୍କ ଶେଖର ପଣ୍ଡା, ବବିତା ଶବର, ସଂଯୁକ୍ତା ମିଶ୍ର, ପଲ୍ଲବୀ ଯୋଶୀ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କୁ ନିରୀକ୍ଷଣ କରିଥିଲେ । ସଙ୍କୁଳ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ପରିଚାଳକବୃନ୍ଦ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଭାବେ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସଙ୍କୁଳସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଆସନ୍ତା ୨୩-୭-୨୫ ରିଖ ବିଭାଗ ସ୍ତର ଜେଲେଙ୍ଗଠାରେ ଅଂଶ ଗ୍ରହଣ କରିବେ । ଖଡ଼ିଆଳ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଜନାଭାରତୀ,ଗାଇଡ଼ ଛାତ୍ର ଛାତ୍ରୀ, ସେବକ ସେବିକା ସମସ୍ତଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଛି ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବିପତ୍ର




ରେଢ଼ାଖୋଲ(ଭାସ୍କର ନ୍ୟୁଜ୍): ରାଜ୍ୟର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ (ୟୁଏସ୍ଏ) ପ୍ରଚଳନର ସମସ୍ୟା ସହିତ ଅନ୍ୟାନ୍ୟ ଅସୁବିଧା ଗୁଡ଼ିକର ଆଶୁ ସମାଧାନ ନିମନ୍ତେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ ଓ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ମୂଳ ସମସ୍ୟା ଯଥା- ଠିକା ଅବଧିକୁ ମୂଳ ଚାକିରୀରେ ଗଣନା ସହିତ ଇନକ୍ରିମେଣ୍ଟ ପ୍ରଦାନ, ମୂଳ ବେତନକୁ ଲେବେଲ-୯କୁ ଉନ୍ନୀତ, ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଶିକ୍ଷକ ପୋଷାକ ବ୍ୟବସ୍ଥା, ବାଲବାଟିକାରେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ଓ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ପଦୋନ୍ନତି ନହେବା ଫଳ ସ୍ୱରୂପ ଶିକ୍ଷକ ଶିକ୍ଷୟିତ୍ରୀମାନେ ମାନସିକ ସ୍ତରରେ ଏସବୁ ଚାପଯୁକ୍ତ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସହ ବିଦ୍ୟାଳୟ ମାନଙ୍କରେ ୟୁଏସ୍ ସମ୍ପର୍କିତ ଭିତ୍ତିଭୂମି, ଆବଶ୍ୟକୀୟ କର୍ମଚାରୀ ଓ ଏହି କାର୍ଯ୍ୟ ସମ୍ପାଦନା ପାଇଁ ମୋବାଇଲ ଓ ମୋବାଇଲ ଡ଼ାଟା ଦେୟର କୌଣସି ବ୍ୟବସ୍ଥା ନଥିବା। ବିଦ୍ୟାଳୟ ଗୁଡ଼ିକରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଅଭାବ, ସହକାରୀ ଶିକ୍ଷକଙ୍କ ଅଭାବ ସତ୍ତ୍ୱେ ଶିକ୍ଷକମାନଙ୍କୁ ଅନେକ ଗୁଡ଼ିଏ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି ନେଇ ଅଭିଯୋଗ ରେ ଦର୍ଶାଯାଇଛି। ଏମିତିକି ପ୍ରାଥମିକ ବିଦ୍ୟାଳୟରେ ୟୁଏସ୍ ପ୍ରୟୋଗ ନିଷ୍ପତ୍ତିକୁ ପୁନର୍ବାର ବିଚାର କରାଯାଉ ଏବଂ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଶିକ୍ଷକ ପୋଷାକ ଭତ୍ତା ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଶିକ୍ଷକ ୟୁନିଫର୍ମ ପିନ୍ଧି କାର୍ଯ୍ୟ କରିବା ପାଇଁ ଉପରିସ୍ଥ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ଧମକରୁ ନିବୃତ୍ତ ପାଇଁ ଆଦେଶ ଦିଆଯାଉ ବୋଲି ଶିକ୍ଷକ ସଂଘ ଦାବି କରିଛନ୍ତି ।

# ୫ବର୍ଷ ହେଲା ଖାଲି ପଡିଛି ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦବୀ

କଣ୍ଟାମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଠାରେ ଥିବା ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଦୀର୍ଘ ୫ ବର୍ଷ ହେବ କୌଣସି ସ୍ଥାୟୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ନିଯୁକ୍ତି ହୋଇ ନ ଥିବା ଦେଖିବାକୁ ମିଳିଛି । କେବଳ ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ ଚାଲିଛି ଏହି କାର୍ଯ୍ୟାଳୟ । ବୌଦ୍ଧ ଜିଲ୍ଲାରେ ଜଳଛାୟା ମିଶନ ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗରେ ଅଧିକାରୀ ଅଭାବରୁ ଅଚଳାବସ୍ଥା ଦେଖାଦେଇଛି। ଅଧିକାରୀ ଅଭାବରୁ ସମସ୍ତ ଉନ୍ନୟନ କାମ ଠପ୍ ହୋଇଯାଇଛି। ବିଭାଗର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଗତ ଜୁଲାଇ ମାସରେ ଅବସର ନେଇ ଥିବାବେଳେ ଜିଲ୍ଲାର କଣ୍ଟାମାଳ ବ୍ଲକରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦବୀ ଦୀର୍ଘ ୫ ବର୍ଷ ହେଲା ଖାଲି ପଡ଼ିଛି। ବର୍ତ୍ତମାନ ଏହି କାର୍ଯ୍ୟାଳୟ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି । ହେଲେ ସ୍ଥାୟୀ ଅଧିକାରୀ ନ ଥିବାରୁ ଅର୍ଥ ବାଟମାରଣା ହେବା ସହ ଯୋଜନାର ସଠିକ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି । ଜିଲ୍ଲାର ଉପାନ୍ତ ଓ ଆଦିବାସୀ ପ୍ରବଣ କଣ୍ଟାମାଳ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ

## କଚ୍ଛପ ଗତିରେ ଚାଲିଛି ଉନ୍ନୟନ କାର୍ଯ୍ୟ

ହୋଇଥିବା ବେଳେ ଲୋକେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ବିଭିନ୍ନ ଯୋଜନାରେ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ନ ହୋଇ ଫେରି ଯାଉଥିବା ବେଳେ ସଠିକ ସମୟରେ ଚାଷୀଙ୍କ ନିକଟରେ ଯୋଜନା ପହଞ୍ଚି ପାରୁ ନାହିଁ । ଅଧିକାରୀ ନିଯୁକ୍ତି ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ କୌଣସି ଆନ୍ତରିକତା ଦେଖାଉ ନ ଥିବା ଜଣା ପଡିଛି । ସରକାର ଓ ଜଳଛାୟା ବିଭାଗ ବୌଦ୍ଧ ଜିଲ୍ଲାକୁ ସାବତ ପୁଅ ଭାବି ଅଣଦେଖା କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଯାହାଫଳରେ ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ ହେଉ ନ ଥିବାବେଳେ ଲୋକେ ଏହାର ସୁବିଧା ପାଇ ପାରୁନାହାନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଶାସନ କରି ବିକାଶ ହେଉଥିବା ନେଇ କହୁଥିବା ବେଳେ ଦୀର୍ଘ ବର୍ଷ ହେବ ଅଧିକାରୀ ପଦବୀ ଖାଲି ରହିଥିବାରୁ ସରକାରଙ୍କ ବିକାଶ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଅନୁମେୟ । ୨ ବର୍ଷ ହେଲା ସହକାରୀ ଯନ୍ତ୍ରୀ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଉକ୍ତ ପଦବୀକୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୂରଣ କରାଯାଇ ନାହିଁ । ରାଜ୍ୟ ସରକାର ଓ ଜଳଛାୟା ବିଭାଗ କଣ୍ଟାମାଳ ବ୍ଲକର ଚାଷୀଙ୍କ ସୁବିଧା ଦୃଷ୍ଟିରୁ ସ୍ଥାୟୀ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି ।

## ପଦ୍ମପୁରରେ ଉତ୍କଟ ପାନୀୟ ଜଳ ସମସ୍ୟା

ରାୟଗଡ଼ା (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖିବାକୁ ମିଳିଛି। ବର୍ଷାଋତୁ ଚାଲିଥିଲେ ବି ଏହି ପଞ୍ଚାୟତବାସୀ ପାନୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଦ୍ମପୁର ସ୍ଥିତ ଇନ୍ଦିରା ନଗର,ସୁନାରି ସାହି,ଠାକୁରାଣୀ ସାହି,ଗୁଣ୍ଡିଚା ମନ୍ଦିର ସାହି,ଦଣ୍ଡାସି ସାହିରେ ଦେଖାଦେଇଛି ଉତ୍କଟ ଜଳ ସମସ୍ୟା। ନିୟମିତ ଭାବେ ପାନୀୟ ଜଳ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିବାରୁ ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି। ଏମିତିକି ଅଭିଯୋଗ କରି କରି ଗ୍ରାମବାସୀ ବେହାଲ ହୋଇଗଲେଣି। ସ୍ୱାଧୀନତାର ୭୯ ବର୍ଷ ବିତିବାକୁ ବସିଥିବାବେଳେ ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି ଅଞ୍ଚଳର ପଡ଼ାବାସୀ। ତେବେ ଦେଖିବାକୁ ବାକି ରହିଲା କେବେ ଏହି ଅଞ୍ଚଳବାସୀଙ୍କ ସମସ୍ୟାର ଅନ୍ତ ଘଟିବ।

## ୫୪ତମ ସାର୍ବଜନୀନ ଦୁର୍ଗାପୂଜା ବୈଠକ ||||||||

# ସଭାପତି ଅଜିତ, ସମ୍ପାଦକ ପ୍ରଶାନ୍ତ

ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପ ଠାରେ ୫୪ ତମ ସାର୍ବଜନୀନ ଦୁର୍ଗାପୂଜା ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଅସ୍ଥାୟୀ ସଭାପତି ଜିତେନ୍ଦ୍ରିୟ ଭୋଇଙ୍କ ସଭାପତିତ୍ୱରେ ଚଳିତ ବର୍ଷର କମିଟି ଗଠନ କରାଯାଇଥିଲା ।ସଭାପତି ଭାବରେ ସର୍ବସମ୍ମତିକ୍ରମେ ଅଜିତ କୁମାର ତରିଆ, ଉପସଭାପତି ଅଭିନାଶ ଭୋଇ, ସମ୍ପାଦକ ପ୍ରଶାନ୍ତ ମାହାର, ସହ ସମ୍ପାଦକ ରୁପେଶ ଷାଣ୍ଢ, ସହ ସମ୍ପାଦକ କେଦାର ବଡ଼ଜେନା, କୋଷାଧ୍ୟକ୍ଷ ସଞ୍ଜୟ ବାଗ, ଉପଦେଷ୍ଟା କମିଟି ପୁରନ୍ଦର ତରିଆ , ଶ୍ରୀବସ୍ତ ବେହେରା,ଅନିଲକୁମାର ଶର୍ମା, ଯୁଧିଷ୍ଠିର ବଘାର, ଶାନ୍ତରାମ ପଧାନ, ଅଗସ୍ତି ବଘାର, ନିରଞ୍ଜନ ସାହୁ, ତରୁଣ ପୋଢ଼, ଭବାନୀ ଶଙ୍କର ଶର୍ମା,ଟିକେଲାଲ ବଘାର, ମକୁନ୍ଦ ପଧାନ, ଯଦୁପତି ଅଗସ୍ତି, ମାନସ ଦଳେଇ, ପିକୁନ ପ୍ରଧାନ, ପ୍ରକାଶ ବଘାର, ଜିତେନ୍ଦ୍ରିୟ ଭୋଇ, କୁଞ୍ଜବିହାରୀ ଯୋଶୀ, ଅନ୍ତରାମ ପଧାନ, ତପନ ବଘାର, ନିରାକାର ବଘାର, ସୁଦାମ ବଘାର, ପ୍ରଫୁଲ୍ଲ ବଘାର , ତ୍ରିଲୋଚନ ବାଗଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳା ସହିତ ସୁନ୍ଦର ଭାବରେ ପୂଜା କାର୍ଯ୍ୟ ହେବ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମୁରିବାହାଲ ଗ୍ରାମବାସୀ ତଥା ବହୁ ଯୁବବର୍ଗ ଉପସ୍ଥିତ ଥିଲେ।

# ବାସ୍କେଟ୍ ବଲ୍ କ୍ଲଷ୍ଟର-୨ ପ୍ରତିଯୋଗିତାରେ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ସଫଳତା




ବରଗଡ଼(ଭାସ୍କର ନ୍ୟୁଜ୍): କଟକ ବାରବାଟୀ ଷ୍ଟାଡିୟମରେ ଗତ-୦୬-୦୮-୨୦୨୫ ରୁ ୦୮-୦୮-୨୦୨୫ ପର୍ଯ୍ୟନ୍ତ ସେଣ୍ଟ ଜାଭିୟର ସ୍କୁଲ ଦ୍ୱାରା ଆୟୋଜିତ ସିବିଏସଇ କ୍ଲଷ୍ଟର -୨ ରେ ଓଡ଼ିଶା, ପଶ୍ଚିମ ବଙ୍ଗ ଓ ଛତିଶଗଡ଼ରୁ ଆସିଥିବା ୧୧୦ଟି ଟିମ୍‌ର ବାସ୍କେଟ୍‌ବଲ୍ ପ୍ରତିଯୋଗିତାରେ ବରଗଡ଼, ବିକାଶ ଆବାସିକ ବିଦ୍ୟାଳୟର ୧୪ ବର୍ଷରୁ କମ୍ ୪୩ ଜଣ ପ୍ରତିଯୋଗୀ ଫାଇନାଲ୍ ପ୍ରତିଯୋଗିତାରେ ମଦର୍ସ ପବ୍ଲିକ ସ୍କୁଲକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି। ବାସ୍କେଟ୍ ବଲ୍ କୋଚ୍ ପୁନମ୍ କିରୋ ଏବଂ ଶିକ୍ଷକ ଅମୂଲ୍ୟ ସିକନ୍ଦରଙ୍କ ତତ୍ତ୍ୱାବଧାନରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଗୌରବ ହାସଲ କରିଥିବାରୁ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଶ୍ରୀ ଡି.ମୂରଲୀ କ୍ରିଷ୍ଣା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧକ୍ଷ (ସିବିଏସଇ ଏଫେୟାର୍ସ) ପ୍ରଦୀପ କୁମାର ସାହୁ, ଉପାଧକ୍ଷ (ଏକାଡେମିକ୍ସ) ଡ.ମନୋଜ କୁମାର ତ୍ରିପାଠୀ, ମୁଖ୍ୟ କୋଚ୍ ପିତାମ୍ବର ପ୍ରଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖୁସିବ୍ୟକ୍ତ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟର ମୁଖ୍ୟ ଦ୍ୱାରରେ ସମସ୍ତ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇଥିଲେ।

## ନର୍ସିଂ ଛାତ୍ରୀଙ୍କୁ ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେବା ଗାଁ ପଞ୍ଚାୟତ ଡୁମରମୁଣ୍ଡା ଗ୍ରାମର ନର୍ସିଂ ଛାତ୍ରୀ ଆତ୍ମହତ୍ୟା ନେଇ ରାଇଘର ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗତକାଲି ଭୋର ୩ ଟା ସମୟରେ ଭୁବନେଶ୍ୱରରୁ ଶବ ଆସି ଡୁମୁରିମୁଣ୍ଡା ଗ୍ରାମରେ ପହଞ୍ଚିଥିଲା। ମରଶରୀର ପହଁଚିବା ପରେ ଛାତ୍ରୀର ନିଜ ଗ୍ରାମ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରୀର ଅମର ଆତ୍ମା ର ସଦଗତି ନିମନ୍ତେ ରାଇଘର ବଣିକ ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ବଣିକ ସଭାପତି ସନ୍ତୋଷ ମହାପାତ୍ରଙ୍କ ସମେତ ସମ୍ପାଦକ, ଉପ ସଭାପତି, ଓ ରାଇଘରର ସମସ୍ତ ବ୍ୟବସାୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ରାଜସ୍ୱ ଅମଲା ସଂଘର ଧାରଣା




ମାଲକାନଗିରି (ଭାସ୍କର ନ୍ୟୁଜ): ଗତ ଅଗଷ୍ଟ ୩ ତାରିଖ ଦିନ ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ରାଜସ୍ୱ ଅମଲା ଶାଖାରେ ସରକାର ଅମଲାଙ୍କ ନ୍ୟାୟୋଚିତ ଦାବି ଉପରେ ବାରମ୍ବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁ ନଥିବା ତଥା ଅମଲା ମାନଙ୍କ ଦାବି ପୁରଣ ନ ହେଲେ ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନେଇଥିଲେ। ତେବେ ଆଜି ପର୍ଯ୍ୟନ୍ତ ତାଙ୍କର ଦାବି ପୁରଣ ନ ହେବାରୁ ଆଜି ଜିଲ୍ଲାର ସମସ୍ତ ଅମଲା ସମୂହ ଛୁଟିରେ ଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଯେଉଁ ଦିନ ପର୍ଯ୍ୟନ୍ତ ତାଙ୍କର ଦାବି ପୁରଣ ନ ହେବ ସେହିଦିନ ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ରହିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ପ୍ରକାଶ ଥାଉ କି, ୯୩୦୦ ସ୍କେଲ ପେ'ରେ ୪୨୦୦ ଗ୍ରେଡ ପେ ପ୍ରଦାନ, ନିୟମିତ ପଦୋନ୍ନତି, କ୍ୟାଡରର ପୁନଃଗଠନ ଇତ୍ୟାଦି ଦାବି ବହୁବାର ସରକାରଙ୍କ ଜଣାଇଥିଲେ। ଆଜିର ଏହି ଧାରଣାରେ ଜିଲ୍ଲା ସଂଘର ସଭାପତି କ୍ରିଷ୍ଣା ରାଓ, ସାଧାରଣ ସମ୍ପାଦକ ଦିଲିପ ନାୟକ, ସଂଗଠନ ସମ୍ପାଦକ ଟୁକୁନା ପଡିଆରି, କୋଷାଧକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶ୍ୟାମ ସୁନ୍ଦର ନାୟକ, ଉପଦେଷ୍ଟ ଅଶୋକ ସାମଲଙ୍କ ସହ ସଂଘର ସମସ୍ତ ସଦସ୍ୟ ସଦସ୍ୟା ଓ ସମସ୍ତ ଅମଲା ମାନେ ଅଂଶଗ୍ରହଣ କରିଥିବା ସହ ଆଜି ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ଦଶଦଫା ଦାବୀ ପୁରଣ କରିବାରେ ରାଜ୍ୟ ସରକାର ଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ଆଦ୍ୟ ତା ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହିବା ପରିପ୍ରେକ୍ଷୀରେ ଆଜି ଦ୍ୱିତୀୟ ଦିନରେ ପହଁଚିଛି ଗଜପତି ଜିଲ୍ଲାର ସମସ୍ତ ରାଜସ୍ୱ ଅମଲାଙ୍କ ସାମୁହିକ ଛୁଟି । ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବୀ ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।



ନୂଆପଡା (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜସ୍ୱ ଅମଲା ସଂଘ ଆନୁକୂଲ୍ୟରେରେ ନୂଆପଡ଼ା ଜିଲ୍ଲା ଶାଖା୧୦ ଦଫା ଦାବି ନେଇ 'ସମୂହ ଛୁଟି' ରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି କଡାକଡି କରିଛି । ଫଳରେ ଜିଲ୍ଲାରେ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍‌ହୋଇ ପଡ଼ିଛି। ଓଡ଼ିଶା ରାଜସ୍ୱ ଅମଲା ସଂଘ, ନୂଆପଡ଼ା ଶାଖା ପକ୍ଷରୁ ଜିଲ୍ଲା ସଭାପତି ତ୍ରିଲୋଚନ ରଥଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଦାବି ସମ୍ବଳିତ ସ୍ଲୋଗାନ ଦେଇ ଏହାର ଦଶ ଦଫାଦାବି ନେଇ ସମସ୍ତ ସଦସ୍ୟ /ସଦସ୍ୟା ଜିଲ୍ଲାପଳଙ୍କ ମାଧ୍ୟମରେ ଦାବି ପୁରଣ ସକାଶେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ସୂଚନା ମୁତାବକ ଏହି ସଂଘ ଗତ ୨୫ ଜୁନ୨୦୨୫ ତାରିଖରେ ଦାବି ପୂରଣ ସକାଶେ ଧାରଣା ଦେଇ ଆନ୍ଦୋଳନ କରି ଦାବି ପତ୍ର ରାଜ୍ୟ ସରକାରଙ୍କ ଓଡିଶା ରାଜସ୍ୱ ଅମଲା ସଂଘ, ନୂଆପଡା ଶାଖା ଦଶଦଫା ଦାବି ସମ୍ବଳିତ ପତ୍ର ଜିଲ୍ଲାପାଳଙ୍କ ମାଧ୍ୟମ ରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ,ଅତିରିକ୍ତ ମୁଖ୍ୟ ଶାସନ ସଚିବ,ରାଜସ୍ୱ, ଅତିରିକ୍ତ ଶାସନ ସଚିବ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଦାବି ଗୁଡ଼ିକର ଗୁରୁତ୍ୱ ଯଥାର୍ଥଅନୁଭବ କରି ପରବର୍ତ୍ତୀ ମୁହୂର୍ତ୍ତରେ ଅର୍ଥାତ ୯ ଜୁଲାଇ୨୦୨୫ ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିଲା ଏବଂ ମନ୍ତ୍ରୀ ମହୋଦୟ ବିଭାଗ ଦ୍ୱାରା ସମ୍ଭାବ୍ୟ ଦାବି ଯଥା କ୍ୟାଡର ପୁନର୍ଗଠନ ଏବଂ ଓଡିଶା ରାଜସ୍ୱ ସେବାରେ ରାଜସ୍ୱ ଅମଲାଙ୍କ ଶତପ୍ରତିଶତ ପଦୋନ୍ନତିନିମନ୍ତେ ୧୫ ଦିନ ରେ କାର୍ଯ୍ୟକାରୀ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ମାସେ ଗଡି ଯାଇଛି କିନ୍ତୁ ଆଖିଦୃଶିଆ କିଛି କାର୍ଯ୍ୟକାରୀ ନହେବାରୁ ପୁନଃ ଓଡ଼ିଶାରାଜସ୍ୱ ସଂଘ ତାର ଆନ୍ଦୋଳନ ଆରମ୍ଭ କରିଛି ବୋଲି ସଂଘର ସମ୍ପାଦକ ମଦନ ସୁନ୍ଦର ସାହୁ, ରବି ରଞ୍ଜନବେହେରା, ସଂଚିତା ସାହୁ, ପ୍ରିୟଦର୍ଶିନୀ ସାହୁ, ଅମ୍ବରିଶ ମିଶ୍ର, ରେଶମା ସାହୁ, ମମତା ଶବର, ମନୋଜକୁମାର ମହାରଣା, ଲକ୍ଷ୍ମଣ ଚିନ୍ଦା, ପ୍ରଭୃତି ପ୍ରକାଶ କରିଥିଲେ । ଆଜିକାର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ନୂଆପଡାର ସଦସ୍ୟ ମୋହନ ବାଗ, ବିଭୂ ଦତ୍ତ ମିଶ୍ର, ବୁଧୁ ରାମ ନାଏକ,କେଶବ ରାମ ପୁଞ୍ଜି, ମିନେଶ କୁମାର ଧରୁଆ, କ୍ଷେତ୍ରନାଏକ, ଗୁପ୍ତେଶ୍ୱର ବେହେରା, ହିତେଶ ମେହେର, ବିକ୍ରମ ମାଝୀ, ବିଜୟଲକ୍ଷ୍ମୀ ଶବର, ତରୁଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଉପରୋକ୍ତ ଆନ୍ଦୋଳନ ଯୋଗୁଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲାପରିଷଦ,ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଏବଂ ଆଇସିଡିଏସରେ ଅଫିସ କାର୍ଯ୍ୟ ଠପ୍ ହୋଇ ଯାଇଥିବାର ଜଣାପଡିଛି।

# ପର୍ଯ୍ୟଟନ ସ୍ଥଳୀ ଓ ରାସ୍ତାର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନ ଓ ରାସ୍ତାର ବିକାଶ ପାଇଁ ନୂଆପଡା ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ଅଜିତ୍ କିଶୋର ଚଲାନ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ଶ୍ରୀମତୀ ପରିଡ଼ା ନୂଆପଡା ଜିଲ୍ଲାକୁ ଗସ୍ତ ସମୟରେ ଓବିସି ମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ଦିଆଯାଇଥିବା ଦାବିପତ୍ରରେ ବିରେଶକେଲାରୁ ପାତଳଗଙ୍ଗାକୁ ବିଜୁ ଏକ୍ସପ୍ରେସୱେ ସଂଯୋଗିକରଣ କରିବା ଓ ପାତାଲଗଙ୍ଗା ଠାରେ ପାନ୍ଥନିବାସ ନିର୍ମାଣ କରିବା, ପତାଲଗଙ୍ଗା ର ଉନ୍ନତି କରଣ, ଋଷିପିଟିକୁ ପର୍ଯ୍ୟଟନ ସ୍ଥଳ ଭାବରେ ମାନ୍ୟତା ଦେଇ ରୋପ ୱେ ସ୍ଥାପନ କରିବା ,ଖଡିଆଳର ମଞ୍ଜୁର ହୋଇଥିବା ବାଏ ପାସ୍ ରାସ୍ତା ଏନ୍ ଏଚ୍ ୩୫୩ ବଡ଼ପୋଲ ଛକରୁ ଏନ୍ ଏଚ୍ ୫୯ ପଦ୍ମପୁର ରେ ସଂଯୋଗୀକରଣ କରିବା, ସିନାପାଲି ବ୍ଲକ ଥିପାଖୋଲା ଜଳପ୍ରପାତ, ସମଲେଇ ପୀଠ ଫୁଲଚି,ଭଳି ଉପକାଗଙ୍ଗା, କୋଟାମାଲ୍ ଯୋଗୀମଠ, କୁସୁମ୍ ଜୋର୍ ହନୁମାନ ମନ୍ଦିର ଚଳନା ବରୁଡେଶ୍ୱର ମନ୍ଦିର ଖଡିଆଳ ସମଲେଇ ମନ୍ଦିର,ରକ୍ତାମ୍ବରି ମନ୍ଦିର ଓ ବଡ ଦଧିବାମନ ମନ୍ଦିର ଖଡିଆଳ ର ଉନ୍ନତି କରଣ ପାଇଁ ଦାବି କରାଗଲା। ଏହି ଦାବିପତ୍ର ଦେବା ସମୟରେ ନୂଆପଡା ନିର୍ବାଚନ ମଣ୍ଡଳୀର ବିଧାନସଭାର ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, ବିଜେପି ଜିଲ୍ଲା ସଭାପତି କମଲେଶ୍ ଦୀକ୍ଷିତ, ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ ଠାକୁର୍ , ଖିତିରାମ୍ ବେହେରା ,ପ୍ରଦୀପ ନାୟକ,ମନୋଜ ପଟ୍ଟନାୟକ,ଲକ୍ଷ୍ମଣ ଦୂରିଆ ,ଲିକୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## 'ହର ଘର ତିରଙ୍ଗା ହର ଘର ସ୍ୱଚ୍ଛତା' କାର୍ଯ୍ୟକ୍ରମ ଶୁଭାରମ୍ଭ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧଗଡ଼ ଏନଏସି ପକ୍ଷରୁ ବାଘଗୁଡ଼ା ଛକ ନିକଟରୁ ହର ଘର ତିରଙ୍ଗା ହର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଘଗୁଡା ଛକ ନିକଟରୁ ସଚେତନତା ଶୋଭାଯାତ୍ରା ସହ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ମେଡିକାଲ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା,ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି,ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ଅତିରିକ୍ତ ଜ଼ିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ,ଆଇପିଇ ଆନନ୍ଦ କୁମାର ବେହେରା, ପୋଲିସ ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ ଏବଂ ରିଜର୍ଭ ପୋଲିସ କର୍ମଚାରୀ,ନିର୍ବାହୀ ଅଧିକାରୀ, ବୌଦ୍ଧଗଡ଼ ଏନଏସି. ସତ୍ୟ ନାରାୟଣ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜ଼ିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଡ଼ି.ପି. ସି. ମିଶନ ଶକ୍ତି ରଶ୍ମି ରଞ୍ଜନ ସେଠୀ, ଡ଼. ବିକେ ଆରସି ଦେଓ ହେମ୍ବ୍ରମ ଏବଂ ମେଡିକାଲ କର୍ମଚାରୀ,ବୌଦ୍ଧ ପଂଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ଼. ପ୍ରବୀର କୁମାର ଦାଶ ଏବଂ ମହାବିଦ୍ୟାଳୟ ର ଛାତ୍ର ଏବଂ ବୌଦ୍ଧଗଡ଼ ଏନଏସି ସହ ଅନ୍ୟାନ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



## ଉପମୁଖ୍ୟମନ୍ତ୍ରୀଙ୍କ ହରିଶଙ୍କର ଗସ୍ତ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ ତଥା ଶିଶୁ, ମହିଳା ବିକାଶ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଖପ୍ରାଖୋଲ ବ୍ଲକ୍‌ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଗସ୍ତ କରିଛନ୍ତି। ଏହି ଅବସରରେ ଭାଜପା ତରଫରୁ ଖପ୍ରାଖୋଲ ଥାନା ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳା ପାର୍କ ରେ ଉପମୁଖ୍ୟମନ୍ତ୍ରୀ ଚାରାରୋପଣ କରିଥିଲେ। ପରେ ହରିଶଙ୍କର ମନ୍ଦିର ପରିଦର୍ଶନ ସହିତ ହରିଶଙ୍କର ଠାକୁର ଙ୍କ ଦର୍ଶନ କରିଥିଲେ। ପରେ ଝରଣା କୂଳ, ପ୍ରାକୃତିକ ଶୋଭାରାଜି ଦେଖି ଥିଲେ। ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଦେବୋତ୍ତର କମିଟି ସଦସ୍ୟ, ପୂଜକ ମାନଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ତୃତୀୟ ପର୍ଯ୍ୟାୟ ରୂପାନ୍ତରଣ ଓ ଉନ୍ନୟନ ଉପରେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍ ଉପମୁଖ୍ୟ ମନ୍ତ୍ରୀଙ୍କୁ ଦେଖେଇ ବୁଝାଇ ଥିଲେ। ପ୍ରାକୃତିକ ଶୋଭାକୁ ସୁରକ୍ଷା ଦେଇ ଉନ୍ନୟନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଳବନ୍ତ ସିଂ, ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ କୁମାର ଯୋଶୀ,ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲଓ୍ୱାର, ମନ୍ତ୍ରୀଙ୍କ ଓଏସ୍‌ଡି ମନୋଜ ବେହେରା, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାଏକ, ବଲାଙ୍ଗିର ଡିଏଫ୍‌ଓ ଅଜିତ କୁମାର ବିଶି,ପାଟଣାଗଡ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ,ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟ ସଭାପତିଙ୍କ ଗସ୍ତକୁ ନେଇ ଚଳଚଞ୍ଚଳ ବିଜେପି ଶିବିର



କନ୍ଧମାଳ (ଭାସ୍କର ନ୍ୟୁଜ୍): କନ୍ଧମାଳରେ ବିଜେପିର ପତିଆରାକୁ ନେଇ ବିରୋଧୀ ଦଳ ଛାନିଆ। ଲଗାତାର ଦ୍ୱିତୀୟ ଥର ରାଜ୍ୟ ବିଜେପି ସଭାପତି ପଦ ଅଳଙ୍କୃତ କରିବା ପରେ ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତ କରିବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେଥିପାଇଁ ଚଳଚଞ୍ଚଳ ଜିଲ୍ଲା ବିଜେପି ଶିବିର। ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଜିଲ୍ଲା ଗସ୍ତ କରିବେ ଶ୍ରୀ ସାମଲ। ଏନେଇ ସ୍ଥାନୀୟ ସର୍କିଟ ହାଉସ ଠାରେ ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିସ୍ତୃତ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ଆସନ୍ତା ୧୩ ତାରିଖ ସନ୍ଧ୍ୟାରେ ବାଲିଗୁଡ଼ାରେ ପହଞ୍ଚି ରାତ୍ରି ଯାପନ କରିବା ପରେ ୧୪ ତାରିଖ ପୂର୍ବାହ୍ନ ୮ ଟାରେ ଜଲେଶପଟ୍ଟା ଆଶ୍ରମ ଅଭିମୁଖେ ଯିବେ। ସେଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ କର୍ମ ପୀଠ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ବାଲିଗୁଡାରେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବେ । ଅପରାହ୍ନ ଗୋଟାଏ ବେଳେ ଫୁଲବାଣୀରେ ପହଞ୍ଚିବା ପରେ ବିଶାଳ ବାଇକ ରାଲିରେ ସ୍ୱାଗତ କରାଯିବ। ପରେ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ଯୋଗଦେବା ସହିତ ଦେଶ ବିଭାଜନର ବିଭିଷିକା କାର୍ଯ୍ୟକ୍ରମ, ପୂଜ୍ୟ ପୂଜା କାର୍ଯ୍ୟକ୍ରମ ଯୋଗଦାନ କରିବେ। ଏହା ପରେ ପାର୍ଟି କର୍ମକର୍ତ୍ତାଙ୍କ ସହ ଦଳୀୟ ଚିନ୍ତନ କରିବେ। ପରେ ପରେ ଚକାପାଦ ଠାରେ ସ୍ୱାମୀଜୀଙ୍କ ସମାଧି ପୀଠ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଏହା ସହିତ ଜିଲ୍ଲାରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ୧୫ ତାରିଖ ସନ୍ଧ୍ୟାରେ ପତାକା ଅବତରିତ ହେବ ବୋଲି ସୂଚନା ଦିଆଯାଇଛି । ଏହା ସହିତ ଜିଲ୍ଲାର ଥିବା ପ୍ରତି ଅଫିସ ମାନଙ୍କରେ ଅଗଷ୍ଟ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା କଲର ଥିବା ଲିଚୁ ଲାଇଟ ଲଗାଇବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଲିଖିତ ପତ୍ର ଅଧିକାରୀମାନଙ୍କୁ ଦିଆଯାଇଛି କିନ୍ତୁ ଅଧିକାଂଶ ଅଧିକାରୀ ସରକାରଙ୍କ ଚିଠି କୁ ଶୁଣୁନାହାନ୍ତି କି ସରକାରୀ କାର୍ଯ୍ୟାଳୟ ରେ ଆଜି ସୁଧା ଲଗାଇନାହାନ୍ତି। ତ୍ରିରଙ୍ଗା ପତାକାକୁ ଅବମାନନା କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାପାଇଁ ଜନସାଧରଣ ମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସମୟରେ ସର୍କିଟ ହାଉସ ଠାରେ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀ ରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜାତୀୟ ପରିଷଦ ସଦସ୍ୟ ସଞ୍ଜିତ କୁମାର ମଣ୍ଡଳ, ବରିଷ୍ଠ ନେତା ଗୁରୁରାମ ପାତ୍ର, ଅଜିତ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି, ଜଗନ୍ନାଥ (ଟିକୁ) ସାହୁ ବିଜେପି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ତିରଙ୍ଗା ଯାତ୍ରା କୁ ସଫଳ କରିବା ପାଇଁ ନିବେଦନ କରିଥିଲେ।



ବେତନଟୀ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପୁରୁଣିଆ ଗ୍ରାମରେ ସୋମବାର ସନ୍ଧ୍ୟା ୫ ଟା ସମୟରେ ଜନୈକ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଆକ୍ରମଣ ରେ ଯୁବକଙ୍କ ହାତ ଓ ଗୋଡ଼କୁ ହାଣି ପକାଇବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଛି ଏବଂ ସେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଶ୍ରୀରାମ ପାତ୍ରଙ୍କ ସ୍ତ୍ରୀଙ୍କୁ ଗ୍ରାମର କିଛି ଯୁବକ ଅଶ୍ଳୀଳ କମେଣ୍ଟ କରୁଥିବା ନେଇ ସେ ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ଏହାପରେ ଶ୍ରୀରାମ ଓ ବଡ଼ଭାଇ କାର୍ତ୍ତିକ ଦୁହେଁ ମିଶି ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ ଚାରିଜଣ ଯୁବକ ମଦ୍ୟପାନ କରୁଥିଲେ। ଦୁଇଭାଇ ସେମାନଙ୍କୁ ଘଟଣା ବାବଦରେ ପଚାରିବାରୁ ସେମାନେ ଦୁଇଭାଇଙ୍କୁ ନାନାଦି ଗାଳିଗୁଲଜ କଲେ ଏବଂ ଧମକପୂର୍ଣ୍ଣ ଚେତାବନୀ ଦେଇଥିଲେ। ଏହାପରେ ଦୁଇଭାଇ ବୈଶିଙ୍ଗା ଯାଇ ଥାନାରେ ଅଭିଯୋଗ କରିବାକୁ ବାହାରି ଯାଇଥିଲେ। ତେବେ ଡାଳଭଙ୍ଗା ଛକ ନିକଟରେ ପ୍ରାୟ ଦଶ ଜଣ ଦୁର୍ବୃତ୍ତ ସେମାନଙ୍କୁ ଘେରିଯାଇ କଟୁରୀ ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଦୁଇଭାଇ ଧାନ ବିଲ ଭିତରେ ଦୌଡୁଥିବା ବେଳେ ବଡ଼ ଭାଇ କାର୍ତ୍ତିକ କାଦୁଅରେ ଫସି ପଡ଼ିଯାଇଥିଲେ। ତାଙ୍କୁ ସେମାନେ ହାଣି ଚାଲିଥିବା ବେଳେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ସେ ମରିଗଲେ ଭାବି ସେମାନେ ତାଙ୍କୁ ଛାଡି ଚାଲିଯାଇଥିଲେ। ଶ୍ରୀରାମ ଗାଁ ଲୋକଙ୍କ ସାହାଯ୍ୟରେ ଭାଇଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଯୋଗୁଁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଲିସ ରାଜେନ୍ଦ୍ର ବେହେରା ୨୯ ବର୍ଷ , ଗୌତମ ପ୍ରଧାନ ୨୮ ବର୍ଷ ଓ ଗଣେଶ୍ୱର ସିଂହ ୨୮ ବର୍ଷ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କୁ ମଧ୍ୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାରିଣୀ ଦାସ ସୂଚନା ଦେଇଛନ୍ତି।

# ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାକୁ ମୋଦିଜୀଙ୍କ ୨୨୫୦ କୋଟି ଟଙ୍କାର ଉପହାର: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ୪୬୦୦ କୋଟି ଟଙ୍କା ବ୍ୟୟରେ ୪ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ ଅନୁମୋଦନ ମିଳିଛି, ଯାହାକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଶେଷ ଭାବରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ ପ୍ରତିଷ୍ଠା କରିବା ପାଇଁ ୨୨୫୦ କୋଟି ଟଙ୍କାର ଉପହାର ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନରରେ ନୂଆ ଅଧ୍ୟାୟ ଯୋଡିହୋଇଛି । ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାବ୍ ଏବଂ ଏଟିଏମପି ୟୁନିଟ୍ ପ୍ରତିଷ୍ଠା ହେବ । ଭୁବନେଶ୍ୱରରେ ସେମିକଣ୍ଡକର ୟୁନିଟରେ ସିଲିକନ କାର୍ବାଇଟ୍ ସେମିକଣ୍ଡକ୍ଟର ଉତ୍ପାଦନ ହେବ । ଏଠାରେ ଉତ୍ପାଦନ ହେବାକୁ ଥିବା ସେମିକଣ୍ଡକ୍ଟରର ଉପାଦେୟ ବିଷୟ ଗୁଡ଼ିକ ମିଶାଇଲ, ସ୍ପେଶ, ସାଟେଲାଇଟ୍, ଟେଲିକମ ଟାୱାର ଏବଂ ରେଳ ଇଞ୍ଜିନ କାମରେ ଲାଗିବ । ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ବିକାଶ ପରିସରରେ ଏହାର ଲ୍ୟାବ୍ ପ୍ରତିଷ୍ଠା ହେବ । ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠିତ ରିସର୍ଚ୍ଚ ପାର୍କ ଏହି ସେମିକଣ୍ଡକ୍ଟର ୟୁନିଟକୁ ଶିକ୍ଷା ଓ ଗବେଷଣାରେ ସହଯୋଗ ପ୍ରଦାନ କରିବ । ଦ୍ୱିତୀୟତଃ ଖୋର୍ଦ୍ଧାର ଇନଫୋ ଭ୍ୟାଲିରେ ଥ୍ରୀଡି ଗ୍ଲାସ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଏହି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟରେ ବିଭିନ୍ନ ପ୍ରକାରର ଗ୍ଲାସ୍ ପ୍ୟାନେଲ୍ ନିର୍ମାଣ ହେବ । ଏଠାରେ ଉତ୍ପାଦନ ହେବାକୁ ଥିବା ଚିପ୍ ପ୍ରତିରକ୍ଷା, ରାଡାର, ଏରୋସ୍ପେଶ ଏବଂ ଓ୍ୟାରଲେସ୍ ଟେକ୍ନୋଲୋଜି କାମରେ ଲାଗିବ । ସେ କହିଛନ୍ତି ଯେ ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୫୦ ଭାଗ, ଓଡ଼ିଶା ସରକାର ୨୫ ଭାଗ ଏବଂ ନିବେଶକ ୨୫ ପ୍ରତିଶତ ଆର୍ଥିକ ସହାୟକା ପ୍ରଦାନ କରିବେ । ଭୁବନେଶ୍ୱରରେ ସେମିକଣ୍ଡକର ଉତ୍ପାଦନ ୟୁନିଟ ପାଇଁ କେନ୍ଦ୍ର ସରକାର ପ୍ରାୟ ୭୦୦ କୋଟି ଏବଂ ଓଡ଼ିଶା ସରକାର ପ୍ରାୟ ୩୫୦ ଟଙ୍କା ଦେବେ । ଖୋର୍ଦ୍ଧାରେ ହେବାକୁ ଥିବା ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପାଇଁ କେନ୍ଦ୍ର ସରକାର ପ୍ରାୟ ୮୦୦ କୋଟି ଏବଂ ରାଜ୍ୟ ସରକାର ପ୍ରୟ ୪୦୦ କୋଟି ଦେବେ । ଅର୍ଥାତ୍ ଡବଲ ଇଞ୍ଜିନ ସରକାର ଏଥିପାଇଁ ସର୍ବମୋଟ ୨୨୫୦ କୋଟି ଟଙ୍କା ଦେବେ । ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ଜମି, ଜଳ, ବିଜୁଳି ସମେତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶାରେ କୋଇଲା, ଖଣି, ଲୁହାପଥର, କ୍ରୋମାଇଟ୍ ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ପାଇଁ ପରିଚୟ ପାଇଥିବା ବେଳେ ରେଳ, ସଡକପଥ, ବନ୍ଦର ଭିତ୍ତିଭୂମିରେ ପୁଞ୍ଜିନିବେଶ ହେଉଥିଲା । ଡବଲ ଇଞ୍ଜିନ ସରକାରର ପ୍ରୟାସ କାରଣରୁ ନ୍ୟୁ ଏଜ୍ ଇକୋନୋମୀ ବା ନୂଆ ସମୟର ଅର୍ଥନୈତିକ ଦୁନିଆରେ ଓଡ଼ିଶା ଯୋଡିହୋଇଛି । ନ୍ୟୁ ଏଜ୍ ଟେକ୍ନୋଲୋଜି ଆଧାରରେ ଏଠାରେ ସେମିକଣ୍ଡକ୍ଟରର ଦୁନିଆରେ ବହୁତ ବଡ କ୍ଲଷ୍ଟର ତିଆରି ହୋଇପାରିବ । ଆମେ ଯେଉଁ ଅପେକ୍ଷା ରଖିଥିଲେ, ଓଡ଼ିଶାରେ ନୂଆ ସମୟର ଅର୍ଥନୀତି ବିକଶିତ ହେଉ, ସେ ଦିଗରେ ଆଜିର କ୍ୟାବିନେଟ୍ ନିଷ୍ପତି ବଡ ପଦକ୍ଷେପ । ଏହା ଦ୍ୱାରା ଓଡ଼ିଶାରେ ସେମିକଣ୍ଡକ୍ଟର ସହ ଆନ୍ସିଲାରୀ ଇଣ୍ଡଷ୍ଟ୍ରିରେ ଓଡ଼ିଶାର ନୂଆ ପରିଚୟ ହେବ । ଆଜିର ପଦକ୍ଷେପ ଡବଲ ଇଞ୍ଜିନ ସରକାରର ପ୍ରତିଫଳନ । ଏହା ଦ୍ୱାରା ସେମିକଣ୍ଡକ୍ଟର ବିଶେଷ ଭାବରେ ଅଟୋମୋବାଇଲ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ସେମିକଣ୍ଡକ୍ଟରର ବହୁଳ ବ୍ୟବହାର ହେବ । ଦୁଇ ବର୍ଷ ମଧ୍ୟରେ ଏହି ୟୁନିଟରୁ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ ହେବ ବୋଲି ଆଶା କରାଯାଉଛି । ଏହି କ୍ଷେତ୍ର ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଘରୋଇ ମୂଲ୍ୟ ବୃଦ୍ଧି ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରି ଓଡ଼ିଶାର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଏହି ଦୁଇ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଦ୍ୱାରା ଓଡ଼ିଶାରେ ପାଖାପାଖି ୧୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ହଜାର ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ସେମିକଣ୍ଡକ୍ଟର କ୍ଷେତ୍ରରେ ଆନ୍ସିଲାରି ଇଣ୍ଡଷ୍ଟ୍ରିରେ ବ୍ୟାପକ ଅଭିବୃଦ୍ଧି ହେବ । ଏହା ଦ୍ୱାରା ଓଡ଼ିଶାର ଅର୍ଥନୀତିକୁ ବଡ ଗତି ମିଳିବ ବୋଲି ସେ ମତପ୍ରକାଶ କରିଛନ୍ତି ।

# ସୀମା ବିବାଦରୁ ମରଣାନ୍ତକ ଆକ୍ରମଣ, ଯୁବତୀ ଗୁରୁତର



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ମରଦାବାଡି ଗ୍ରାମରେ ପୂର୍ବର ଥିବା ସୀମା ବିବାଦ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବତୀ ଜଣକ ମୁଣ୍ଡକୁ ଏକ କଟୁରୀରେ ହାଣି ଗୁରୁତର କରିଥିବା ଅଭିଯୋଗରେ ତାଙ୍କ ପଡୋଶୀ ପରିବାରର ମା ଓ ପୁଅଙ୍କୁ ବୋଲଗଡ଼ ଥାନା ପୋଲିସ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି। ଗୁରୁତର ହୋଇଥିବା ଯୁବତୀଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲ ରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଗୁରୁତର ଆହତ ଲିଜୁନା(୨୨) ଙ୍କ ମା କମଳା କହଲସିଂ ବୋଲଗଡ଼ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ପଡୋଶୀ ସହ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଥିବା ବେଳେ ଏଥିନେଇ ଅନେକ ଥର ଗଣ୍ଡ ଗୋଳ ଘଟି ଥାନାରେ ଅଭିଯୋଗ ହୋଇଥିଲା। ତେବେ ଗତକାଲି ଭୁବନେଶ୍ୱରରେ ରହି ପାଠ ପଢୁଥିବା ତାଙ୍କ ଝିଅ ଲିଜୁନା ଗାଁକୁ ଆସିଥିବା ବେଳେ ତାକୁ ପଡିଶା ଘର ସର୍ବେଶ୍ୱର କହଲସିଂଙ୍କ ପତ୍ନୀ ପ୍ରମିଳା ଓ ପୁଅ ଉମେଶ କମେଣ୍ଟ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଆଜି ମଙ୍ଗଳବାର ଲିଜୁନା ଭୁବନେଶ୍ୱର ଯିବାକୁ ବାହାରୁଥିବା ସମୟରେ ବାରିପଟେ ଲାଗିଥିବା ଭେଣ୍ଡି କିଆରିରୁ ଭେଣ୍ଡି ତୋଳୁଥିବାବେଳେ ପୁନର୍ବାର ଉଭୟ ମା-ପୁଅ କମେଣ୍ଟ ମାରି ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ସେମାନେ ଏହାର ପ୍ରତିବାଦ କରିବାରୁ ଉମେଶ ଏକ କଟୁରୀ ଆଣି ଲିଜୁନାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଫଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ଯାଇଥିଲେ। ପରିବାର ଲୋକ ଲିଜୁନାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଚିକିତ୍ସା ପାଇଁ ପଠାଇଥିଲେ। ମା କମଳାଙ୍କ ଅଭିଯୋଗ ପରେ ବୋଲଗଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘରେ କବାଟ ଦେଇ ଭିତରେ ଥିବା ଅଭିଯୁକ୍ତଙ୍କୁ ସିଡି କବାଟ ଭାଙ୍ଗି ଧରି ବୋଲଗଡ଼ ଥାନାକୁ ଆଣି ଥିଲେ। ପରେ ଖୋର୍ଦ୍ଧାରୁ ସାଇନ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘର ନିକଟରୁ ରକ୍ତ ଲଗା କଟୁରୀ ଉଦ୍ଧାର କରିଥିଲେ।

## ଦ.ପୂ. ରେଳପଥ-ଟେଣ୍ଡର

ଉପ ମୁଖ୍ୟ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ନିର୍ମାଣ), ଦକ୍ଷିଣ ପୂର୍ବ ରେଳବାଇ, ଗାର୍ଡେନ ରିଚ୍, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କ୍ରମିକ ନଂ. ୧; ଇ-ଟେଣ୍ଡର ନୋଟିସ୍ ନମ୍ବର: ଇଏଲ୍-ସିଓଏନ୍-କେଜିପି-ଏନ୍ଏମ୍ପିଆରଓଏଚ୍-୨୫-୦୩; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ନିମପୁରାରେ ପ୍ରତି ମାସରେ ବିସିଏନ୍ ସେଡ୍ ୨୫୦ରୁ ୪୫୦ ୱାଗନର ଆରଓଏଚ୍ କ୍ଷମତା ବୃଦ୍ଧି ପାଇଁ ଭିତ୍ତିଭୂମି ସୁବିଧା କାର୍ଯ୍ୟ ସହିତ ଜଡିତ ୨୫ କେଜି ଓଏଚ୍ଇ ଏବଂ ବୈଦ୍ୟୁତିକ ସାଧାରଣ ସେବା କାର୍ଯ୍ୟର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ। ମୂଲ୍ୟ: ଟ.୨,୬୮,୧୬,୬୯୧.୧୦; ସର୍ବଶ୍ରେଷ୍ଠ ମୂଲ୍ୟ : ଟ.୨,୮୪,୧୦୦.୦୦; ସମ୍ପୂର୍ଣ୍ଣତା ଅବଧି: ୧୨ ମାସ; ଧାର୍ଯ୍ୟ ତାରିଖ: ୦୨.୦୯.୨୦୨୫ : ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି। ନିର୍ଦ୍ଧାରିତ ତାରିଖରେ ଇ-ଟେଣ୍ଡର ୧୨.୦୦ ଘଣ୍ଟାରେ ବନ୍ଦ ହେବ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମ୍ଭାବ୍ୟ ବିଡ୍ରଦାତାମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

**(PR-512)**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମିଟି ଗଠନ କଲେ...

ରୁମ୍‌ରୁ ୫୦୦ ଟଙ୍କାର ପୋଡ଼ିଯାଇଥିବା ଏକ ନୋଟ୍‌ର ବଣ୍ଡଲ ମିଳିଥିଲା। ଯାହାକୁ ଏକ ବସ୍ତାରେ ବାନ୍ଧି ରଖାଯାଇଥିଲା। ତେବେ ଜଷ୍ଟିସ ବର୍ମା କହିଥିଲେ ଯେ ତାଙ୍କ ଘରେ କୌଣସି ନଗଦ ଟଙ୍କା ନାହିଁ। ତାଙ୍କୁ ଏକ ଷଡ଼ଯନ୍ତ୍ରର ଅଂଶଭାବେ ଫସାଇ ଦିଆଯାଇଛି। ଏହାପରେ ଗତ ମାର୍ଚ୍ଚ ୨୮ରେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ସୂଚନାଯୋଗ୍ୟ ଯେ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ବିଚାରପତିଙ୍କୁ ବହିଷ୍କାର କରିବା ପାଇଁ ସଂସଦର ଦୁଇଟି ଗୃହରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯାଇଥାଏ। ଏହା ରାଜ୍ୟସଭାର ଅଧ୍ୟକ୍ଷ କିମ୍ବା ଲୋକସଭା ବାଚସ୍ପତିଙ୍କ ନିକଟରେ ଉପସ୍ଥାପିତ ହୋଇଥାଏ। ଏହାପରେ ପ୍ରସ୍ତାବର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥାଏ।

### ସରକାରୀ ଅଫିସରେ...

ବିକଶିତ କରାଯିବ। ଭଲ ପ୍ରଦର୍ଶନ ନଥିବା ଅଧିକାରୀଙ୍କ କାର୍ଯ୍ୟର ନିୟମିତ ସମୀକ୍ଷା କରାଯିବା ସହ ପ୍ରଦର୍ଶନରେ ସୁଧାର ଆଣିବାକୁ ସୁଯୋଗ ଦିଆଯିବ। ସୁଧାର ନ ଆସିଲେ ଆଗୁଆ ଅବସର ଦିଆଯିବ। ଦୁର୍ନୀତିର ମୂଳକାରଣ ଖୋଜିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ସେବା ପ୍ରଦାନରେ କାହିଁକି ବିଳମ୍ବ ହେଉଛି ସେ ନେଇ ମଧ୍ୟ ଅନୁଧ୍ୟାନ କରାଯିବ। ଆସନ୍ତା ଅକ୍ଟୋବର ମାସରୁ ସିଏମ୍ ଡ୍ୟାସବୋର୍ଡ ଆରମ୍ଭ କରାଯିବ। କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ପ୍ରତିମାସ ୭ ତାରିଖରେ ଜିଲ୍ଲାପାଳମାନେ ସମୀକ୍ଷା କରିବେ। ୧୨ରେ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ରାଜସ୍ୱ ବିଭାଗର ସଚିବମାନେ ମଧ୍ୟ ସମୀକ୍ଷା କରିବେ। ସମସ୍ତ ବିଭାଗ ସେମାନଙ୍କ ଖର୍ଚ୍ଚ ବିଭାଗର ଖର୍ଚ୍ଚବୃଦ୍ଧି ଉପରେ ଗୁରୁତ୍ୱ ଦେବେ। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସର୍ବନିମ୍ନ ସ୍ତରକୁ ଖସିଲା...

ପନିପରିବା, ଶସ୍ୟ, ପରିବହନ, ଯୋଗାଯୋଗ, ଶିକ୍ଷା, ଚିନି ଏବଂ ମିଠା ଭଳି ପ୍ରମୁଖ ବର୍ଗରେ ମୂଲ୍ୟ ହ୍ରାସ ଯୋଗୁ ହୋଇଛି। ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ଜୁନ୍ ମାସରେ ୧.୭୨ ପ୍ରତିଶତରୁ ଜୁଲାଇ ମାସରେ ୧.୧୮ ପ୍ରତିଶତକୁ ହ୍ରାସ ପାଇଛି। ଯେତେବେଳେ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୫୬ ପ୍ରତିଶତରୁ ୨.୦୫ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ କ୍ଷେତ୍ରରେ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ଦ୍ରୁତ ହ୍ରାସ ପାଇଥିବା ସୂଚନା ଦିଆଯାଇଛି। ଅନ୍ୟବର୍ଗର ମୁଦ୍ରାସ୍ଫୀତିରେ ମିଶ୍ରିତ ଫଳାଫଳ ଦେଖାଦେଇଛି। ହାଉସିଂ ମୁଦ୍ରାସ୍ଫୀତି ୩.୬ ପ୍ରତିଶତରେ ସ୍ଥିର ରହିଥିବାବେଳେ ଶିକ୍ଷା ମୁଦ୍ରାସ୍ଫୀତି ୪.୦୦ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୪.୫୭ ପ୍ରତିଶତରୁ ସାମାନ୍ୟ ବୃଦ୍ଧି ପାଇଛି। ପରିବହନ ଏବଂ ଯୋଗାଯୋଗ ମୁଦ୍ରାସ୍ଫୀତି ୨.୧୨ ପ୍ରତିଶତ ହୋଇ ଉଲ୍ଲେଖନୀୟ ହ୍ରାସ ଘଟିଛି। ସେହିପରି ଇନ୍ଧନ ଏବଂ ହାଲୁକା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୨.୬୭ ପ୍ରତିଶତରେ ପହଞ୍ଚିଛି।

### ପାଣି କୁଣ୍ଡରେ ପଡି ଶିଶୁର ମୃତ୍ୟୁ

ଉମରକୋଟ (ଭାସ୍କର ନ୍ୟୁଜ): ପାଣି କୁଣ୍ଡରେ ପଡି ଜଣେ ଶିଶୁର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ। ମୃତ ଶିଶୁ ଜଣକ ହେଲେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ପଦିଆ ଗୁଡା ଗ୍ରାମର ବୀର ଗଣ୍ଡଙ୍କ ଦେଢ ବର୍ଷର ପୁଅ ଦଇନୁ ଗଣ୍ଡ। ମିଳିଥିବା ସୂଚନା ଅନୁସାରେ ଦଇନୁ ଆଜି ସକାଳ ୭ ଘଣ୍ଟା ସମୟରେ ଘର ପାଖରେ ଖେଳୁଥିଲେ। ଏହାର କିଛି ସମୟପରେ ପରିବାର ଦେଖିଲେ ଯେ ଦଇନୁ ଖେଳୁଥିବା ଜାଗାରେ ନାହିଁ। ପରିବାର ଲୋକେ ବ୍ୟସ୍ତ ହୋଇ ଏଣେତେଣେ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ଦଇନୁ ର କୌଣସି ଖୋଜଖବର ପାଇ ନଥିଲେ। ସକାଳ ୮ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଦଇନୁ ଘର ପାଖରେ ଥିବା ଗୋଟିଏ ପାଣି କୁଣ୍ଡରେ ପଡି ଯାଇଛି।

## AFFIDAVIT

By virtue of an affidavit No.7700 sworn before the Executive Magistrate, on dated: 06.06.2025, I Radha Saha, W/o- Bholanath Soni, resident of At- Gopalpur, Sampur, Post- gopalpur, Ps- Cuttack Sadar, Dist- Cuttack-753011, declares that my daughter's actual name is Akankshya Soni which is mentioned in her Birth Certificate and HSC Certificate. But wrongly mentiones ad Ankakshya Soni in Aadhar Card. Akankshya Soni & Ankakshya Soni is same and ope person belongs to daughter of Radha Saha (Mother) & Bholanath Soni(Father). This affidavit is to be produced before concerned authority for Aadhar Card correction as Akankshya Soni.

**Sd/- Radha Saha**

## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,ଜଗତସିଂହପୁର

ପ୍ରଗତିପଥେ ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ଆମ୍ଭର ମୂଳ ଲକ୍ଷ୍ୟ :-

୧. ଚାଷୀର କୃଷି ଉତ୍ପାଦକୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା ।

୨. ଚାଷୀ ମାନଙ୍କ ଦ୍ରବ୍ୟକୁ ଜାତୀୟ କୃଷି ବଜାର (e-NAM) ମାଧ୍ୟମରେ ସ୍ୱଚ୍ଛ ବାଣିଜ୍ୟ କରି ନିଜ ଜିଲ୍ଲା, ଆନ୍ତଃ ଜିଲ୍ଲା ଓ ଆନ୍ତ ରାଜ୍ୟରେ ବିକ୍ରୟ କରି ଅଧିକ ଲାଭବାନ କରିବା ।

୩. ଚାଷୀ ମାନଙ୍କ ଶସ୍ୟକୁ ସୁରକ୍ଷିତ ଭାବେ ସାଇତି ରଖିବା ନିମନ୍ତେ ଗୋଦାମ ଗୃହର ବ୍ୟବସ୍ଥା ।

୪. ବ୍ୟବସାୟୀ ମାନଙ୍କ ସୁବିଧା ନିମନ୍ତେ ଗୋଦାମ ଘର, ପିଣ୍ଡି ଓଡିତ କଣ୍ଟା,ଅଦ୍ରତାମାପ ଯନ୍ତ୍ର ଇତ୍ୟାଦିର ବ୍ୟବସ୍ଥା ।

୫. ଚାଷୀ ମାନଙ୍କର ଦ୍ରବ୍ୟର କ୍ରୟ ବିକ୍ରୟକୁ ଅଧିକ ଆଧୁନିକରଣ ନିମନ୍ତେ ମଡେଲ ମଣ୍ଡିର ବ୍ୟବସ୍ଥା କରାଯାଇଅଛି ।

୬. ଚାଷୀ ମାନଙ୍କ ଦ୍ରବ୍ୟକୁ ଅଧିକ ଦିନ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି।

୭. ଚାଷୀ ମାନଙ୍କ ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଧାନ କ୍ରୟ କେନ୍ଦ୍ରରେ ଅସ୍ଥାୟୀ CCTV ଏବଂ ଅସ୍ଥାୟୀ ସଂରକ୍ଷଣ କକ୍ଷ (Cap Storage)ର ବ୍ୟବସ୍ଥା କରାଯାଇଅଛି ।

| ସ୍ୱା | ସ୍ୱା | ସ୍ୱା |
|---|---|---|
| ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି,ଜଗତସିଂହପୁର | ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି,ଜଗତସିଂହପୁର | ଉପ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି,ଜଗତସିଂହପୁର |

## କୃଷି ବିଭାଗ, ମାଲକାନଗିରି

- ସି.ଏମ.କିଷାନ- ଏହି ଯୋଜନାରେ ମାଲକାନଗିରି ଜିଲ୍ଲାରେ ମୋଟ ୮୨,୩୧୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସହ ଭୂମିହୀନ କୃଷି ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସି.ଏମ. କିସାନ ନୂତନ ପଞ୍ଜିକରଣ ନିମନ୍ତେ ୩୧.୦୮.୨୦୨୫ ରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।
- ପି.ଏମ.କିଷାନ- ଏହି ଯୋଜନାରେ ମାଲକାନଗିରି ଜିଲ୍ଲାର ମୋଟ ୭୫,୨୧୦ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ପିଏ.ଏମ.କିଷାନ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।
- ଶ୍ରୀ ଅନ୍ନ ଅଭିଯାନ—୨୦୨୪-୨୫ ଆର୍ଥିକ ବର୍ଷରେ ମାଲକାନଗିରି ଜିଲ୍ଲାରେ ୫ ଗୋଟି ବୃଷ୍ଟି ପୃଷ୍ଟି ବ୍ଲକରେ ମୋଟ ୭୫୦୦ ହେକ୍ଟର ଜମିରେ କାର୍ଯ୍ୟକାରୀ କରାଯାଇଛି।ରାଜ୍ୟ ସରକାର ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଂକା ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଂକା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କରିବାକୁ ମୋଟ ୫୨,୫୯୪ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ହୋଇପାରିଛି।
- ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା- ୨୦୨୪-୨୫ ଆର୍ଥିକ ବର୍ଷରେ ମାଲକାନଗିରି ଜିଲ୍ଲାରେ ମୋଟ ୨୨,୯୯୦ ମୃତ୍ତିକା ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧୀୟ ସଚେତନତା କରାଯାଇ ଚାଷୀମାନଙ୍କୁ ବଣ୍ଟନ କରାଯାଇଛଇ।
- ଧାନ ଫସଲ ଅମଳ ପରବର୍ତ୍ତୀ ଜମିରେ ପରିଚାଳନା ଉପରେ ବ୍ୟାପକ ପ୍ରସ୍ତୁତି- ୨୦୨୪-୨୫ ଋତୁରେ ମାଲକାନଗିରି ଜିଲ୍ଲାରେ ମୋଟ ୧୦,୫୦୦ ହେକ୍ଟର ଜମିରେ ମୁଗ,ବିରି,ରାଶି ଚାଷ କରାଯାଇଥିଲା ଏବଂ ୧୨୧୭୦ ଜଣ ଚାଷୀ ଉପକୃତ ହୋଇଛନ୍ତି।
- ଓଡିଶା ସରକାରଙ୍କର ଡିଜିଟାଲ କୃଷି ଅଧିନରେ କୃଷକ ପଞ୍ଜିକରଣ କାର୍ଯ୍ୟ ପ୍ରତି ପଞ୍ଚାୟତସ୍ତରରେ ୪୯ଟି କ୍ୟାମ୍ପ ଖୋଲାଯାଇଅଛି। ଗ୍ରାମ୍ୟ କୃଷି କର୍ମଚାରୀ ଓ ରାଜସ୍ୱ ନୀରିକ୍ଷକ ସହଯୋଗରେ ଅପରେଟର ମୋଡ,ସିଏସସି ମୋଡ ଏବଂ ସହାୟକଙ୍କ ଦ୍ୱାରା କୃଷକ କାର୍ଯ୍ୟ ଚାଲୁଅଛି।

ଦିଲ ରଂଜନ ମହାଲିକ୍
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ,ମାଲକାନଗିରି

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.,ଖୋର୍ଦ୍ଧା

Regn.No.95 PU Dt.22.03.1912, RBI Licence No. RPCD/BBSR/16/2011-12 Dt. Dt.02.05.2012
Ph.: 06755-220209/220203, E-mail ID-khordhaccbank@gmail.com, ceo@khordhaccbank.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ | ରାଜ୍ୟର ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ

### ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ଉଚ୍ଚ ବିଦ୍ୟାଳୟ ଓ ୩୫ମୌଜା କାର୍ଯ୍ୟାଳୟ ଚାରିଛକ୍ ଠାରେ ଜେପିଏମ୍ ରୋଟାରୀ କ୍ଲବ କଟକ ଚକ୍ଷୁ ଚିକିତ୍ସାଳୟ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଓ କୃଷ୍ଣ ପ୍ରସାଦ ଖଣ୍ଡ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ୍ ମିଳିତ ସହଯୋଗରେ ୩୦ଜଣ ବ୍ୟକ୍ତିଙ୍କୁ ଅଭିଜ୍ଞ ଡାକ୍ତର ଦ୍ୱାରା ଚକ୍ଷୁ ପରୀକ୍ଷା କରି ଚିକିତ୍ସା ନିମନ୍ତେ କଟକ ଚକ୍ଷୁ ଚିକିତ୍ସାଳୟକୁ ନିଜସ୍ୱ ଗାଡ଼ିରେ ନେଇଛନ୍ତି। ଏହି ଚକ୍ଷୁ ଚିକିତ୍ସା ଶିବିର ସକାଳ ୧୦ରୁ ଅପରାହ୍ନ ୨ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା ଏହି ଶିବିରକୁ ପ୍ରେମାନନ୍ଦ ଦଳବେହେରା (କୁଟୁମ୍ବ



ପ୍ରବୋଧକ୍ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ) କାଳୁ ଚରଣ ପଲେଇ (ଖଣ୍ଡ ପର୍ଯ୍ୟାକରଣ ପ୍ରମୁଖ) ବିଦ୍ୟାଧର ପଲେଇ ଦୁଃଶାସନ ତରେଇ ଭଗବାନ ତରେଇ ମଙ୍ଗୁଳି ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଗତ ଅଗଷ୍ଟ ୬ ରୁ ୧୨ ଅଗଷ୍ଟ ପର୍ଯ୍ୟନ୍ତ ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରିୟଦର୍ଶୀ ଘଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତ ପ୍ରବନ୍ଧ ପ୍ରତିଯୋଗୀତା, ସଂସ୍କୃତ ଅନୁବାଦ ପ୍ରତିଯୋଗୀତା, ଶ୍ଳୋକ ଆବୃତ୍ତି ପ୍ରତିଯୋଗୀତା, ସଂସ୍କୃତ ପ୍ରସ୍ନମଞ୍ଚ ପ୍ରତିଯୋଗୀତା ଆଦି ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ପ୍ରଣତି ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇପାରିଥିଲା। ଏଥିରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସେବତୀ ପୃଷ୍ଟି, ଚିନ୍ମୟୀ ମହାନ୍ତ, ତଥା ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ ଏବଂ ସର୍ବଶେଷରେ କୃତି ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# କାମ କରାଇଦେଉନି ନୂଆ ସଫ୍ଟୱେର

- ବାରମ୍ବାର ଲିଙ୍କ୍ ଫେଲ ଯୋଗୁଁ ଟ୍ରାଞ୍ଜାକ୍ସନରେ ଅସୁବିଧା
- ଡାକ ଘରେ ଅନେକ ସମୟରେ ଲିଙ୍କ୍ ଫେଲ




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ନୂଆ ସଫ୍ଟୱେର ଅପଗ୍ରେଡ଼ସନ ପାଇଁ ସାରା ଦେଶରେ ଡାକ ସେବା ଧିମା ହୋଇଛି। ଏଥିପାଇଁ କିଛି ଦିନ ହେବ ଗ୍ରାହକ ମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସାରା ଦେଶରେ ଡାକ ଘରେ ନୂଆ ସଫ୍ଟୱେର ଅପଗ୍ରେଡ଼ସନ କରାଯାଉଛି। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପଡାକ ଘରେ କିଛି ଦିନ ଡାକ କାର୍ଯ୍ୟ ମନ୍ଥର ହୋଇଯାଇଛି। ଫଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପିଏମ କିସାନ, ସୁଭଦ୍ରା ଯୋଜନା, ସୁକନ୍ୟା, ସ୍ପିଡ଼ ପୋଷ୍ଟ, ପାର୍ସଲ ରେଜିଷ୍ଟ୍ରି ପୋଷ୍ଟ, ଏସବି, ଆରଡ଼ି, ସେଭିଂ ଆକାଉଣ୍ଟ, ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ ହୋଇଯାଇଛି। ଫଳରେ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ସର୍ଭର କାମ କରୁନଥିବାରୁ ଅନେକ ସମୟରେ ଲିଙ୍କ ଫେଲ ଯୋଗୁଁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ମାନେ ଭତ୍ତା ପାଇବାରେ ଅସୁବିଧା ଭୋଗୁଛନ୍ତି। ମନରେଗାରେ ଶ୍ରମିକମାନେ ମଜୁରୀ ଟଙ୍କା ଉଠାଇ ନପାରି ହନ୍ତସନ୍ତ ହେଉଛନ୍ତି। ଡାକସେବା ଅଚଳ ଥିବାରୁ ବିଭିନ୍ନ କାମ ନେଇ ଆସୁଥିବା ଉପଭୋକ୍ତାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଶେଷରେ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନରେ ପୋଷ୍ଟ ଅଫିସ ରହିଛି। ସାରା ଦେଶରେ ନୂଆ ସଫ୍ଟୱେୟାର ଅପଡେସନ ଚାଲିଛି। କିଛି ଦିନ ହେବ ଏହି ସମସ୍ୟା ହୋଇଛି ଖୁବ ଶୀଘ୍ର ସମାଧାନ ହୋଇଯିବ। ଆସ୍ତେ ଆସ୍ତେ ସୁଧାର ଆସିଲାଣି। ନୂଆ ସଫ୍ଟୱେୟାର ଇନଷ୍ଟାଲ ହେଲେ ଡାକଘରେ ଅନ ଲାଇନି କାର୍ଯ୍ୟ ସ୍ୱାଭାବିକ ହେବ। ବର୍ତ୍ତମାନ ଅଫ ଲାଇନି କାର୍ଯ୍ୟ ସ୍ୱାଭାବିକ ଚାଲିଛି।

## ଛାତ୍ରୀ ଅପହରଣ ଅଭିଯୋଗ
## ଦୁର୍ଘଟଣାର ଶିକାର ହୋଇ ଧରାପଡିଲେ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନା ଧାନ ମଣ୍ଡଳ ଫାଣ୍ଡି ଅଧିନସ୍ଥ ବାବା ଭୈରାବ ନନ୍ଦ ମହାବିଦ୍ୟାଳୟରେ କମର୍ସ ଅଧ୍ୟୟନ କରୁଥିବା ଛାତ୍ରିଙ୍କୁ ଅପହରଣ କରି ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ମତେ ସୋମବାର ଅପରାହ୍ନ ୧୨ ଘଟିକା ସମୟରେ ଦର୍ପଣ ଗ୍ରାମର ରହିମୁଦ୍ଦିନ୍ ଖାଁଙ୍କ ପୁତ୍ର ପରବେଜ୍ ଖାଁ (ପିଣ୍ଟୁ) ୨୩ବର୍ଷ ସହି ଗ୍ରାମର ମିର୍ଜା ସନ୍‌ଓରଙ୍କ ଝିଅ ଉମି ଅମରା ୨୦ ମହାବିଦ୍ୟାଳୟର ରାସ୍ତାରୁ ଅପହରଣ କରିଥିବା ପରିବାର ଲୋକେ ବିଳମ୍ବିତ ରାତ୍ରିରେ ଏତଲା କରିଛନ୍ତି। ଏହି ଲିଖିତ ଅନୁଯାୟୀ ଥାନା ଅଧିକାରୀ ମଧୁସ୍ମିତା ବେହେରା ତଦନ୍ତ ଅଧିକାରୀ କଳ୍ପନା ନାଏକଙ୍କୁ ଭାର ଦେଇ ଥିବା ବେଳେ ୨୭୦/୨୫ ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚାଲୁଥିବା ବେଳେ ଅପହରଣ ହୋଇଥିବା ଛାତ୍ରୀ କାରଯୋଗେ ଯାଉଥିବା ସମୟରେ ଟାଟା ଜାମସେଦପୁର ସହରରେ ଦୁର୍ଘଟଣାର ଶିକାର ହୋଇ ଥାନାରେ ଧରାପଡ଼ି ଥିଲେ। ସେଠିକାର ଥାନା ଅଧିକାରୀ ବଡ଼ଚଣା ଥାନାଙ୍କୁ ଜଣାଇଛନ୍ତି।

# ସେବା ସମବାୟ ସମିତି ଗୃହ ଉଦ୍‌ଘାଟନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଲିଆବିନ୍ଧା ସେବା ସମବାୟ ସମିତି ନୂତନ ଗୃହକୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସମିତିର ନୂତନ ଗୃହ ପରିସରରେ ସମବାୟ ସମିତି ବୋର୍ଡ଼ର ଉପସଭାପତି ଇଂ ମହେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସୂରଜ ଯୋଗ ଦେଇ, ପାଲିଆବିନ୍ଧା ସେବା ସମବାୟ ସମିତି ବ୍ଲକରେ ଏକ ଅଗ୍ରଣୀ ସମିତି ଭାବେ ପରିଚୟ ସୃଷ୍ଟି କରିଛି। ସମିତିକୁ ମଡେଲ ସମିତି ଭାବେ କରାଯିବାକୁ ସରକାର ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ସଭାରେ ସମିତିର ସଭାପତି ମିନତୀଲତା ଦାସ, ଭଦ୍ରକ ବଜାର ନିୟନ୍ତ୍ରିତ କମିଟି ଆକାଉ। ରଂଜିତ୍ ଲେଙ୍କା, ସମିତି ବୋର୍ଡ଼ ସଦସ୍ୟ ନିକୁଞ୍ଜକୃଷ୍ଣ ପୁହାଣ, ବିଜେପି



ବରିଷ୍ଠ ନେତା ରଘୁନାଥ ପାତ୍ର ଓ ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲିଆବିନ୍ଧା ସରପଞ୍ଚ ଯଶୋଦ ମଲ୍ଲିକ, ଭାଜପା କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ବିଜେପି ନେତା ପ୍ରମୋଦ କୁମାର ଦାସ, ଭରତ ଚନ୍ଦ୍ର ସାହୁ, ଉଷାକାନ୍ତ ନାୟକ, ତପନ କୁମାର ପାଢ଼ୀ, ଯୁବନେତା ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ସଂଜୟ କୁମାର ନାୟକ, ବୋର୍ଡ଼ ସଦସ୍ୟ ବିଜୟ କୁମାର ନାୟକ, ବାବାଜୀ ଚରଣ ମଳିକ, ସୁବୋଧ ମିଶ୍ର, ଭରତ ଚନ୍ଦ୍ର ସାହୁ, ଶୁଭ୍ରଜିତ ପାଲ, ମନୋଜ ମହାଲିକ, ମୃତ୍ୟୁଞ୍ଜୟ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ଡିଇଓ ସୁଜିତ୍ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କର୍ପିଓ ସହ ୪ ଗୋରୁ ଜବତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଗୋରୁ ଚାଲାଣ ବନ୍ଦ ହେବାର ନାମ ଧରୁନି। ପୋଲିସ ଆଖିରେ ଧୂଳି ଦେଇ ଚୋର ମଧ ଦାମୀ ଗାଡ଼ିରେ ଚାଲାଣ ଚାଲିଛି। ଯେମିତି କେହି ଧରି ପାରିବେ ନାହିଁ ତେଣୁ ଚୋରମାନେ ଏବେ ଦାମିକା ଗାଡିରେ ଚାଲାଣ କରିବା ଆରମ୍ଭ କଲେଣି। ସ୍କର୍ପିଓରେ ୪ ଟି ଗୋରୁ ଚାଲାଣ ହେଉଥିବା ବେଳେ ଦୈବାତ ଧରା ପଡ଼ିଯାଇଛି। ଧରା ପଡ଼ିଥିବା ଗୋରୁଙ୍କୁ ରାଜନଗର ନନ୍ଦିନୀ ଗୋଶାଳାକୁ ପୋଲିସ ପଠାଇ ଦେଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶଯେ ଜ୍ଞଜ ୦୫ ଇଏ ୯୩୯୦ ନମ୍ବର ସ୍କର୍ପିଓ ଗାଡିଟି ଭୋର ସମୟରେ ଠାକୁରମୁଣ୍ଡା କରଞ୍ଜିଆ ରାସ୍ତାରେ ଠାକୁରମୁଣ୍ଡାରୁ ୨ କିମି ଦୂର ଚମକପୁର ନିକଟରେ ଅଚଳ ଅବସ୍ଥାରେ ଠିଆ ହୋଇଥିଲା। ଆରୋହୀ ମାନେ ସଜାଡ଼ିବାକୁ ଚେଷ୍ଟା କରି ବିଫଳ ହେବାରୁ ଛାଡି ଚାଲିଗଲେ। ସ୍ଥାନୀୟ ଲୋକ ଗାଡି ପାଖକୁ ଯାଇ ଦେଖନ୍ତି ତ ଗାଡି ଭିତରେ ଖୁନ୍ଦା ଖୁନ୍ଦି ହୋଇ ୩ଟି ଗାଇ ଗୋଟିଏ ଷଣ୍ଢ ରହିଛନ୍ତି। ଠାକୁରମୁଣ୍ଡା ଥାନା ପୋଲିସ ଖବର ପାଇ ଗାଡି ଥାନାକୁ ଆଣି ଲକ ଭାଙ୍ଗି ଗୋରୁଙ୍କୁ ବାହାର କରିଥିଲେ। ଥାନାରେ କେଶ ନଂ ୮୭ ରେ ମୋକଦ୍ଦମା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ୩ଗାଇ ଓ ଷଣ୍ଢକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଯାଇଛି।

## ୨୪ ନଂ ଜୋନରେ ତ୍ରିରଙ୍ଗା ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ୨୪ନମ୍ବର ଜିଲ୍ଲାପରିଷଦ ଜୋନରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତଥା ଓଡିଶା ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ କରାଯାଉଛି। ତଦନୁଯାଇ ଏହି ବ୍ଲକର ୨୪ ନମ୍ବର ଜୋନରେ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବଡଖିର ପଂଚାୟତ ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ନିଶ୍ଚିନ୍ତକୋଇଲି ନଡକାଇ, ରାମକୃଷ୍ଣପୁର, ଜୟରାମପୁର, ଫୋଗଳ, ଜିର୍ଣ୍ଣପୁର ବରାଦ ଦେଇ କେନ୍ଦୁପାଟଣା ବଜାର ନିକଟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ବୈଷ୍ଣବ ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଆଜିବି ଅନ୍ଧାରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ

ସତ୍ୟବାଦୀ, (ଭାସ୍କର ନ୍ୟୁଜ) : ସତ୍ୟବାଦୀ ସ୍ଥିତ ବସ ଷ୍ଟାଣ୍ଡ ନିକଟବର୍ତ୍ତି ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ ଆଜି ବି ଅନ୍ଧାରରେ। ନା ଅଛି ବିଦ୍ୟୁତ ବଲ ନା ଲାଗିଛି ସୋଲାର ସିଷ୍ଟମ। ଆପଣଙ୍କୁ କହି ରଖୁଚୁ ନୂତନ ୩୧୬ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ହେବା ବେଳେ ଏହି ପଞ୍ଚସଖା ଙ୍କ ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିଲା ଓଭର ବ୍ରିଜ ତଳକୁ। କିନ୍ତୁ ଦୁଃଖ ଆଉ ପରିତାପର ବିଷୟ ଏହି କି ଯେ ଆଜି ପର୍ଯ୍ୟନ୍ତ ହୋଇପାରିଲାନି ବିଦ୍ୟୁତ ପରିଚାଳନା ର ସଠିକ ସଞ୍ଚାଳନ। ଶୁଣିବାକୁ ମିଳୁଛି ଏଠାରେ ନିଶାଡୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପ୍ରାୟ ଏକ ବର୍ଷ ପୂର୍ବେ ଏହି ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମୂର୍ତ୍ତିକୁ ସ୍ଥାନାନ୍ତର ପାଇଁ କରାଯାଇଥିଲା ପ୍ରକଳ୍ପର ଆରମ୍ଭ। କିନ୍ତୁ ନିର୍ବାଚନ ପରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସତେ ଯେମିତି ଡବଲ ଟେବୁଲ ତଳେ ଦାବି ହୋଇ ରହିଯାଇଛି ଏହି ପ୍ରକଳ୍ପ ଫାଇଲ। ସତ୍ୟବାଦୀକୁ ଆସୁଥିବା ପର୍ଯ୍ୟଟକ ମଧ ଏହି ସ୍ଥାନକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଦେଖିବାକୁ ମିଳୁଛି କୁଢ଼ କୁଢ଼ ଅଳିଆ ଏବଂ ଚାରିଆଡେ ଅବକାରୀ ଜିନିଷର ଅବଶେଷ ସହିତ ମଦ ବୋତଲ। ସତ୍ୟବାଦୀ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ କରି ନିଶା ବେପାରୀଙ୍କୁ ଧରାଯାଉଥିବାରୁ ଦିନ ବେଳେ ଏଠାରେ ଶାନ୍ତ ପରିବେଶ ରାହୁଥିବାବେଳେ ରାତ୍ରିର ଅନ୍ଧାର ରେ ଚାଲୁଛି ନିଶା କାରବାର। ଦେଖିବାକୁ ମିଳେ ପ୍ରତି ବର୍ଷ ପଞ୍ଚସଖାଙ୍କ ଜନ୍ମ ଦିନ ହେଉ କିମ୍ବା ଶ୍ରାଦ୍ଧ ଦିବସ ରେ ଦୀପ ଦାନ ଓ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଆସିଥାନ୍ତି ବିଭିନ୍ନ ରାଜନୈତିକ ଦଳ ଓ ସମାଜସେବୀ। କିନ୍ତୁ ଦିନରେ ଆସି କାମ ସାରି ଯାଉଥିବାରୁ ସେମାନଙ୍କୁ ବି ବୋଧ ହୁଏ ଜଣାପଡେନି ଅନ୍ଧାର ରାତିର କଳା କାରନାମା ସମ୍ପର୍କରେ। ଏମିତି ଲାଗୁଚି ଯେମିତି ସ୍ୱାଧୀନତାର ୭୯ ବର୍ଷ ପରେ ବି ସତ୍ୟବାଦୀ ର ବରପୁତ୍ର ପଞ୍ଚସଖାଙ୍କ ପାଇଁ ସ୍ୱପ୍ନ ପାଲଟିଛି ବିଜୁଳି ଯୋଜନା। ସରକାରଙ୍କ ବିଜୁଳି ଯୋଜନା ଏବଂ ସୋଲାର ଯୋଜନା ରେ ଜନତା ଲାଭ ଉଠାଉଥିବା ବେଳେ, ଏଠି ପର୍ଯ୍ୟଟନ ସ୍ଥଳ ପାଲଟିଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ ପାଇଁ ଏତେ କୋହଳ ମନୋଭାବ କଣ ପାଇଁ ତାହା ଏବେ ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଠାରେ କହିରଖୁଚୁ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିକୁ ଏତେ ଅବହେଳିତ ଅବସ୍ଥାରେ ବର୍ଷକ ଯାକ ପକେଇ ରଖୁଥିବା ଏ ମଣିଷ ମାନେ ଆସନ୍ତା ୧୫ ତାରିଖ ଅର୍ଥାତ ସ୍ୱାଧୀନତା ଦିବସ ରେ ଏହି ସ୍ଥାନ କୁ ଆସି ସଫା କରି ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଫୋଟୋ ଉଠାଇ ବାହା ବାହା ନେବେ। ଅଗଷ୍ଟ ୧୪ ରେ ସଫା କରି ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଇଁ ଫୋଟୋ ଉଠାଇ ତା ପରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣ ଭୁଲିଯିବା କ'ଣ ମଣିଷ ପଣିଆ ନା ଏହା ହେଉଛି ମାନବିକତା। ତେବେ ଦେଖିବାକୁ ବାକି ରହିଲା ଏବର୍ଷ ସ୍ୱାଧୀନତା ଦିବସ ପାଳନ ରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ କେତେ ଦଳର ନେତା ଆସୁଛନ୍ତି ଓ କେତେ ଭାଷଣ ଦେଇ ପୁଣି କେତେଦିନ ପାଇଁ ଭୁଲିଯାଉଛନ୍ତି ସତ୍ୟବାଦୀ ମାଟିର ସ୍ୱର୍ଗ ଓ ଗୌରବକୁ।

## ବିଭିନ୍ନ ବିଦ୍ୟାଳୟର ତ୍ରିରଙ୍ଗା ଶୋଭାଯାତ୍ରା

କଣାସ, (ଭାସ୍କର ନ୍ୟୁଜ୍): ଆଜାଦ କା ଅମୃତ ମହୋତ୍ସବ ଅବସର ରେ ସାରା ଦେଶରେ ପାଳିତ ହେଉଥିବା ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନର ଦ୍ୱିତୀୟ ପର୍ଯ୍ୟାୟର ଶେଷ ଦିବସରେ ଆଜି କଣାସ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ଶୋଭାଯାତ୍ରା ଓ ରାଲିର ଆୟୋଜନ କରିଛନ୍ତି। ସ୍ୱାଧୀନତାର ଗୌରବ ଉଜ୍ଜୀବିତ ରଖିବା ସହ ପ୍ରତ୍ୟେକ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତାକୁ ଅନୁଭବ ଲକ୍ଷରେ ଗତ ଦୁଇ ତାରିଖ ଠାରୁ ଆରମ୍ଭ ହୋଇଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଆଜି କଣାସ ବ୍ଲକ୍ ଅନ୍ତର୍ଗତ ବାରଦା ବାଦଲ ପୁର ଅନ୍ତର୍ଗତ ଗଡ ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ,ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ମା କାମେଶ୍ୱରି ପ୍ରକଳ୍ପ ପ୍ରାଥମିକ, ତିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ, ବିର କେଶରୀ ପୁର ପ୍ରକଳ୍ପ ପ୍ରାଥମିକ, ଗଡ ସାନ ପୁଟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିଭ୍ରମଣ କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତ୍ରିରଙ୍ଗା ପତାକାକୁ ନେଇ ରାକ୍ଷୀ ପ୍ରସ୍ତୁତି, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

# ନିଆଳି ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ମହାବିଦ୍ୟାଳୟ ପରିସରରେ ତିନି ଦିନ ବ୍ୟାପି ସଂସ୍କୃତ ସପ୍ତାହ ପାଳିତ ହୋଇଥିବା ବେଳେ ଦୁଇଦିନ ଧରି ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳ ବାର ଅନ୍ତିମ କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କଲେଜ ଅଧକ୍ଷ ଡ଼. ବିନୋଦ ବିହାରୀ ଦାଶ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ପଣ୍ଡା। ସଂସ୍କୃତ ମାଧ୍ୟମରେ ଭାରତୀୟ ସଂସ୍କୃତିର ସୁରକ୍ଷାର ଆଭିମୁଖ୍ୟ ସମ୍ପର୍କ ରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଡ଼. ଅରୁଣ କୁମାର ଦାଶ ଯୋଗ ଦେଇଥିବା ବେଳେ, ମୁଖ୍ୟ ଅତିଥିଭାବେ ନିବାସ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସଂସ୍କୃତ ମାଧ୍ୟମରେ ଭାରତୀୟ ସଂସ୍କୃତି ର ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଯାହାଫଳରେ ସମନ୍ୱୟ ଅଭାବ ଥିବାରୁ ବିପର୍ଯ୍ୟସ୍ତ ବ୍ୟବସ୍ଥା ଉପୁଜିଥିବା ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଡା. ସତ୍ୟ ନାରାୟଣ ସାହୁ, ନିରଞ୍ଜନ ଭୂଇଁଆ, ଜୀବନ ଦାଶ, ସସ୍ମିତା ମହାନ୍ତି,ସ୍ୱର୍ନମୟୀ ଜେନା ଯୋଗ ଦେଇଥିଲେ। ଏହି ମହା ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡା. ଜୟନ୍ତି ପଣ୍ଡା।

# ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନାଗିରି / ବଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ପକ୍ଷରୁ ଆଜି ସହରର ବିଭିନ୍ନ ସ୍ଥାନରେ ସମୂହ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହର ସ୍ଥିତ ଟାଉନ ହଲ ଠାରେ ସ୍ୱଚ୍ଛ ସାଥି ଏବଂ ସ୍ୱଚ୍ଛ କର୍ମୀମାନେ ମିଳିମିଶି ସଫେଇ କରିଥିଲେ। ଏଥିସହ ସହରର ୟୁଜିଏମଇ ସ୍କୁଲ ଠାରେ ଅଗାମୀ ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ, ଝୋଟି ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏହି ସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀ ଙ୍କୁ ଅଗାମୀ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତାର ନାରା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନଏସି ପରିମଳ ବିଶେଷଜ୍ଞ ସନ୍ତୋଷ ଖେମୁଣ୍ଡୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିପ୍ରଭା ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ପୋଲିସର କାର୍ଯ୍ୟଦକ୍ଷତା କଟକ ଜିଲ୍ଲାରେ ବହୁ ଉଚ୍ଚକୋଟିର ହୋଇଥିବାରୁ କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ସମେତ ପାଞ୍ଚ ଅଧିକାରୀ ମାନଙ୍କୁ ନିଜ କାର୍ଯ୍ୟାଳୟରେ ସମ୍ମାନିତ କରାଥିବା ନେଇ ସୂଚନା ମିଳିଛି । ପ୍ରତ୍ୟେକ ଅଫିସରଙ୍କୁ ତିନି ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି । କଟକ ଜିଲ୍ଲା ନିଆଳି ଥାନା ନିର୍ଦ୍ଧାରିତ ସମୟ ସିମାରେ ରୁଜୁ ହୋଇଥିବା ମାମଲା ସାରିବା, ଥାନାରେ ପଡି ରହିଥିବା ୱାରେଣ୍ଟ ଗୁଡିକରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ମଦ୍ୟପାନ କରି ଗାଡି ଚାଳକମାନଙ୍କୁ ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବା ନିଆଳି ଥାନା ଅଞ୍ଚଳରେ ଆଇନରେ ଶୃଙ୍ଖଳାରେ ସୁଧାର ଆଣିବା ଓ ଥାନାକୁ ଆସୁଥିବା ଜନସାଧାରଣ ମାନଙ୍କୁ ବନ୍ଧୁତ୍ୱ ନ୍ୟାୟ ପ୍ରଦାନ କରିବା ଭଳି ଅନେକ କାର୍ଯ୍ୟ ଦକ୍ଷତାକୁ ନେଇ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂ ନିଆଳି ଥାନା ଆଇଆଇସି ମଲ୍ଲିକଙ୍କୁ, ସମେତ କସର୍ବା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ନିଆଳି ଗ୍ରାମ କ୍ଷେତ୍ରପାଳି ମନ୍ଦିର ଅଧିକାରୀ ଲିପିକା ବେହେରା ଓ ଅମିତ ପ୍ରଧାନ ଏବଂ ଏଏସଆଇ ରାଜିବ ଲୋଚନ ଦାସ ପ୍ରମୁଖଙ୍କ ସମ୍ମାନିତ ଏସପି କାର୍ଯ୍ୟାଳୟରେ ହୋଇଥିବା ନେଇ ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଅତିରିକ୍ତ ଅଧିକ୍ଷକ ପ୍ରଦ୍ୟୁମ୍ନ ସାହୁ ଓ ମାନାକି ଠାକୁର ଉପସ୍ଥିତ ରହିଥିବା ବେଳେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ ।



# ତୃତୀୟ ସ୍ତ୍ରୀ'ଙ୍କୁ ପିଟିପିଟି ହତ୍ୟା କଲା ମଦ୍ୟପ ସ୍ୱାମୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଚମ୍ପାଡ଼ର ଗ୍ରାମ ପଞ୍ଚାୟତ ଅଫିସ୍ ନିକଟ ଶିବମନ୍ଦିର ନିକଟରେ ମଦ୍ୟପ ସ୍ୱାମୀର ମାଡ଼ରେ ସ୍ତ୍ରୀ ମୃତ୍ୟୁବରଣ କରିଛି । ଚମ୍ପାଡ଼ର ଗ୍ରାମର ଜଗନ୍ନାଥ ହୋଙ୍କ ପୁତ୍ର ଉଦୟ ହୋ (୫୦) କେନ୍ଦୁଝର ଜିଲ୍ଲା ଜୋଡାରେ ରହି ଟ୍ରକ୍ ଡ୍ରାଇଭର ଭାବେ କାମ କରନ୍ତି । ଉଦୟ ହୋ କିଛି ଦିନ ହେଲା ଗ୍ରାମକୁ ଆସି ଅତ୍ୟଧିକ ମଦ୍ୟପାନ କରି ସ୍ତ୍ରୀ ସାଲିତା ସହିତ ଝଗଡ଼ା କରୁଥିବା ଗ୍ରାମ ବାସୀ କହିଛନ୍ତି । ୧୧ ତାରିଖ ଦିନ ୪ ଟା ସମୟରେ ଉଦୟ ମଦ୍ୟପାନ କରି ସ୍ତ୍ରୀ କୁ ପରକିୟା ପ୍ରିତୀ ସନ୍ଦେହ କରି ଝଗଡ଼ା କରିଥିଲା । ଏକ ଲୁହା ରଡ୍ ଏବଂ ପିଲାଷ୍ଟିକ ପାଇପରେ ସ୍ତ୍ରୀ' ସାଲିତାର ମୁଣ୍ଡକୁ ପିଟି ଦେବାରୁ ସାଲିତାର ମୃତ୍ୟୁ ଘଟିଥିଲା । ସାଲିତା ମୁଣ୍ଡା ଉଦୟ ହୋ ର ୩ୟ ସ୍ତ୍ରୀ । ପ୍ରଥମ ସ୍ତ୍ରୀ'ର ମୃତ୍ୟୁ ପରେ ତୁଳସୀ ହୋଙ୍କୁ ୨ୟ ସ୍ତ୍ରୀ କରି ଆଣିଥିଲେ । ତୁଳସୀ ହୋଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗରେ ପୂର୍ବରୁ ୬ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ହୋଇ ଘରକୁ ଫେରି ୩ ୟ ବିବାହ କରିଥିଲେ । ୪ ମାସର ସ୍ତ୍ରୀ ଗର୍ଭବତୀ ଥିବା ଗ୍ରାମବାସୀ କହିଛନ୍ତି । ଉଦୟ ହୋଙ୍କର ପୂର୍ବରୁ ୫ ଟି ସନ୍ତାନ ଅଛନ୍ତି । ସାନଭାଇ ରତନଲାଲଙ୍କ ରିପୋର୍ଟ ଆଧାରରେ ମହୁଲଡିହା ଥାନା ଅଧିକାରୀ ଅରୁଣ କୁମାର ଟୁଡୁ ଏଏସଆଇ ସଞ୍ଜୟ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆସାମି ଉଦୟ ହୋଙ୍କୁ ଅଟକ ରଖି ପଚରାଉଚରା କରୁଛି । ବାରିପଦାରୁ ସାଇଣ୍ଟିଫିକ ଆସି ତଦନ୍ତ ଜାରୀ ରଖିଛନ୍ତି । ମହୁଲଡିହା ଥାନାରେ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରୀ ରଖିଛନ୍ତି ।

# ମହିଳା ଓ ତାଙ୍କ ପରିବାରକୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପୂର୍ବ ବିବାଦକୁ କେନ୍ଦ୍ର କରି ଗ୍ରାମ ପଞ୍ଚାୟତ ବୈଠକରେ ତୁମୁଳ କାଣ୍ଡ ସୃଷ୍ଟି ହୋଇଛି । ଜଣେ ମହିଳା ଓ ତାଙ୍କ ସ୍ୱାମୀ, ପୁଅକୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ୧୮ ଜଣଙ୍କ ନାମରେ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, କବିତା ବେହେରା (୪୫)ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବ ବିବାଦକୁ କେନ୍ଦ୍ର କରି ରବିବାର ସନ୍ଧ୍ୟା ୫ଟା ପରିସରରେ ଗ୍ରାମ କ୍ଷେତ୍ରପାଳି ମନ୍ଦିର ପରିସରରେ ପଂଚାୟତ ବସିଥିଲା । ଦ୍ୱିତୀୟ ପକ୍ଷ କସ୍ତୁରୀ ପ୍ରଧାନ, କାର୍ତ୍ତିକ ପ୍ରଧାନ, ଅନ୍ତର୍ଯାମି ସାମଲ, ଝୁନୁଲତା ନାୟକ ସେମାନଙ୍କ ସହଯୋଗୀ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଟଣା ଓଟରା କରି ମାଡ଼ ମାରିବା ସହ ମହିଳାଙ୍କ ମୋବାଇଲକୁ ଛଡ଼ାଇ ନେଇଥିଲେ । ସେଠାରେ ମହିଳାଙ୍କ ସ୍ୱାମୀ ଗାଣ୍ଡୁ ବେହେରା ଓ ତାଙ୍କର ଛୋଟ ପୁଅ ପଙ୍କଜବାବୁ ୧୮ ଜଣ ଅଭିଯୁକ୍ତ ମହିଳାଙ୍କ ସମେତ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ । କୌଶଳକ୍ରମେ ମହିଳା ଓ ତାଙ୍କ ପରିବାର ସେଠାରୁ ଖସି ଆସି ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନାଧିକାରୀ ବାମଦେବ ସ୍ୱାଇଁ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି ।

# ମାତୃବନ୍ଦନା କାର୍ଯ୍ୟକ୍ରମରେ ଯୋଗଦେଲେ ସୂର୍ଯ୍ୟବଂଶୀ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ନୂଆନନ୍ଦ ପଞ୍ଚାୟତରେ କାନ୍ତକବି ମଣ୍ଡଳ ଓ ପଞ୍ଚାୟତ ବିଜେପି ଆୟୋଜନରେ ମାତୃବନ୍ଦନା କାର୍ଯ୍ୟକ୍ରମ ସ୍ଥାନୀୟ କଣ୍ଟିମଙ୍ଗଳା ପୀଠସ୍ଥଳରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଜେପି ନେତା ଭରତ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଶୁଭଦ୍ରା ଯୋଜନା ମାଧ୍ୟମରେ ମହିଳମାନଙ୍କୁ ସ୍ୱଚ୍ଛଳ କରାଇବା ସରକାରଙ୍କର ଲକ୍ଷ୍ୟ ବୋଲି କହିଥିଲେ । ଏଥି ସହିତ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ମିଳୁଥିବା ସହାୟତାକୁ ସଠିକ ବିନିଯୋଗ କରାଯିବା ଦିଗରେ ସବୁ ପଞ୍ଚାୟତରେ ମହିଳାମାନଙ୍କୁ ନେଇ କର୍ମଶାଳା କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷା ରଂଜିତା ସ୍ୱାଇଁ ଯୋଗ ଦେଇ ମହିଳାମାନେ ସଚେତନ ହେଲେ ସୁସ୍ଥ ପରିବାର ଓ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ବକ୍ତା ଭାବେ ଜିଲା ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ କଳ୍ପନା ଜେନା, ସରପଞ୍ଚ ନିହାରିକା ବିଶ୍ୱାଳ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାଜପା ବରିଷ୍ଠ ନେତା ରଘୁନାଥ ପାତ୍ର, ଦେବେନ୍ଦ୍ର ପୁହାଣ, ସୁଧାଂଶୁ ପାଣିଗ୍ରାହୀ, କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ଐଶାନ୍ୟ ଚଣ୍ଡୀ ମଣ୍ଡଳ ସଭାପତି ସାଇଶରଣ ବେହେରା, ପଞ୍ଚାୟତ ସଭାପତି ମନ୍ଦରଧର ପାଣିଗ୍ରାହୀ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ବିଜେପି ନେତା ପ୍ରମୋଦ କୁମାର ଦାସ, ଉଷାକାନ୍ତ ନାୟକ, ତପନ କୁମାର ପାଢ଼ୀ, ଭାଗିରଥି ବୟାରୀ, କରୁଣାକର ମଳିକ, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, କାଞ୍ଚନ ରାଉଳ, ଯୁବସଭାପତି ଯଜ୍ଞଦତ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ । ସମିତିସଭ୍ୟ ଭକ୍ତହରି ମଳିକ ଧନ୍ୟବାଦ ଅର୍ପଣ କରିଥିଲେ । ପଞ୍ଚାୟତର ଯୁବ ସଭାପତି କୈଳାସ ପାଢ଼ୀ, ଦୀନବନ୍ଧୁ ପାଣିଗ୍ରାହୀ, ଦୁଃଖିରାମ ସେଠୀ, ଚନ୍ମୟ ମହାପାତ୍ର, ରଙ୍ଗାଧର ପାଣିଗ୍ରାହୀ, ରବିନ୍ଦ୍ର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚେକଡ୍ୟାମ୍‌ର ପାଣି ପିଇଗଲେ ବିଭାଗୀୟ ଅଧିକାରୀ

ଉମରକୋଟ, (ଭାସ୍କର ନ୍ୟୁଜ୍): ସିଙ୍ଗାରି ନଦୀର ଚେକ ଡ୍ୟାମରେ ପାଣି ନାହିଁ । ଆଖପାଖ ଅଞ୍ଚଳର ପ୍ରାୟ ଦଶ ଗୋଟି ଗ୍ରାମର ଚାଷୀ ମାନେ ହନ୍ତସନ୍ତ । ବର୍ଷା ଦିନେ ଟୋପାଏ ପାଣି ନାହିଁ ତାହାହେଲେ ଅନ୍ୟ ଋତୁରେ ପାଣି ଆସିବ କୁଆଡୁ । ଚାଷୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କାରାଗାଁ ପଂଚାୟତ ଅଧୀନରେ ଥିବା ସିଙ୍ଗାରି ନଦୀର ଚେକଡ୍ୟାମର ଦୃଶ୍ୟ । ଏହି ଡ୍ୟାମର ପାଣି ଉପରେ ପ୍ରାୟ ଦଶଟି ଗ୍ରାମର ଚାଷୀ ନିର୍ଭର କରୁଥିବାବେଳେ କେନାଲ ଗୁଡିକରେ କେବଳ ଅଳିଆ ଆବର୍ଜନା ଭରି ରହିଛି, ଟୋପାଏ ପାଣି ନାହିଁ, ବର୍ଷା ଦିନରେ ଏଭଳି ଅବସ୍ଥା ତାହାହେଲେ ଅନ୍ୟ ଋତୁରେ ଚାଷୀ କିଭଳି ଅସୁବିଧାର ସମ୍ମୁଖୀନ ହେଉଥିବେ ତାହା ଚିନ୍ତାର ବିଷୟ ପାଲଟିଛି । ସେପଟେ ବିଭାଗୀୟ ଅଧିକାରୀ ଅଞ୍ଚଳର ଚାଷୀଙ୍କ ଠାରୁ ଜଳକର ବାଧ୍ୟତା ମୂଳକ ଭାବେ ଆଦାୟ କରୁଥିବା ଅଭିଯୋଗ ହୋଇଛି, କେନାଲ ମରାମତି ନିମନ୍ତେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଅନୁମୋଦନ ହେଉଥିଲେ ସୁଦ୍ଧା କୌଣସି କାର୍ଯ୍ୟ ହେଉନାହିଁ ବୋଲି ଚାଷୀ କହିଛନ୍ତି ଏବଂ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରୁଥିଲେ ମଧ କେହି ଫୋନ ରିସିଭ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ଏବିଷୟରେ ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ କି ସେମାନେ ସାମ୍ବାଦିକ ପ୍ରତିନିଧିଙ୍କ ଫୋନ ମଧ ରିସିଭ କରୁନାହାନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ କିଭଳି ବିଭାଗୀୟ ଅଧିକାରୀ ମନମୁଖୀ କାର୍ଯ୍ୟ କରୁଛନ୍ତି ।

# ଲ୍ୟାମ୍ପ୍ ଅଧିକାରୀଙ୍କ ସାର ବ୍ୟବସାୟର କଳା କାରନାମା

ମାଥିଲି, (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ମାଥିଲି ଲମ୍ପରେ ଦେଖିବାକୁ ମିଳିଛି ସାର ବ୍ୟବସାୟର କଳାବଜାରୀ । ଚାଷୀଙ୍କୁ ବୋକା ବନେଇ ଟ୍ରକ୍ ଟ୍ରକ୍ ସାର ବିକ୍ରୀ କରୁଛନ୍ତି କିଛି କର୍ମଚାରୀ । ସୂଚନା ଅନୁଯାୟୀ ମାଥିଲି ବ୍ଲକରେ ୨୦ ଗୋଟି ପଞ୍ଚାୟତ ଏବଂ ମାଥିଲି ବହୁମୁଖି ସମବାୟ ସମିତି ଉପରେ ସମସ୍ତ ପଞ୍ଚାୟତର ଚାଷୀ ନିର୍ଭର । ସାର ଆସୁଛି ସତ କିନ୍ତୁ ଚାଷୀଙ୍କୁ ସାର ଠିକ୍ ସେ ମିଳୁନାହିଁ । ଚାଷୀଙ୍କୁ ମିଳୁଛି ଶକ୍ତ ଝଟକା । ଚଢ଼ା ଦରରେ ଚାଷୀ କିଣୁଛି ସାର । ମାଲା ମାଲ ଏଠି ସାର ବ୍ୟବସାୟୀ । ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ଚାଷୀଙ୍କୁ ସାର ଦିଆଯିବାର ବ୍ୟବସ୍ଥା ରହିଥିବା ବେଳେ ମାଥିଲିର ୨୦ ଗୋଟି ପଞ୍ଚାୟତର ଚାଷୀ ଅନ୍ଧାର ଘେରରେ । ଚାଷୀଙ୍କୁ ବୋକା ବନେଇ ଦିନ ଦ୍ୱିପ୍ରହାରେ ସାର କଳାବଜାରୀ କରିବାରେ ବ୍ୟସ୍ତ । ଅନଲାଇନ ରେ ଚାଷୀଙ୍କୁ ୬ ବସ୍ତା ସାର ପଞ୍ଜିକରଣ କରି ମାତ୍ର ଗୋଟିଏ ବସ୍ତା ଦେଇ କଳାବଜାରୀ କରିବା ଜଣାପଡ଼ିଛି । ଚାଷୀ ଏବେ ଦ୍ୱନ୍ଦ୍ୱରେ ଏତେ ସାର ଆସୁଛି କିନ୍ତୁ ଯାଉଛି କୁଆଡେ । ୪୦ କିଲୋମିଟର ରୁ ଚାଷୀ ଆସି ନିରାଶରେ ଘରେ ଫେରିବା ଦେଖିବାକୁ ମିଳିଛି । ଛ ବସ୍ତା ଅନଲାଇନ ଏଣ୍ଟ୍ରି କରି ଗୋଟିଏ ବସ୍ତା ମିଳୁଛି ୟୁରିଆ । ରାଜ୍ୟ ସରକାର ବର୍ତ୍ତମାନ ଚାଷୀ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ସହିତ କୃଷି ସାମଗ୍ରୀ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି । କିନ୍ତୁ କିଛି ମୁଷ୍ଟିମେୟ ଅଧିକାରୀ ମାନଙ୍କ ପାଇଁ ଚାଷୀ ମାନେ ଠକାମିର ଶିକାର ହେଉଛନ୍ତି । ସେପଟେ ମାଲାମାଲ ହେଉଛନ୍ତି ସରକାରୀ ବାବୁମାନେ । ଏପରି ଏକ ଚିତ୍ର ଦେଇବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସରେ । ସୋମବାର ୟୁରିଆ ସାର ମାଥିଲି ଲ୍ୟାମ୍ପସ ତରଫରୁ ଚାଷୀ ମାନଙ୍କୁ ବିକ୍ରୟ ହେଉଥିଲା । ଯାହାକୁ ଲ୍ୟାମ୍ପସ ର ସତ୍ୟନାରାୟଣ ସ୍ୱାଇଁ ନାମକ ଜଣେ କର୍ମଚାରୀ ଚାଷୀ ଠାରୁ ଆଧାର କାର୍ଡ ଓ ଫିଙ୍ଗର ପ୍ରିଣ୍ଟ ମାଧ୍ୟମରେ ୬ ଏଣ୍ଟ୍ରି କରି ଚାଷୀ ମାନଙ୍କୁ ଗୋଟିଏ ଲେଖାଏଁ ୟୁରିଆ ଦେଉଥିବା ଅଭିଯୋଗ ଭିଡିଓ ଓ ଏକ ଲେଖା ସାମାଜିକ ଗଣମାଧମ ରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ହେଲେ ଏଠି ପ୍ରଶ୍ନ ଉଠୁଛି ବାକି ପାଞ୍ଚ ବସ୍ତା କଣ ହେଉଛି । ସିଧାସଳଖ ଦେଖିବାକୁ ଗଲେ ନିରୀହ ଆଦିବାସୀ ଚାଷୀ ମାନଙ୍କ ଆଖିରେ ଆଙ୍ଗୁଳି ମାରି ସିଧାସଳଖ ୟୁରିଆ କଳା ବଜାରୀ ଚାଲିଛି । ଆମେ ସାମାଜିକ ଗଣମାଧମ ରେ ଏହି ଦୃଶ୍ୟ ଦେଖିବା ପରେ ସଙ୍ଗେ ସଙ୍ଗେ ଲ୍ୟାମ୍ପସ କର୍ମଚାରୀ ସତ୍ୟନାରାୟଣ ସ୍ୱାଇଁ ମତାମତ ନେବା ପାଇଁ ଯୋଗାଯୋଗ କରିଥିଲୁ କିନ୍ତୁ ସ୍ୱାଇଁଙ୍କ ମୋବାଇଲ ସୁଇଜ ବନ୍ଦ ଥିବାରୁ ଯୋଗାଯୋଗ ହୋଇ ପାରି ନାହିଁ ।ମାଥିଲି ଲ୍ୟାମ୍ପସରେ ୟୁରିଆ ବଜାରୀ ଘଟଣା ସାମାଜିକ ଗଣମାଧମରେ ଘୁରିବୁଲୁଛି ଏବଂ ଏହି କଳାବଜାରୀରେ କେଉଁ କେଉଁ କର୍ମଚାରୀ ମାନେ ଜଡ଼ିତ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ସ୍ତରୀୟ ତଦନ୍ତ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ଓ ବୁଦ୍ଧଜୀବି ମହଲରେ ଦାବି ହୋଇଛି ।

## ସମ୍ବର୍ଦ୍ଧନା ଏବଂ ସାଂଗଠିନିକ ସଭା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ, ଗଜପତି ଜିଲ୍ଲା ସଭାପତି ତଥା ମୋହନା ବିଧାୟକ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ 'ସମ୍ବର୍ଦ୍ଧନା ଓ କୃଷକ ସାଙ୍ଗଠନିକ ସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୃଷକ ସେଲ୍ ସଭାପତି ଅଭୟ ସାହୁ ଏବଂ ତାଙ୍କର ଟିମ୍ ଉପସ୍ଥିତିରେ ଗଜପତି ଜିଲ୍ଲାର ସାତଗୋଟି ବ୍ଲକର କିଛି କୃଷକ ନେତାଙ୍କ ଉପସ୍ଥିତିରେ ସାହୁ ଆଗାମୀ ପିଢ଼ି ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସର ସୁଅ ଛୁଟିଛି । ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଁ ଓଡ଼ିଆ ସମସ୍ତ ଜିଲ୍ଲା କୋଣ ଅନୁକୋଣରେ ଚାଷୀମାନେ କିପରି ଆସୁଥିବା ସମ୍ମୁଖୀନ ସମ୍ପର୍କରେ ଅବଗତ କରାଇବା ସହ ଆସନ୍ତା ନଭେମ୍ବର ମାସରୁ ସାରା ଓଡ଼ିଶାରେ ଆରମ୍ଭ ହେବ ହଜାର ହଜାର ଚାଷୀ ନେତାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ । ଏ ବିଷୟରେ କିଛି ଗୁରୁମନ୍ତ୍ର ଦେଇଥିଲେ । କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ଅଭିମନ୍ୟୁ ପଣ୍ଡା, ସଂଜୟ ଅଧିକାରୀ, ସୂର୍ଯ୍ୟ ନାରାୟଣ ପାତ୍ର, କୁନା ମାଝୀ, ସଂଗ୍ରାମ ସାହୁ , ପ୍ରମୁଖ ନେତା କର୍ମୀଙ୍କ ସତାଧିକ ଉପସ୍ଥିତ ଥିଲା ।

# ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ୍



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ଥାନା କୁମ୍ଭାରୀପୁଟ ଘାଟିରେ ଏକ କାଠ ବୋଝେଇ ଟ୍ରକ ମଝି ରାସ୍ତାରେ ଓଲଟି ପଡି କାଠ ଗୁଡିକ ରାସ୍ତା ସାରା ବିଛେଇ ହୋଇ ପଡିଥିଲା । ଫଳରେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଚଳପ୍ରଚଳରେ ବାଧା ଉପୁଜି ଥିଲା । ଖବର ପାଇ ବନ୍ଧୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ ଟ୍ରକକୁ ଗୁଞ୍ଜାଇବା ସହ ରାସ୍ତାରୁ କାଠ ସବୁ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଖବର ନେବାରେ ଜଣା ପଡିଛିକି ସୋମବାର ବିଳମ୍ବିତ ରାତିରେ କୁମ୍ଭାରୀପୁଟ ଠାରୁ ନୀଳଗିରି କାଠ ବୋଝେଇ କରି ଏପି ୧୬ ଟିଜେ ୫୪୫୪ ନମ୍ବର ଥିବା ଏକ ଟ୍ରକ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲ୍ଲାର ଅନକାପେଲି ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଗଦେରିଗୁଡା ଘାଟିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଟ୍ରକ ଡ୍ରାଇଭର ଏଙ୍କାଟି ରେଡ୍ଡୀ ଜ ଅଳ୍ପକେ ବର୍ତ୍ତୀ ଯାଇଥବା ବେଳେ ସେ ସାମାନ୍ୟ ଆହତ ହୋଇଥିବା ଜଣା ପଡିଛି । ଟ୍ରକଟି ଓଭରଲୋଡ଼ ଥିବାରୁ ଦୁର୍ଘଟଣାର ଶିକାର ହୋଇଥିବା ପାରିପାର୍ଶ୍ୱିକ ପରିସ୍ଥିତି ରୁ ଜଣା ପଡ଼ିଥିବା ବେଳେ ବନ୍ଧୁଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଉକ୍ତ ରାସ୍ତାଟି ଠିକାଦାରଙ୍କ ଦ୍ୱାରା ବହୁଦିନ ହେଉଛି ତିଆରି ନ କରି ଛାଡ଼ି ଦେଇଥିବା ଯୋଗୁଁ ରାସ୍ତା ରୁ ବର୍ଷା ପାଣି ବହି ଯାଇ ଗାତ ହେବା ସହ ମେଟାଲ ଗୁଡିକ ବାହାରି ରହିଛି । ଆଜି ପର୍ଯ୍ୟନ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ବୁଝାମଣା ର ଅଭାବ ଯୋଗୁଁ ରାସ୍ତା ତିଆରି ହୋଇ ନ ଥିବାରୁ ଏହି ପ୍ରକାର ଦୁର୍ଘଟଣା ଉକ୍ତ ସ୍ଥାନରେ ହେଉ ଥିବା ଦେଖିବାକୁ ମିଳୁଛି । ଏଥି ପାଇଁ ଶହେରୁ ଉର୍ଦ୍ଧ ଗ୍ରାମବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପୁଣି ଏଇଭଳି ଓଭରଲୋଡ଼ କାଠ ବୋଝେଇ ଟ୍ରକ ଗୁଡିକୁ କିପରି ପରିମିସନ ମିଳୁଛି ଓ କିଏ ଦେଉଛି ତାର ଏକ ତଦନ୍ତ କରାଯିବା ସହ କାଠ ବୋଝେଇ ଟ୍ରକ ଚଳାଚଳ ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହୋଇଛି ।

# ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଦେଶପ୍ରେମର ଏକ ଚମତ୍କାର ପ୍ରଦର୍ଶନ କରି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆଜି ହର ଘର ତିରଙ୍ଗା ଅଭିଯାନର ଅଂଶ ଭାବରେ ଏକ ବିଶାଳ ତ୍ରିରଙ୍ଗା ରାଲି ଆୟୋଜନ କରିଛି । ହଜାରହଜାର ଛାତ୍ର, ଅଧିକାରୀ ଏବଂ ଜନସାଧାରଣ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାଟି କେନ୍ଦୁଝର ଷ୍ଟାଡିୟମରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ଦେଇ ଆଗେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଆସିଥିଲା । ୧୦୦ ମିଟର ଲମ୍ବା ପତାକା ଜାତୀୟ ଏକତା ଏବଂ ଉତ୍ସବର ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ



କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ସ୍ୱାଧୀନତା ପାଇଁ ଦିଆଯାଇଥିବା ବଳିଦାନକୁ ନାଗରିକମାନଙ୍କୁ ମନେ ପକାଇବାରେ ହର ଘର ତିରଙ୍ଗା ପଦକ୍ଷେପର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ।

## ବିଶ୍ୱ ସଂସ୍କୃତ ଦିବସ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ୦୬ ଅଗଷ୍ଟରୁ ଆରମ୍ଭ ହୋଇଥିବା ସଂସ୍କୃତ ସପ୍ତାହର ଆଜି ଥିଲା ଉଦ୍ ଜାପାନ ଦିବସ । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ସମବେତ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ସେ ତାଙ୍କ ବକ୍ତବ୍ୟରେ ସଂସ୍କୃତ ଭାଷା ବିନା ଭାରତୀୟ ସଂସ୍କୃତି ପଙ୍ଗୁ ବୋଲି ପ୍ରତିପାଦନ କରିଥିଲେ । ମୁଖ୍ୟ ଅତିଥି ଅଧ୍ୟକ୍ଷ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ଓ ବେଦ ହିଁ ସମସ୍ତ ଜ୍ଞାନର ମୂଳ ସ୍ରୋତ ବୋଲି ତାଙ୍କ ବକ୍ତବ୍ୟରେ ପ୍ରତି ପାଦନ କରିଥିଲେ । ସଂସ୍କୃତ ବିଭାଗର ଅନ୍ୟତମ ଅଧ୍ୟାପକ ଅଜୟ କୁମାର ପଣ୍ଡା ଚରିତ୍ର ଗଠନ ରେ ସଂସ୍କୃତ ଭାଷାର ଭୂମିକା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟା ଡଃ ପ୍ରଜ୍ଞା ପ୍ରବର୍ତ୍ତୀକା ଦାଶ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ରେ ଭାଷଣ, ଶ୍ଳୋକାବୃତ୍ତି, ପ୍ରଶ୍ନୋତ୍ତର ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ମେଡାଲ୍ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମଧ ସଂସ୍କୃତ ବିଭାଗରେ ନୂଆ କରି ଯୋଗ ଦେଇଥିବା ଅଧ୍ୟାପିକା ସସ୍ମିତା ସ୍ୱାଇଁଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅଧ୍ୟକ୍ଷ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତ ଭାଷା ସପ୍ତାହ ଉଦ୍‌ଯାପିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଆରୁହା ସ୍ଥିତ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠରେ ସପ୍ତାହେ ବ୍ୟାପୀ ଚାଲିଥିବା ସଂସ୍କୃତ ଭାଷା ସପ୍ତା ମଙ୍ଗଳବାର ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ଗୋବର୍ଦ୍ଧନ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ଉଦୟନାରାୟଣ ପତି ଯୋଗ ଦେଇ ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀମାନେ ଆକୃଷ୍ଟ ହେବା ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଦାୟିତ୍ୱ ବୋଧ ରହିବା ଆବଶ୍ୟକ ବୋଲି କହିଥିଲେ । ସଂସ୍କୃତ ଶିକ୍ଷକ ନୃସିଂହ ଚରଣ ପଣ୍ଡା ସଂସ୍କୃତ ଭାଷା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସୁବାସ ଚନ୍ଦ୍ର ଦାସ, ଲଲାଟେନ୍ଦୁ ମହାପାତ୍ର, ଅଭୟ କୁମାର ସେନାପତି, ଦାଉଦ ଅଲ୍ଲୀ ସାହାଜୀ, ଭାଗିରଥି ବେହେରା, ଅଭୟ କୁମାର ସେନାପତି, ଶିକ୍ଷା କର୍ମଚାରୀ ଅଶୋକ କୁମାର ନାୟକ, ବୈକୁଣ୍ଠ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱାଗତ ନୃତ୍ୟ ଓ ଓଡ଼ଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସ୍ନେହଲତା ଦାସ, ଲିପିକା ମଲ୍ଲିକ, ଶୁଭମ ମଲ୍ଲିକ, ଶ୍ଳୋକ ପଠନରେ ପ୍ରଜ୍ଞାପାରମିତା ପଲାଇ, ତରୁଣ କୁମାର ବଳ, ସ୍ନେହଲତା ଦାସ, ତର୍କରେ ଶୁଭମ ମଲ୍ଲିକ, ସୁଶ୍ରୀ ସଂଗୀତା ଦାସ, ବିଦୁସ୍ମିତା ବାରିକ, ଗୀତା ପଠନରେ ତରୁଣ କୁମାର ବଳଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା ।

# ସର୍ବସାଧାରଣ ସ୍ଥାନରେ ବଢୁଛି ଧୂମପାନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ସର୍ବ ସାଧାରଣରେ ବହୁ ଲୋକ ଧୂମପାନ କରୁଛନ୍ତି । ପାନ ଖୁଟଖା ଖାଇ ରାସ୍ତାରେ ଛେପ ପକାଉଛନ୍ତି । ଏହା ଉପରେ କଟକଣା ରହିଥିଲେ ମଧ ଅନେକ ନିୟମ ପାଳନ କରୁନାହାନ୍ତି । ଫଳରେ ରାଜ୍ୟରେ କୋଟପା ଆଇନ ଏକ ପ୍ରକାର ସ୍ଥାଣୁ ପାଲଟିଛି । ଏହି ଆଇନ ବଳରେ ନିୟମ ଉଲଘଂନକାରୀଙ୍କ ପାଇଁ ଜୋରିମାନା ଆଦାୟର ବ୍ୟବସ୍ଥା ହୋଇଥିଲା । ହେଲେ କିଛି ବର୍ଷ ହେବ କୋଟ୍‌ପା ଆଇନରେ ପୁଲିସ ଆଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ୨୦୦୮ ମସିହା ଅକ୍ଟୋବର ୨ରେ ସର୍ବସାଧାରଣରେ ଧୂମପାନ କରିବା ଉପରେ ସାରା ଦେଶରେ କଟକଣା ଲଗାଯାଇଥିଲା । ସର୍ବସାଧାରଣ ସ୍ଥଳ, ଚିକିତ୍ସାଳୟ, ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ନ୍ୟାୟଳୟ ପରିସର ସମେତ ବ୍ୟାଙ୍କ, ହୋଟେଲ, ସିନେମାହଲ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଧୂମପାନ ନିଷେଧ ଆଇନ କଡାକଡି ହେଉଥିଲା । ଏପରିକି ରାସ୍ତା ଘାଟରେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ସ୍କାଡ୍ ଗଠନ କରାଯାଇଥିଲା । କୋଟପା ଆଇନ କାର୍ଯ୍ୟକାରୀ ହେବା ଫଳରେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ମନରେ ଭୟ ସୃଷ୍ଟି ହେଉଥିଲା । ଯାହାଫଳରେ ଲୋକେ ନିଛାଟିଆ ସ୍ଥାନରେ ଧୂମପାନ କରୁଥିବାର ଦେଖିବାକୁ ମିଳୁଥିଲା । ଏ କ୍ଷେତ୍ରରେ ପୁଲିସ ପ୍ରଶାସନ କିଛିଟା ତତ୍ପରତା ଦେଖାଉଥିଲା । ହେଲେ କିଛି ଦିନ ପରେ ଯେସାକୁ ତେସା ପରିସ୍ଥିତି ଉପୁଜିଥିଲା । ବର୍ତ୍ତମାନ କୋଟପା ଆଇନ କେବଳ କାଗଜ କଲମ ମଧ୍ୟରେ ସିମୀତ ରହିଯାଇଥିବା ଜଣାପଡିଛି । ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ସମେତ ସର୍ବସାଧାରଣ ସ୍ଥାନରେ ବେଧଡକ ଭାବେ ଧୂମପାନ କରୁଥିବାର ଦେଖିବାକୁ ମିଳିଛି । ୨୦୧୯ ମସିହାରେ ସଂଶୋଧ ଆଇନ ବଳରେ ତମାଖୁ ଜାତୀୟ ସାମଗ୍ରୀ ପ୍ୟାକେଟ ଉପରେ ୭୦% ସ୍ଥାନରେ ସ୍ୱାସ୍ଥ୍ୟ ସଚେତନତା ଓ ଏହା ଦ୍ୱାରା ଘଟୁଥିବା କ୍ଷତିର ସାଙ୍କେତିକ ଚିହ୍ନ ରହିବାକୁ ବାଧ୍ୟତାମୂଳକ କରାଯାଇଥିଲା । ଏପରିକି ନିକୋଟିନ ଯୁକ୍ତ ପାନମସଲା ବିକ୍ରି ବନ୍ଦ କରାଯାଇଥିଲା । ୧୮ ବର୍ଷ ବୟସର କମ୍ ପିଲାମାନଙ୍କୁ ପାନ,ବିଡ଼ି, ସିଗାରେଟ, ମାଓ୍ୱାମସଲା ଗୁଟଖା ଆଦି ବିକ୍ରି ନକରିବା ପାଇଁ ନିୟମ କଡାକଡି କରାଯାଇଥିଲା । ହେଲେ କିଛି ଗୁଟଖା ଓ ମାଓାମସଲା ପ୍ରସ୍ତୁତକାରୀ କମ୍ପାନୀଏହି ନିୟମକୁ ପାଳନ କରୁଥିବା ବେଳେ ବହୁ ପ୍ରସ୍ତୁତକାରୀ କମ୍ପାନୀ ଏହି ନିୟମକୁ ପାଳନ କରୁନଥିବା ଦେଖିବାକୁ ମିଳିଛି । ସେମାନେ ବେଧଡକ ଭାବେ ଲୁଚାଛପାରେ ଲକାରବାର ଚଳାଇ ଆସୁଛନ୍ତି । ଯାଜପୁର ଜିଲ୍ଲାର ୨ୟ ବୃହତ୍ତମ ବଜାର ଚଣ୍ଡିଖୋଲ ଓ ଧନମଣ୍ଡଳ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବହୁ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ପରିସରରେ ପାନ, ବିଡି, ସିଗାରେଟ, ମାମସଲା ଗୁଟଖା ସମେତ ନିକୋଟିନ ଯୁକ୍ତ ସାମଗ୍ରୀ ବିକ୍ରି କରାଯାଉଥିବାର ଦେଖିବାକୁ ମିଳିଛି । ଯାହା ଫଳରେ ଦୋକାନୀ ମାନେ ଲାଭ ପାଇବା ଆଶାରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଘଂନ କରି ୧୮ ବର୍ଷ ବୟସର କମ୍ ଶିଶୁ ମାନଙ୍କୁ ପାନ, ବିଡ଼ି, ସିଗାରେଟ, ମାଓ୍ୱାମସଲା ଗୁଟଖା ସମେତ ନିକୋଟିନ ଯୁକ୍ତ ସାମଗ୍ରୀ ବିକ୍ରି କରୁଥିବାର ଜଣାପଡିଛି । ଫଳରେ ସଂଶୋଧ କୋଟପା ଆଇନ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ପାଲଟିଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଶଙ୍ଖଚିଲା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ମଣ୍ଡଳୀ ମନୋନୟନ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ ଅନ୍ତର୍ଗତ ବହୁ ପୁରାତନ ଶଙ୍ଖଚିଲା ଦୁର୍ଗା ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଶଙ୍ଖଚିଲା ଅନ୍ତର୍ଗତ ବାର ପାଟଣା ଗ୍ରାମରୁ ଗ୍ରାମ କମିଟି ଦ୍ୱାରା ମନୋନୀତ ସଭ୍ୟ ତଥା ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ଏହି ଦୁର୍ଗା ପୂଜା କମିଟି ବର୍ଷ ତମାମ ବିଭିନ୍ନ କାର୍ଯ୍ୟ କରିଥାଏ । ଚଳିତ ତିନି ବର୍ଷ ପାଇଁ ଆବାହକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଭାବେ ଶ୍ରୀଧର ସାହୁ, ଉପସଭାପତି-ମଣି ଚରଣ ପଣ୍ଡା, ସମ୍ପାଦକ ଖଗେଶ୍ୱର ପୃଷ୍ଟି, ସହ ସମ୍ପାଦକ - ନିର୍ମଳ କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ଦେବେଶ କୁମାର ପୋଥାଳଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇଛି । ଏଥିରେ ଅନ୍ୟତମ ବରିଷ୍ଠ ସଭ୍ୟ ଭାବେ ବାବୁଲାଲ ଗୁରୁ, ଅକ୍ଷୟ କୁମାର ଜେନା, ଆନନ୍ଦ ଚନ୍ଦ୍ର ସାହୁ, ଦୋଳଗୋବିନ୍ଦ ମଲ୍ଲିକ, ଗଜେନ୍ଦ୍ର କୁମାର ମହାକୁଡ଼, ଅକ୍ଷୟ କୁମାର ନାୟକ, ରାଘବ ସାହୁ, ମହେନ୍ଦ୍ର କୁମାର ନାୟକ, ଦିଲିପ୍ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୂର୍ବତନ ସମ୍ପାଦକ ସ୍ୱର୍ଗତ ନବଘନ ସାହୁ ଙ୍କ ଉଦେଶ୍ୟ ରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସଭାସାଙ୍ଗ ହୋଇଥିଲା



## ଅଧାରେ ଅଟକିଛି ଧାନ ଖଳା ନିର୍ମାଣ କାର୍ଯ୍ୟ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ବଜାର ପଡ଼ିଆ ନିକଟରେ ନିର୍ମାଣ ହେଉଥିବା କଂକ୍ରିଟ ଧାନ ଖଳା ବର୍ଷେ ପାଖାପାଖି ହେବ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଯାହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ, ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ବଜାର ପଡ଼ିଆଠାରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ୨୦୨୩/୨୪ ଆର୍ଥିକ ବର୍ଷରେ ସିଡିପିଟିଏଫ୍ ଯୋଜନାରେ ୭ଲକ୍ଷ ୩୨ ହଜାର ବ୍ୟୟ ଅଟକଳରେ ଶସ୍ୟ କ୍ଷେତ୍ର ନିର୍ମାଣ (କଂକ୍ରିଟ ଧାନ ଖଳା) ହେଉଛି। ଏହି କାର୍ଯ୍ୟକୁ ବିଭାଗୀୟ ସମ୍ପାଦନା ହେଉଥିବା ସୂଚନା ଫଳକରୁ ଜଣାପଡିଛି। ହେଲେ ଏହି କାର୍ଯ୍ୟ ନାମକୁ ମାତ୍ର ବିଭାଗ ସମ୍ପାଦନ କରୁଥିବାବେଳେ ବର୍ତ୍ତମାନ ଆମପାଣି ମଣ୍ଡଳ ବିଜେପିର ଆଗଧାଡିର ଜଣେ ପଦାଧିକାରୀ ଏହି କାମ କରୁଥିବା ଜଣାପଡିଛି। ଅନ୍ୟପଟେ କାମ ଭାଗବଣ୍ଟାକୁ ନେଇ ଆରମ୍ଭରେ ବିଜେପି କର୍ମୀ, କର୍ମୀ ମଧ୍ୟରେ ବୁଝାମଣା ଅଭାବ ଓ କର୍ମୀଙ୍କ ଅସନ୍ତୋଷ କାରଣରୁ ବର୍ଷେ ପାଖାପାଖି ହେବ ଏହି କଂକ୍ରିଟ ଧାନ ଖଳା ନିର୍ମାଣ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥବଳୀ ପଡ଼ିଯାଇଛି ବୋଲି ଚର୍ଚ୍ଚା ଆଲୋଚନା ହୋଉଛି। ଅନ୍ୟପଟେ ଶାସକ ଦଳର ବିଧାୟକଙ୍କ ପାଖ ଲୋକ ବୋଲି କାମ କରୁଥିବା ବ୍ୟକ୍ତି ଜଣକ କାର୍ଯ୍ୟ ଆରମ୍ଭରେ ଚାଷୀ ମାନଙ୍କ କଥାକୁ ଅଣଦେଖା କରି ଚାଷୀ ନିରୁପଣ କରିଥିବା ସ୍ଥାନରେ କାର୍ଯ୍ୟ ନକରି ନିଜ ଇଚ୍ଛାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହାକୁ ନେଇ ଚାଷୀମାନେ ଅନେକ ସମୟରେ ବିଡ଼ିଓ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ। ବର୍ତ୍ତମାନ ଚାଷ କାର୍ଯ୍ୟ ଆଗେଇ ଥିବାବେଳେ କିଛିଦିନ ଭିତରେ ସଫଳ ଅମଳ ହେବାର ସମୟ ରହିଛି। ହେଲେ କଂକ୍ରିଟ ଧାନ ଖଳା ନିର୍ମାଣରେ ବିଜେପି ଦଳର ଜଣେ ଆଗଧାଡିର କର୍ମୀ କାର୍ଯ୍ୟ କରୁଥିବାବେଳେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ତେଣୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ କୃଷିଜୀବୀ ସମାଜର ଅନେକ ସମସ୍ୟାକୁ ଅଣଦେଖା କରି ଦଳୀୟ କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥକୁ ଆଗ ପ୍ରାଧାନ୍ୟ ଦିଆଯାଉଥିବା ଚାଷୀ କହିଛନ୍ତି। ଯଦି ଏହି ନିତି ଆଗକୁ ଲାଗିରୁହେ ତେବେ ଏହା ଶାସକ ଦଳ ପ୍ରତି ଶୁଭଙ୍କର ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## 'କଳାହାଣ୍ଡିର କୃଷି ଓ କୃଷକ' ସମ୍ପର୍କରେ ଖୋଲା ଆଲୋଚନା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡିର କୃଷିକୁ ଅଧିକରୁ ଅଧିକ ସମୃଦ୍ଧ କରିବା ତଥା ଜିଲ୍ଲାର ହଜାର ହଜାର ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହଜ ପନ୍ଥା ନିର୍ଦ୍ଧାରଣ କରିବାକୁ ଆଖି ଆଗରେ ରଖି ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଏସ୍ଏନ୍ ରେସିଡେନ୍ସିଆଲ୍ ସଭାଗୃହଠାରେ ଏକ ଖୋଲା ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟତଃ ଜିଲ୍ଲାର କୃଷି ତଥା କୃଷକମାନଙ୍କ ବିଭିନ୍ନ ସମସ୍ୟା ସହିତ ଜଡିତରହି ସେମାନଙ୍କ ସମସ୍ୟା ଏବଂ ଦାବି ଗୁଡିକୁ ଲୋକଲୋଚନକୁ ଆଣି ସରକାରଙ୍କ ଉପରେ ସମାଧାନ ପାଇଁ ଚାପ ପକାଇବାର ପ୍ରୟାସ ଜାରି ରଖିଥିବା ଗଣମାଧ୍ୟମର ପ୍ରତିନିଧି ଓ ଆଗଧାଡିର ଅଗ୍ରଣୀ କେତେକ ଚାଷୀଙ୍କୁ ନେଇ ଏହି ଖୋଲା ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥିଭାବେ ବଳିଷ୍ଠ ସାମ୍ବାଦିକ ତଥା ଗବେଷକ ଉମା ଶଙ୍କର କର, ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ସ୍ୱାଧୀନପାତ୍ର, ସୁଶାନ୍ତ ମହାପାତ୍ର, ବିଶିଷ୍ଟ ଚାଷୀ କୃଷ୍ଣଚନ୍ଦ୍ର ନାଗ, ପ୍ରଶାନ୍ତ ପଟ୍ଟଯୋଷୀ, ଦିପ୍ତୀରଞ୍ଜନ ପ୍ରହରାଜ, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ, ଉତ୍ପାଦିତ ଫସଲର ବଜାରୀକରଣ, ଶୀତଳ ଭଣ୍ଡାର ନିର୍ମାଣ, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ରାଜ୍ୟରେ କୃଷି କମିଶନ ଗଠନ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ବହୁ କୃଷି ସମସ୍ୟା ରହିଛି। ସେଥିମଧ୍ୟରୁ ଉପଯୁକ୍ତ କୃଷି ଭିତ୍ତିଭୂମି ପାଇଁ ଜମିଜମାର ରେକର୍ଡ ସଂଶୋଧନ ସହିତ ଅଭାବୀ ବିକ୍ରୀ ସମସ୍ୟାର ସମାଧାନ କରାଯିବାର ଆବଶ୍ୟକତା ରହିଛି ବୋଲି ଆଲୋଚନା କରାଯାଇଥିଲା। ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ଚାଷ ଓ ଚାଷୀଙ୍କୁ ଫୋକସ୍ କରାଯିବା ସହିତ କୃଷି ଶ୍ରମିକ ବିଶେଷ କରି ମହିଳା କୃଷି ଶ୍ରମିକ ଓ ଶିକ୍ଷିତ ଯୁବକ ଯୁବତୀଙ୍କୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି ଏବଂ ମନରେଗା ଭଳି ଯୋଜନାକୁ ଚାଷ ଓ ଚାଷୀଙ୍କ ହିତ ପାଇଁ ବିନିଯୋଗ କରାଯିବା ଉଚିତ ବୋଲି ବହୁ ସାମ୍ବାଦିକ ଓ ଚାଷୀମାନେ ପ୍ରସ୍ତାବ ରଖିବା ସହ ଏହି ପ୍ରସଙ୍ଗ ଗୁଡିକୁ ଆଗାମୀ ଦିନରେ ବିଧାନସଭାରେ ପଉପସ୍ଥାପିତ କରିବା ପାଇଁ ସମସ୍ତେ ବିଧାୟକ କ୍ୟାପଟେନ୍ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାରେ କୃଷି ଯନ୍ତ୍ରପାତି ଓ ଉପକରଣ କିଣିବାରେ ରିହାତି, ସଘନ ଚାଷ ପ୍ରଣାଳୀର ବ୍ୟବହାର, କୃଷି ଭିତ୍ତିକ ପ୍ରୋସେସିଂ ୟୁନିଟ ସ୍ଥାପନ, ଜିଲ୍ଲା ବ୍ୟାପି ଶୀତଳ ଭଣ୍ଡାର ସ୍ଥାପନ, ଚାଷୀ ଦ୍ୱାରା ଉତ୍ପାଦିତ ଫସଲ ମଧ୍ୟରୁ ୮୦ ପ୍ରତିଶତ ମଣ୍ଡିରେ ବିକ୍ରି ଓ ବାଧ୍ୟତାମୂଳକ ୨୦ ପ୍ରତିଶତ ବିହନ ଭାବେ ବ୍ୟବହାର, କୃଷକ ସଂଗଠନ ଗୁଡ଼ିକୁ ସଶକ୍ତ କରିବା, ଆଖୁଚାଷକୁ ପ୍ରୋତ୍ସାହନ ଓ ଦେଶୀଗୁଡ଼ ପ୍ରସ୍ତୁତି ୟୁନିଟ ସ୍ଥାପନ, ଗୋପାଳନ, ମତ୍ସ୍ୟ ଚାଷ, ଆମ୍ବଚାଷ ପାଇଁ ପ୍ରୋତ୍ସାହନ, ପ୍ରବାହ ଜଳସେଚନ ବଦଳରେ ଉଠା ଜଳସେଚନ ଉପରେ ଗୁରୁତ୍ୱ ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱାରା ନିର୍ମିତ ସ୍ଥାପନର ଆବଶ୍ୟକତା ରହିଛି। ସାରା ରାଜ୍ୟରେ କୃଷିରେ ଅଗ୍ରାଧିକାର ହାସଲ କରିଥିବା କଳାହାଣ୍ଡି ପାଇଁ ଏକ ସ୍ୱତନ୍ତ୍ର ପଲିସୀର ଆବଶ୍ୟକତା ରହିଛି ବୋଲି ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସାମ୍ବାଦିକଙ୍କ ସହିତ ଚାଷୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ପ୍ରତିନିଧି ବିଦ୍ୟାଧର ସାହୁ ସମ୍ବର୍ଦ୍ଧିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଇଷ୍ଟର୍ଣ୍ଣ ପ୍ରେସ ଏଜେନ୍ସି (ଇପିଏ)ର ପ୍ରତିଷ୍ଠାତା ଅନିଲ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆୟୋଜିତ ସ୍ମୃତି ସମ୍ମାନ ପ୍ରତିଭା ଭାବେ କଳାହାଣ୍ଡି ଜିଲ୍ଲା ପ୍ରତିନିଧି ବିଦ୍ୟାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଗତ ସୋମବାର ଦିନ ଇପିଏର ମୁଖ୍ୟ ସମ୍ପାଦିକା ଅଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଦେବୀ ମିଶ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସମେତ ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗଦେଇ ଦିବଙ୍ଗତ ସାମ୍ବାଦିକ ଅନିଲ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଚନା ଯୋଗ୍ୟ ଯେ, ସାମ୍ବାଦିକ ଶ୍ରୀ ସାହୁ ଦୀର୍ଘ ୪୦ବର୍ଷ ହେଲା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସିରେ ଜଡିତ ହୋଇ ନିଜର ଦାୟିତ୍ୱ ତୁଲାଇ ଆସୁଛନ୍ତି । ଅନେକ ସ୍ମରଣୀୟ ଓ ସଂସ୍କାରମୂଳକ ଫଟୋଚିତ୍ର ଉତ୍ତୋଳନ ସହ ଖବର ପ୍ରଦାନ କରି ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଖବର ଗୁଡିକୁ ପ୍ରକାଶ କରି ବେଶ୍ ପ୍ରଶଂସିତ ହୋଇଛନ୍ତି।

## ଓଡିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘର ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଓଡିଶା ଅଣ ଗେଜେଟେଡ୍ ବନସେବା ସଂଘ ଭବାନୀପାଟଣା ଶାଖାର ପ୍ରଥମ ସାଧାରଣ ପରିଷଦ ବୈଠକ ଟାଉନହଲ୍ ଠାରେ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ ଭବାନୀପାଟଣା ସର୍କଲ ସନ୍ତୋଷି ଯୋଷୀ, ସମ୍ମାନିତ ଅତିଥି ରମେଶ କୁମାର ବନଖଣ୍ଡ ଅଧିକାରୀ କଳାହାଣ୍ଡି (ଉତ୍ତର) ବନଖଣ୍ଡ, ସମ୍ମାନିତ ଅତିଥି ଆର୍ କଲାଇବନ୍ ?ନ୍ ବନଖଣ୍ଡ ଅଧିକାରୀ (ଦକ୍ଷିଣ) ବନଖଣ୍ଡ, ମୁଖ୍ୟବକ୍ତା ଜଗବନ୍ଧୁ ପାତ୍ର ରାଜ୍ୟସଭାପତି ଓଡିଶା ଅଣଗେଜେଟେଡ ବନସେବା ସଂଘ (ଭୁବନେଶ୍ୱର) ସମ୍ମାନୀତ ଅତିଥି ଖଗେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲାବେଳେ ରାଜ୍ୟସଂଘ ଅଧ୍ୟକ୍ଷ ଓ ରାଜ୍ୟ ଉପସଭାପତି ଭବାନୀଶଙ୍କର ପରିଚ୍ଛା ସଭା ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟ ବୈଠକରେ ମୁଖ୍ୟବକ୍ତାଙ୍କ ଦ୍ୱାରା ସମ୍ପାଦକୀୟ ବିଶ୍ଳେଷଣ କରିବା ପରେ, ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପଟ୍ଟଯୋଷୀ ସଂଘର ଦାବୀ ଉପରେ ଗୁରୁତ୍ୱଦେଇ ମୋ ମାଧ୍ୟମରେ ଯାହାକିଛି ହୋଇପାରିବ ରାଜ୍ୟ ସରକାରଙ୍କୁ ଜଣାଇ ଆପଣମାନଙ୍କ ଦାବୀପୂରଣ କରାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉପସ୍ଥିତ ସମ୍ମାନୀତ ଅତିଥିମାନେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ କର୍ମଚାରୀମାନଙ୍କୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ଏହି ବୈଠକର ଦ୍ୱିତୀୟ ଅଧିବେଶନରେ ଆଗାମୀ ଦୁଇବର୍ଷ ପାଇଁ ଭବାନୀପାଟଣା ଯୋନ୍‌ର କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ପ୍ରକ୍ରିୟା ରାଜ୍ୟ ସଂଘ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଭବାନୀପାଟଣା ଯୋନ୍‌ର ନବ ନିର୍ବାଚିତ ସଭାପତି ଭାବରେ ନୀଳକଣ୍ଠ ସାହୁ, ଉପସଭାପତି ମଙ୍ଗଳୁ ବେହେରା, ଯୋନ୍ ସଂପାଦକ ସୁଶିଲ ମହାନନ୍ଦ, ଯୁଗ୍ମ ସମ୍ପାଦକ ସଂଯୁକ୍ତା ବେହେରା, ସହସମ୍ପାଦକ ସରିତା ପୁଝାରୀ ଏବଂ କୋଷାଧ୍ୟକ୍ଷ ଉତ୍ତମ ମେହେର ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ ହୋଇଥିଲେ। ଏହି ପରିଷଦ ବୈଠକରେ ଭବାନୀପାଟଣା ସର୍କଲର ୧୧ ଗୋଟି ବନଖଣ୍ଡର ପ୍ରାୟ ୩୦୦ କର୍ମଚାରୀ ଉପସ୍ଥିତ ଥିଲେ।ଶେଷରେ ରାଜ୍ୟ ସଂଘ ଉପସଭାପତି ଭବାନୀଶଙ୍କର ପରିଚ୍ଛା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ମୃତ୍ୟୁ: ଆତ୍ମହତ୍ୟା ସନ୍ଦେହ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ଥାନା ଅନ୍ତର୍ଗତ ଗତ ପର୍ଲା ପଞ୍ଚାୟତ ଅଧିନ ସେମେଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗଛରେ ଜଣେ ଲୋକ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ସେମେଲା ଗ୍ରାମର ଧନୁର୍ଯ୍ୟୟ ବାଗ( ୪୨)। ମଙ୍ଗଳବାର ଦିନ ସକାଳ ପ୍ରାୟ ୮ଘଣ୍ଟା ସମୟରେ ଏକ ଗଛ ରେ ଝୁଲନ୍ତା ମୃତ ଦେହ ଲୋକେ ଦେଖିବାକୁ ପାଇଥିଲେ। ତେବେ କାରଣ ଅସ୍ପଷ୍ଟ ରହିଥିଲେ ହିଁ ରୋଗୀଣା ସ୍ତ୍ରୀ ର ଚିକିତ୍ସା ବୋଝ ଦୀର୍ଘଦିନରୁ ଲାଗି ରହିଥିଲା। ସେବେଠୁ ସେ ମାନସିକ ଚାପ ରେ ରହି ଆତ୍ମହତ୍ୟା କରିଥିବା ସାଧାରଣରେ ଚର୍ଚ୍ଚା ହୋଉଛି। ତାଙ୍କର ୩ଟି ପୁଅ ଓ ରୋଗାକ୍ରାନ୍ତ ସ୍ତ୍ରୀ ଏବେ ବେସାହାରା ପାଲଟି ଯାଇଛି।ଘଟଣା ସ୍ଥଳରେ ଧର୍ମଗଡ ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଡାକ୍ତରଖାନା ପଠାଇ ଥିବା ଜଣାପଡିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କାରଣ ସ୍ପଷ୍ଟ ଜଣା ପଡିବ ବୋଲି ପୋଲିସ ସୂଚନା ଦେଇଛି।

## ୧୪୧ ଅଭିଯୋଗରୁ ୩୧ ତୁରନ୍ତ ସମାଧାନ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ଚହକା ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪୧ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୧ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ପ୍ରତି ଗାଁ ଗାଁ ବସ୍ତି ପଡା ପଡା ରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଏବିଇଓ ଲିନା ଦାଶ, ସରପଞ୍ଚ ହେମବନ୍ତି ତାଣ୍ଡି, ସାମାଜିକ ସୁରକ୍ଷା ବିଭାଗ ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ରାଜସ୍ୱ ନିରୀକ୍ଷକ ପଟ୍ଟଯୋଶୀ ବାବୁ, ଯୋଗାଣ ବିଭାଗରୁ ରୁପେଶ ବେମାଲ, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟ ଜଳ ବିଭାଗରୁ ସୁବାସ ପଣ୍ଡା ଏସବିଏମ ବିଭାଗରୁ ନିତ୍ୟା ତାଣ୍ଡି, ବ୍ଲକ କୃଷି ଅଧିକାରୀ ନାଉକେଶ୍ୱର ନାଗ, ପିଇଓ ଗିରିଶ ଚନ୍ଦ୍ର ଶବର, ଏଡିଇଓ ସୂର୍ଯ୍ୟ ବାଗ ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଓ ଚହକା ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଭାଗୃହ ଠାରେ ୭୯ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଦୀପକ କୁମାର ବେହେରା, କୋକସରା ଥାନା ଅଧିକାରୀ ଜୟ ପ୍ରକାଶ ନାରାୟଣ ହୋତା, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ବ୍ଲକ ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କର୍ଣ୍ଣ ବେହେରା, ପୁରୁଷୋତ୍ତମ ଦାସ ଗୁପ୍ତା, ସୁନ୍ଦର ନାଏକ, ତ୍ରିଭୁବନ ନାଏକ, ପିଇଟି ଅମିତ୍ କୁମାର ମହାନ୍ତି, ରାମଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ ସିଙ୍ଗଲ, କ୍ଷିରସିନ୍ଧୁ ନେଗୀ, ରବି ନାରାୟଣ ଦାସ ସମେତ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସ୍ୱାଧିନତା ଦିବସ କେମିତି ସୁରୁଖୁରୁରେ ପାଳନ ହେବ ସେନେଇ ଆଲୋଚନା କରାଯାଇଥିଲା। ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ବଡଚେରଗାଁ ନଦୀ ରାସ୍ତା ଶୋଚନୀୟ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ ସଦରମହୁକୁମା ଭବାନୀପାଟଣାକୁ ସଂଯୋଗ କରୁଥିବା ବଡଚେରଗାଁ ତେଲନଦୀ ବ୍ରିଜ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ବେଳେ ବର୍ତ୍ତମାନ ଏହି ପିଚୁ ରାସ୍ତା ଉପରେ ମୋରମ ପ୍ୟାଚ ହେଉଥିବା ଘଟଣା ପରିତାପର ବିଷୟ ପାଲଟିଛି। ଗତ ୨୦୨୭/୧୮ ମସିହାରେ ଜିଲ୍ଲା ସଦରମହୁକୁମା ଭବାନୀପଟଣାକୁ ଗମନାଗମନର ସୁବିଧା ପାଇଁ ଗୋଲାମୁଣ୍ଡା ବ୍ଲକର ବଡଚରେଗାଁ ପାଖରେ ଥିବା ତେଲ ନଦୀ ଉପରେ ରାଜ୍ୟ ସରକାର ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ପୋଲ ନିର୍ମାଣ କରିଥିଲେ। ବଡଚେରଗାଁ ପାଖ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରୁ ୫୦୦ ମିଟର ରାସ୍ତା ସଂପୃକ୍ତ ପୋଲ ନିର୍ମାଣକାରୀ ସଂସ୍ଥା ରାସ୍ତା କାର୍ଯ୍ୟ କରିଥିଲା। ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ପିଚୁ କାମ ହେଉଥିବାରୁ ସେ ସମୟରେ ସ୍ଥାନୀୟ ଲୋକେ ଏହି କାମକୁ ବିରୋଧ କରିବା ସହିତ ସଂପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଏହି ରାସ୍ତା ନିମ୍ନମାନର ହୋଇଥିବା ବେଳେ ବର୍ତ୍ତମାନ ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇ ଗଲାଣି। ଏହି ରାସ୍ତା ଉପରେ ଗୋଲାମୁଣ୍ଡା ବ୍ଲକର ୮ ଗୋଟି ଗ୍ରାମପଞ୍ଚାୟତର ଲୋକେ ସଦର ମହୁକୁମା ଭବାନୀପାଟଣାକୁ ଯିବା ଆସିବା କରିଥାନ୍ତି। ରାସ୍ତା ଶୋଚନୀୟ ହୋଇ ଆଣ୍ଠୁଏ ଆଣ୍ଠୁଏ ଖାଲରେ ଯିବା ଆସିବା କରିବାପାଇଁ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ପାଖରେ ବଡଚେରଗାଁ ଉଚ୍ଚ ବିଦ୍ୟାଳୟ ଥିବା ବେଳେ ବଡ଼ ବଡ଼ ଖାଲରେ ସ୍କୁଲ ଛାତ୍ରଛାତ୍ରୀ ଅନେକ ସମୟରେ ପଡ଼ିଯାଇ ଲହୁଲୁହାଣ ହେଉଥିବା ଦେଖିବାକୁ ମିଳିଛି। ରାସ୍ତାରେ ବଡ଼ ବଡ଼ ଖାଲ ହୋଇଥିବା ଯୋଗୁଁ ସ୍ଥାନୀୟ ଲୋକେ ମୋରମ କାଇ ପ୍ୟାଚ କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଯୁଗରେ ସରକାର ଗାଁକୁ ପକ୍କା ସଡ଼କରେ ଯୋଡିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ ଯୋଜନା କରୁଥିବ ବଳେ ବଡଚେରଗାଁ ନଦୀ ପିଚୁ ରାସ୍ତାରେ ଉପରେ ମୋରମ ପ୍ୟାଚ ଘଟଣା ସଂପୃକ୍ତ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ରାସ୍ତାକୁ ଯଥା ଶିଘ୍ର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନିଶା ନିବାରଣ ଓ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ



ଜୁନାଗଡ଼ (ଭାସ୍କର ନ୍ୟୁଜ୍): ଜୁନାଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ଆମ ଓଡ଼ିଶା ପକ୍ଷରୁ ସ୍ଥାନୀୟ ସମ୍ବାଦ ପ୍ରତିନିଧି ସୁନ୍ଦର ମୋହନ ଛତ୍ରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବାଦ ସାହିତ୍ୟ ଘରର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ନିଶା ନିବାରଣ ଓ ରାଖୀ ବନ୍ଧନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଜୁନାଗଡ଼ ସିଟିଜନ ଫୋରମର ସଭାପତି ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନିଶା ନିବାରଣ ସମ୍ବନ୍ଧୀୟ ମତ ରଖିଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଶ୍ୱନାଥ କର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କୁବେର ସମାଜର ସଭାପତି ଉଦ୍ଧବ ଚରଣ ସାହୁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁ, ଓକିଲ ନବ କିଶୋର ବେହେରା, ଶିକ୍ଷକ ମଳୟ ମୁଣ୍ଡ, ନିରଞ୍ଜନ ସାହାଣୀ, ମନୋଜ ମେହେର ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଷମା ଶିଳା ଛତ୍ରିଆ, ଲିନା ରାଣୀ ସାହୁ ଏବଂ ବିଦ୍ୟାଳୟର ଛାତ୍ରୀ ଟିକେଶ୍ୱରୀ ଓ ସେହ୍ନ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଭାଗିରଥି ସାଗର ପରିଚାଳନା କରିଥିବାବେଳେ ସିଆର୍‌ପି ନେପୁର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ତଥା ମିଶନ ଶକ୍ତିର ମହିଳା ସହଯୋଗ କରିଥିଲେ।

## ରାଶିଫଳ

**ବୁଧବାର, ୧୩ ଅଗଷ୍ଟ ୨୦୨୫**



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଜ୍ୟୋତିଷ ପ୍ରଶ୍ନ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯